

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୫ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 25 JUNE 2025

Vol.No. 36 ■ No.166 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ବିଶ୍ୱକୁ ସାମୟିକ ଆଶ୍ୱସ୍ତି: ୧୨ ଦିନରେ ଯୁଦ୍ଧ ବିରାମ

## ଯୁଦ୍ଧ ବିରତି ପରେ ବି ଇରାନର ହମଲା: ଜବାବ ଦେବାକୁ ଅଣ୍ଟା ଭିଡ଼ିଲା ଇସ୍ରାଏଲ



ନୂଆଦିଲ୍ଲୀ,୨୪/୬ : ଇରାନ-ଇସ୍ରାଏଲ ଯୁଦ୍ଧରେ ଲାଗିଲା ବ୍ରେକ୍ । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ଇରାନ କତାରକୁ ଧନ୍ୟବାଦ ଦେଇଛି । ଇରାନର ଉପ-ବୈଦେଶିକ ମନ୍ତ୍ରୀ ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବାରେ ସାହାଯ୍ୟ ପାଇଁ କତାରକୁ କୃତଜ୍ଞତା ଜଣାଇଛନ୍ତି । ଇରାନୀ ସୁରକ୍ଷା ଅଧିକାରୀ କହିଛନ୍ତି, ଯୁଦ୍ଧବିରତି କାର୍ଯ୍ୟକାରୀ ହେବା ପରେ ଇସ୍ରାଏଲ ଉପରେ କୌଣସି କ୍ଷେପଣାସ୍ତ୍ର ମାଡ଼ କରାଯାଇ ନାହିଁ । ସିଏନଏନ ରିପୋର୍ଟ ଅନୁଯାୟୀ, ଇରାନୀ ଅଧିକାରୀ କହିଛନ୍ତି, ଏପର୍ଯ୍ୟନ୍ତ ଶତ୍ରୁ ଉପରେ କୌଣସି କ୍ଷେପଣାସ୍ତ୍ର ମାଡ଼ କରାଯାଇ ନାହିଁ । ସେପଟେ କିନ୍ତୁ ଇସ୍ରାଏଲ କହିଛି, ସକାଳେ ଇରାନ ମିସାଇଲ ଆକ୍ରମଣ କରିଛି ଯେଉଁଥିରେ ୫ଜଣ ନାଗରିକଙ୍କ ମୃତ୍ୟୁ ହୋଇଛି । ଯୁଦ୍ଧବିରତି ପରେ, ଇରାନ ଇସ୍ରାଏଲ ଉପରେ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି । ଇସ୍ରାଏଲୀ ସେନା ଏହାର କଡ଼ା ଜବାବ ଦେଇଛି । ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇୟାଲ୍ ଜମିର କହିଛନ୍ତି, ଇରାନ ଗମ୍ଭୀର ଭାବରେ ଅସ୍ତ୍ରବିରତି ଉଲ୍ଲଂଘନ କରିଛି, ଆମେ ପୂର୍ଣ୍ଣ ବଳ ସହିତ ଜବାବ ଦେବୁ । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ପ୍ରଭାବିତ ହୋଇଥିବା ବିମାନ ସେବା ଏବେ ଧୀରେ ଧୀରେ ସ୍ୱାଭାବିକ ହେଉଛି । ସିରିଆ ଗଣମାଧ୍ୟମ ଅନୁଯାୟୀ, ସିରିଆ ତାର ଆକାଶ ମାର୍ଗକୁ ଖୋଲିଛି । ଏହା ବ୍ୟତୀତ କତାର, ଓମାନ ଏବଂ ଇରାକ ଭଳି ଅନ୍ୟ ଦେଶ ମଧ୍ୟ ସେମାନଙ୍କର ଆକାଶ ମାର୍ଗକୁ ଖୋଲିଛନ୍ତି । ଆମେରିକାର ମଧ୍ୟସ୍ଥତାରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହେବାର କିଛି ଘଣ୍ଟା ପରେ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଏକ କଡ଼ା ବୟାନ ଦେଇଛନ୍ତି । ଖାମେନି କହିଛନ୍ତି, ଇରାନ ଏପରି ଏକ ଦେଶ ନୁହେଁ ଯେ ମୁଣ୍ଡ ନୁଆଁଇବ । ଇସ୍ରାଏଲ ଉପରେ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ ହେବା ପରେ, ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍ଜ ଏକ କଡ଼ା ଚେତାବନୀ ଦେଇଛନ୍ତି । ଟାଇମ୍ସ ଅଫ୍ ଇସ୍ରାଏଲ ଅନୁଯାୟୀ, କାଟ୍ଜ କହିଛନ୍ତି, ଇରାନ ଆକ୍ରମଣର ଜବାବ ପାଇଁ ଆଇଡିଏଫ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ଘୋଷଣା ସତ୍ତ୍ୱେ, ଆମେରିକାର ▶▶ପୃଷ୍ଠା ୭

## ହ୍ୱାଟ୍ସଆପରେ ସମସ୍ୟା ଶୁଣିବେ ସରକାର: ଗୋଟିଏ କ୍ଲିକ୍‌ରେ ଘରୁ ହେବ ସମାଧାନ

ଭୁବନେଶ୍ୱର, ୨୪/୬ (ନି.ପ୍ର): ଆନ୍ଧ୍ରପ୍ରଦେଶ ଭଳି ହ୍ୱାଟ୍ସଆପ୍ ଚାଟବଟ୍ କାର୍ଯ୍ୟକାରୀ କରିବାକୁ ଓଡ଼ିଶାରେ ଆରମ୍ଭ ହୋଇଛି ପ୍ରକ୍ରିୟା । ଏଥିରେ ଲୋକେ ଘରେ ବସି ସରକାରଙ୍କୁ ସମସ୍ୟା ଜଣାଇବେ । ଆଜି ସଚିବସ୍ତରୀୟ ବୈଠକରେ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍‌କୁ କାର୍ଯ୍ୟକାରୀ କରିବାକୁ ଆଲୋଚନା ହୋଇଛି । ଏଥିଦ୍ୱାରା ସମ୍ପୂର୍ଣ୍ଣ ଭାବେ ଏହା ପରିଚାଳିତ ହେବ । ସ୍ୱଚ୍ଛତାର ସହ ଦ୍ରୁତ ଗତିରେ ସମସ୍ୟା ସମାଧାନ ପାଇଁ ଏଭଳି ହାଇଟେକ୍ ବ୍ୟବସ୍ଥାକୁ ଆପଣାଇବାକୁ ଯାଉଛନ୍ତି ଓଡ଼ିଶା ସରକାର । ପୂର୍ବରୁ ୭ ମାର୍ଚ୍ଚ ୨୦୨୫ରେ ମେଟା ସହ ହ୍ୱାଟ୍ସଆପ୍ ବଟ୍‌କୁ ନେଇ ଏମ୍‌ଓୟୁ କରିଥିଲେ ରାଜ୍ୟ ସରକାର । ଆନ୍ଧ୍ରପ୍ରଦେଶ ଶାସନତନ୍ତ୍ରରେ ହ୍ୱାଟ୍ସଆପ୍ ଚାଟବଟକୁ ଆପଣାଇଛି । ସମସ୍ତଙ୍କ ସମସ୍ୟା ଶୁଣିବାକୁ ଜାରି ହୋଇଛି ଗୋଟିଏ ୟୁନିଫାଏଡ୍ ହ୍ୱାଟ୍ସଆପ୍ ନମ୍ବର । ଯାହା ମାଧ୍ୟମରେ ଘରେ ବସି ଲୋକ ସରକାରଙ୍କୁ ଜଣାଉଛନ୍ତି ସମସ୍ୟା ଏବଂ ଏହାର ସମାଧାନ ମଧ୍ୟ କରୁଛନ୍ତି ସରକାର । ମୋହନ ସରକାରରେ ଆସିବ 'ଆମ ଶାସନ' । ଗାଁ ଗହଳିରୁ ଲୋକଙ୍କ ଫିଡବ୍ୟାକ୍ ନେବେ ଲୋକଙ୍କ ସରକାର । ଶାସନ ବ୍ୟବସ୍ଥାର ଉତ୍ତରଦାୟିତ୍ୱକୁ ଆହୁରି ଜନାଭିମୁଖି କରିବାକୁ ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ସରକାର । ସୂଚନା ଅନୁସାରେ ଖୁବଶୀଘ୍ର ଆମ ଶାସନ ୱେବସାଇଟ୍ ଆଣିବାକୁ ଯାଉଛନ୍ତି ସରକାର । ▶▶ପୃଷ୍ଠା ୭

## ହିମାଚଳ ହାଇକୋର୍ଟକୁ ବୋମାରେ ଉଡାଇବାକୁ ଧମକ

ଶିମଲା, ୨୪/୬ (ନି.ପ୍ର): ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟକୁ ପୁଣିଥରେ ବୋମାରେ ଉଡାଇଦେବାକୁ ଧମକ ମିଳିଛି । ଏହି ପରେ ରାଜଧାନୀ ଶିମଲାରେ ଆତଙ୍କ ଖେଳିଯାଇଛି । ସାରା ଦେଶରେ ଥିବା ନ୍ୟାୟିକ ପରିସରଗୁଡ଼ିକୁ ଏପରି ଧମକ ଇ-ମେଲ୍ ଦ୍ୱାରା ମିଳିଛି । ଏହାପରେ ସାବଧାନତା ଭାବେ ମଙ୍ଗଳବାର ହିମାଚଳ ପ୍ରଦେଶ ହାଇକୋର୍ଟରେ ମଧ୍ୟ ତଲାସୀ ଅଭିଯାନ କରାଯାଇଛି । ଉଚ୍ଚ ନ୍ୟାୟାଳୟ ଭବନକୁ ସମ୍ପୂର୍ଣ୍ଣ ଭାବେ ଘେରା ବନ୍ଦ କରାଯାଇଛି । ବୋମା ନିରୋଧକ ଟିମ୍ ସ୍ଥଳରେ ପହଞ୍ଚିଛନ୍ତି ଓ ସମ୍ପୂର୍ଣ୍ଣ ଭବନରେ ତଲାଶି ଅଭିଯାନ ଚାଲାଯାଇଛି । ଏପର୍ଯ୍ୟନ୍ତ ଚାଲିଥିବା ତଲାସୀ ଅଭିଯାନରେ କୌଣସି ପ୍ରକାରର ବିସ୍ଫୋଟକ ସାମଗ୍ରୀ ମିଳିନାହିଁ ଏବଂ ପରିସ୍ଥିତି ସାଧାରଣ ରହିଛି । ପୋଲିସ୍ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ସମ୍ପୂର୍ଣ୍ଣ ଆଲର୍ଟ ଅଛନ୍ତି । କୋର୍ଟ ପରିସରରେ କର୍ମଚାରୀ ଓ ସାଧାରଣ ଲୋକଙ୍କ ଆଗମନକୁ ସୀମିତ କରାଯାଇଛି । ସେହିପରି, ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ କଡାକଡି କରାଯାଇଛି ।

## କିଏ ନେଇଗଲା ମହାପ୍ରଭୁଙ୍କ ମୋଦକ ? ବଢିଲା ଦୀଘା ଲିଙ୍କ୍ ସନ୍ଦେହ



ପୁରୀ, ୨୪/୬ (ନି.ପ୍ର): ଯାହାକୁ ସେବନ କରି ଜ୍ୱରରେ ଆକ୍ରାନ୍ତ ମହାପ୍ରଭୁ ସୁସ୍ଥ ହେବା କଥା, ତାକୁ ବି ଚୋରି । ଅର୍ଥାତ୍ ଶ୍ରୀମନ୍ଦିରରେ ଅନବସରରେ ଥିବା ଠାକୁରଙ୍କ ପାଇଁ ରାଜବୈଦ୍ୟଙ୍କ ଘରୁ ଆସିଥିବା ୩୧୩ ଦଶମୂଳ ମୋଦକରୁ ୭୦ଟି ଗାଏବ ଥିବା ନେଇ ଖୋଦ୍ ଭଳଭଦ୍ରଙ୍କ ବାଡ଼ଗ୍ରାହୀ ଆଣିଥିବା ଅଭିଯୋଗ ଆଣିଛନ୍ତି । ତେଣେ ମୋଦକ ଚୋରି ଅଭିଯୋଗ ସତ ବୋଲି କହିଛନ୍ତି ଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ । ଏ ନେଇ ଘଣ୍ଟାଚକଟା ଭିତରେ ମୋଦକ ଚୋରି ହୋଇନଥିବା କହିଛନ୍ତି ଆଇନମନ୍ତ୍ରୀ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ତଥାପି ଅଭିଯୋଗର ଯାଞ୍ଚ ଚାଲିଛି । ଚୋରି ତ ଚୋରି । ପୁଣି ଚତୁର୍ଦ୍ଧାମୂର୍ତ୍ତିଙ୍କ ଜ୍ୱର ଉପଶମ ପାଇଁ ଆସିଥିବା ଦଶମୂଳ ମୋଦକ ଚୋରି । କିଏ ଚୋରାଇ ନେଲା ମହାପ୍ରଭୁଙ୍କ ଔଷଧ ? ଶ୍ରୀମନ୍ଦିର ଗାରଦ ଘରୁ କେମିତି ଗାଏବ ହୋଇଗଲା ▶▶ପୃଷ୍ଠା ୭

## ପାଣ୍ଡିଆନ୍ ସିଷ୍ଟମ୍ ଉପରେ ମୋହନଙ୍କ ମାଡ଼: ୧୦ ବର୍ଷର ପୁରୁଣା ଫାଇଲ୍ ଖୋଜିଲେ ସିଏମ୍




ଭୁବନେଶ୍ୱର, ୨୪/୬ (ନି.ପ୍ର): ପ୍ରଶାସନିକ କଳରେ ପାଣ୍ଡିଆନ୍ ସିଷ୍ଟମର ଗଫଲତି ଧରିବାକୁ ମୋହନ ସରକାରଙ୍କ ବଡ଼ ପଦକ୍ଷେପ । ୧୦ ବର୍ଷର ଫାଇଲ୍ ଖୋଜି ଇଞ୍ଜିନିୟରିଂ କାମରେ ଆଉଟ୍ ସୋର୍ସିଂ ପ୍ରକ୍ରିୟା ବାଦ୍ ଦେବାକୁ ମୁଖ୍ୟ ସଚିବଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ । ସରକାରଙ୍କ ନିଜସ୍ୱ ଇଞ୍ଜିନିୟରିଂ ବିଭାଗ ଏବଂ ଦକ୍ଷ ଇଞ୍ଜିନିୟର ଥାଉ ଥାଉ କାହିଁକି ଆଉଟ୍ ସୋର୍ସିଂ ସଂସ୍ଥାକୁ କାମ ଦିଆଯାଇଛି ? ସେ ନେଇ ରିପୋର୍ଟ ମାଗିଛନ୍ତି ମୁଖ୍ୟମନ୍ତ୍ରୀ । ପାଣ୍ଡିଆନ୍ ସିଷ୍ଟମ ଉପରେ ମୋହନଙ୍କ ମାଡ଼ । ପ୍ରଶାସନିକ କଳରେ ପାଣ୍ଡିଆନ ଷ୍ଟାଇଲ ଅପରେସନକୁ ହଟାଇବାକୁ ବଡ ପଦକ୍ଷେପ । ଆଉଟସୋର୍ସିଂ ସିଷ୍ଟମ ଚେର ଖୋଜିବାକୁ ପ୍ରୟାସ ଆରମ୍ଭ । ୧୦ ବର୍ଷର ଫାଇଲ୍ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ । ୫ ଇଞ୍ଜିନିୟରିଂ ବିଭାଗରେ କମ୍ପନ । ମୁଖ୍ୟ ଶାସନ ସଚିବଙ୍କୁ ନୋଟ ସିଟ୍ ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଲେଖିଛନ୍ତି ସରକାରଙ୍କ ପାଖରେ ନିଜସ୍ୱ ଇଞ୍ଜିନିୟରିଂ ବିଭାଗ ସହ ଦକ୍ଷ ଦକ୍ଷ ଇଞ୍ଜିନିୟର ଥିବା ବେଳେ, କାହିଁକି ଆଉଟସୋର୍ସିଂ ସଂସ୍ଥାକୁ ଦିଆଯାଉଛି ଇଞ୍ଜିନିୟରିଂ କାମ ? ଏମିତି କି ଛୋଟ ଛୋଟ କାମ, ଆଉ ପ୍ରକଳ୍ପର ସର୍ଭେ, ▶▶ପୃଷ୍ଠା ୭

## ରାଜ୍ୟରେ ଖୋଲିବ ଆଉ ୯ ନୂଆ ମେଡିକାଲ କଲେଜ

ଭୁବନେଶ୍ୱର, ୨୪/୬ (ନି.ପ୍ର): ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଙ୍ଗଳବାର ଏକ ବଡ଼ ସୂଚନା ଦେଇଛନ୍ତି । ରାଜ୍ୟରେ ଆଉ ୯ଟି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଜଗତସିଂହପୁର, ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁରରେ ଏମବିବିଏସ କଲେଜ ପ୍ରତିଷ୍ଠା ହେବ । ଏପରିକି ବୁର୍ଲା, ବ୍ରହ୍ମପୁର, କେନ୍ଦୁଝର ଏବଂ ବଲାଙ୍ଗୀରରେ ୪ଟି ଡେଣ୍ଟାଲ କଲେଜ ହେବା ସହ ମୟୂରଭଞ୍ଜରେ ଗୋଟିଏ ଆୟୁର୍ବେଦ କଲେଜ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ରାଜ୍ୟରେ ନୂଆ ମେଡିକାଲ କଲେଜ ଖୋଲିବା ନେଇ ବଜେଟ ଅନୁମୋଦନ ହୋଇଛି ।

## ଗୋପାଳପୁର ଗଣଦୁଷ୍କର୍ମ ମାମଲା: ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୪/୬ (ନି.ପ୍ର): ଗୋପାଳପୁର ଗଣଦୁଷ୍କର୍ମ ମାମଲା । ୬ ଅଭିଯୁକ୍ତଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇଛି କ୍ରାଇମବ୍ରାଞ୍ଚ । ଏଥିପାଇଁ ବ୍ରହ୍ମପୁର ଏସଡିଜେଏମ ଅନୁମତି ଦେଇଛନ୍ତି । ଅଭିଯୁକ୍ତଙ୍କୁ ନେଇ କ୍ରାଇମସିନ୍ ରିକ୍ରିଏସନ୍ କରିବ କ୍ରାଇମବ୍ରାଞ୍ଚ । ୧୫ ଦିନରେ ତଦନ୍ତ ସାରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିବାକୁ ଲକ୍ଷ୍ୟ ରଖିଛି କ୍ରାଇମବ୍ରାଞ୍ଚ । ଗୋପାଳପୁର ବେଳାଭୂମିରେ କଣ କଣ ସବୁ ଘଟିଥିଲା ? କେଉଁ ପରିସ୍ଥିତି ଏଭଳି ଅଭାବନୀୟ ଘଟଣା ଘଟିଲା ? ଅଭିଯୁକ୍ତମାନଙ୍କ ବିରୋଧରେ ଠୋସ୍ ପ୍ରମାଣ ଯୋଗାଡ ପାଇଁ କ୍ରାଇମବ୍ରାଞ୍ଚ କରିବ କସରତ । ଏହି ମାମଲାରେ ୪ ନାବାଳକଙ୍କ ସମେତ ୧୦ ଜଣଙ୍କୁ ଧରିଥିଲା ପୋଲିସ । ସେମାନଙ୍କ ମଧ୍ୟରେ ୬ ଜଣଙ୍କୁ ଗତ କିଛି ଦିନ ପୂର୍ବେ ଜେଲ ଭିତରେ ପାଡିତା ଟିଆଇ ପରେଡରେ ଚିହ୍ନଟ କରିଥିଲେ । ମାମଲାର ତ୍ୱରିତ ଫଇସଲା ପାଇଁ ଏହାର ବିଚାର ଫାଷ୍ଟଟ୍ରାକ କୋର୍ଟରେ କରାଯିବ । କେବଳ ସେତିକି ନୁହେଁ, ମାମଲା ପରିଚାଳନା ପାଇଁ ସ୍ୱତନ୍ତ୍ର ତଥା ଜଣେ ଅଭିଜ୍ଞ ସରକାରୀ ଓକିଲଙ୍କୁ ନିଯୋଜିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛି କ୍ରାଇମବ୍ରାଞ୍ଚ । ▶▶ପୃଷ୍ଠା ୭

## ଆସାମର ନଗାଓଁ ଜିଲ୍ଲାରେ ୩.୭ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ,୨୪/୬ : ମଙ୍ଗଳବାର ସକାଳେ ଆସାମର ନଗାଓଁ ଜିଲ୍ଲା ଓ ଏହାର ଆଖପାଖ ଅଞ୍ଚଳରେ ପୁଣିଥରେ ଭୂକମ୍ପର ଝଟକା ଅନୁଭବ ହୋଇଛି । ସାତ ଦିନ ପରେ ସକାଳ ୬ଟା ୩୭ମିନିଟ ୧୦ ସେକେଣ୍ଡରେ ଆସିଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର୍ ସ୍କେଲରେ ୩.୭ ରେକର୍ଡ ହୋଇଛି । ଏହି ମୃଦୁ ଭୂକମ୍ପରେ କେହି ଆହତ ହେବା ବା ଅନ୍ୟ କୌଣସି ଧରଣର କ୍ଷତି ହେବାର କୌଣସି ସୂଚନା ନାହିଁ । ଏହା ପୂର୍ବରୁ ୧୭ ଜୁନ ସକାଳ ୧୧ଟା ୧୨ମିନିଟ୍‌ରେ ନଗାଓଁରେ ୩.୨ ତୀବ୍ରତାର ଏକ ଭୂକମ୍ପ ଆସିଥିଲା ।

## ଭିଜିଲାନ୍ସ ଜାଲରେ ଆଉ ୨ ଜଣ ସରକାରୀ ବାବୁ



ଭୁବନେଶ୍ୱର, ୨୪/୬ (ନି.ପ୍ର): ଦରମା ପୁରିଲାନି, ଶେଷରେ ଲାଞ୍ଚ ପାଇଁ ହାତ ପକାଇ ଅକଳରେ ପଡ଼ିଯାଇଛନ୍ତି ସରକାରୀ କର୍ମଚାରୀ । ରାୟଗଡ଼ା ଜିଲ୍ଲା ବିଷମକଟକ ସିଡିପିଓ ଶୁଶିଳା ଶବର ଏବଂ କିରାଣୀ ରାମଚନ୍ଦ୍ର ପାତ୍ର ଭିଜିଲାନ୍ସରେ ପଡ଼ିଛନ୍ତି । ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରି ଉଭୟଙ୍କୁ ଗିରଫ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଚାଟିକଣା ପଞ୍ଚାୟତ ହୁତେଶି ଗାଁର ଅଙ୍ଗନୱାଡି କର୍ମୀ ସୀତା ୱାଡେକାଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଥିଲେ । ସୀତାଙ୍କଠାରୁ ସେମାନେ ▶▶ପୃଷ୍ଠା ୭

## ଓଡ଼ିଶା ଏନଏସଏସ କନଭେନସନ୍-୨୦୨୫ ଆୟୋଜିତ

ଭୁବନେଶ୍ୱର, ୨୪/୬ (ନି.ପ୍ର): ଓଡ଼ିଶା ଏନଏସଏସ କନଭେନସନ୍- ୨୦୨୫ ଆୟୋଜିତ ହୋଇ ଯାଇଛି । କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ ଶିରିପୁର୍ ଭୁବନେଶ୍ୱରରେ ଓଡ଼ିଶା ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ଏନଏସଏସ କନଭେନସନ୍ ୨୦୨୫ର ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଛି ।

## ୨୮ ଜୁନ୍ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ପୂର୍ବାନୁମାନ କଲା ଆଇଏମଡି



ଭୁବନେଶ୍ୱର, ୨୪/୬ (ନି.ପ୍ର): ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛି ଯେ, ୨୪ ଜୁନ୍‌ରୁ ୨୮ ଜୁନ୍ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ବଜ୍ରପାତ ସହିତ ଝଡ଼ବର୍ଷାର ସମ୍ଭାବନା ରହିଛି । ପଶ୍ଚିମକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି ଏବଂ ଏହା ଦକ୍ଷିଣ ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଦକ୍ଷିଣ ଉତ୍ତରପ୍ରଦେଶର ମଧ୍ୟଭାଗରେ ଏହି ଘୂର୍ଣ୍ଣିବଳୟରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଦେଇ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ, ଝାଡଖଣ୍ଡ ଏବଂ ଉତ୍ତର ଓଡ଼ିଶା ଦେଇ ସମୁଦ୍ର ପଉନଠାରୁ ୧.୫ କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ଟ୍ରଫ୍ ଜାରି ରହିଛି । ଦକ୍ଷିଣ ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଞ୍ଚଳ ଉପରେ ଏକ ଉପର ବାୟୁ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି, ଯାହା ସମୁଦ୍ର ପଉନଠାରୁ ୩.୧ରୁ ୭.୬ କିଲୋମିଟର ଉଚ୍ଚତାରେ ଦକ୍ଷିଣ ଆଡ଼କୁ ଢଳିଛି । ଉତ୍ତର ଉପକୂଳରେ ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ପଶ୍ଚିମକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ସମୁଦ୍ର ପଉନଠାରୁ ୫.୮ ଏବଂ ୭.୬ କିଲୋମିଟର ଉଚ୍ଚତାରେ ଉପର ବାୟୁମଣ୍ଡଳସ୍ତରୀୟ ଘୂର୍ଣ୍ଣିବଳୟ ପୂର୍ବ ଘୂର୍ଣ୍ଣିବଳୟ ସହିତ ମିଶିଯାଇଥିବା ପାଣିପାଗ ବିଭାଗ କହିଛି । ଏହାର ପ୍ରଭାବରେ ଜୁନ୍ ୨୫ରେ ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ରାୟଗଡ଼ା, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ ଏବଂ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବଜ୍ରପାତ ସହିତ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । କୋରାପୁଟ, ବାଲେଶ୍ୱର, ଭଦ୍ରକ, ଯାଜପୁର, ▶▶ପୃଷ୍ଠା ୭

## ରଥଯାତ୍ରା: ଶ୍ରୀକ୍ଷେତ୍ର ସୁରକ୍ଷାରେ ମୁତୟନ ହେବେ ୧୦ ହଜାର ପୁଲିସ ଫୋର୍ସ

ପୁରୀ, ୨୪/୬ (ନି.ପ୍ର): ଦୁଇ ଦିନ ପରେ ପୁରୀ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥଗୁଡ଼ିକର ନିର୍ମାଣ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ସେବାୟତମାନେ ଦିନରାତି ଏକ କରି ରଥ ନିର୍ମାଣ କାମରେ ନିୟୋଜିତ ଅଛନ୍ତି । ଶ୍ରୀକ୍ଷେତ୍ରକୁ ଭକ୍ତମାନଙ୍କର ସୁଅ ଛୁଟୁଛି । ହୋଟେଲ, ଲଜ୍, ମଠ ଓ ଧର୍ମଶାଳାରେ ମଧ୍ୟ ଧୀରେଧୀରେ ଗହଳି ବଢ଼ିବାରେ ଲାଗିଛି । ରଥଯାତ୍ରା ପାଇଁ ପୁରୀରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ୮ଟି ଭାଗରେ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥାକୁ ବିଭକ୍ତ କରାଯାଇଛି । ଟ୍ରାଫିକ୍, ମନ୍ଦିର ଇନର, ଇନର କର୍ଡନ, କ୍ରାଉଡ୍ ▶▶ପୃଷ୍ଠା ୭

# ଆମରି ଶିଶୁ ୱେବ ପୋର୍ଟାଲ୍ ଲୋକାର୍ପଣ କଲେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଭୁବନେଶ୍ୱର, ୨୪/୬ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ଠାରେ ଶିଶୁମାନଙ୍କ ଯତ୍ନ,ସୁରକ୍ଷା ଓ ପୁନର୍ବାସ ସେବାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଆମରି ଶିଶୁ ୱେବ ପୋର୍ଟାଲ୍ ଲୋକାର୍ପଣ କରିଛନ୍ତି । ଏହି ୱେବ ପୋର୍ଟାଲ, ଶିଶୁ ସୁରକ୍ଷା ୟୁନିଟ, ଶିଶୁ କଲ୍ୟାଣ କମିଟି , କିଶୋର ନ୍ୟାୟ ବୋର୍ଡ , ଶିଶୁ ଯତ୍ନ ପ୍ରତିଷ୍ଠାନଏବଂ ଅନ୍ୟାନ୍ୟ ସେବା ପ୍ରଦାନକାରୀ ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ଅଂଶୀଦାରମାନଙ୍କ ମଧ୍ୟରେ ସୁଗମ ସମନ୍ୱୟ ସକ୍ଷମ କରିବ ବୋଲି ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି। ଏହି ପୋର୍ଟାଲ ମାଧ୍ୟମରେ ରାଜ୍ୟରେ ଶିଶୁ କଲ୍ୟାଣ, ଶିଶୁ ପୋଷଣ ଓ ଶିଶୁ ସୁରକ୍ଷା କ୍ଷେତ୍ରର କାର୍ଯ୍ୟଶୈଳୀରେ ସୁଧାର ଆସିବ। ଡିଜିଟାଲି ଅପଡେଟ ତଥ୍ୟ ସାହାଯ୍ୟରେ ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ସଠିକ ଭାବେ ଟ୍ରାକ ହୋଇପାରିବ। ଏହି ୱେବ ପୋର୍ଟାଲ୍ ମାଧ୍ୟମରେ ପୋଷଣ ଟ୍ରାକର ଓ ଚାଇଲ୍ଡ ହେଲ୍ପଲାଇନ ଲାଇନ ନମ୍ବର ୧୦୯୮ର ସମନ୍ୱୟ ମଧ ରହିପାରିବ। ଏହି ପୋର୍ଟାଲ୍ ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦ ଭଳି ଯୋଜନାଗୁଡିକର ଅଦ୍ୟତନ ତଥ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରେଇପାରିବ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ସହ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ଉପସ୍ଥିତ ଥିଲେ ।

# ପ୍ରଶଂସନୀୟ କାର୍ଯ୍ୟ ପାଇଁ ତିନି ଜଣ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର, ୨୪/୬ (ନି.ପ୍ର): ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଟ୍ରେନ ପରିଚାଳନାର ନିରାପତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ତିନି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ଲକ୍ଷ୍ମୀପୁର ଷ୍ଟେସନ ମ୍ୟାନେଜର ଉତମ କୁମାର, ସିମାଞ୍ଚଳମ ନର୍ଥ ଷ୍ଟେସନ ତାହାରେ କାର୍ଯ୍ୟରତ ବରିଷ୍ଠ ପଣ୍ୟବାହୀ ଟ୍ରେନ ମ୍ୟାନେଜର ପି. ଗୌରୀ ଶଙ୍କର ଏବଂ ରାହାମା ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଂଟେନର-୩ ମନୋଜ କୁମାର ହାଁସଦା ସେମାନଙ୍କର ନିୟମିତ କର୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ବୁଦ୍ଧିର ଉପସ୍ଥିତି ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି। ଉକ୍ତ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି ।

# ଡକାୟତି ଯୋଜନା ବେଳେ ପୋଲିସ ମାଡି ବସିଲା: ତିନି ଗିରଫ ତିନି ଫେରାର



ବୈଶିଙ୍ଗା , ୨୪/୬ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ ପଦ୍ମନାଭପୁର ଟୋଲପ୍ଲାଜା ଡକାୟତି ଯୋଜନା କରୁଥିବାବେଳେ ତିନି ଜେଲ୍ ଫେରନ୍ତା ଦୁର୍ବୃତଙ୍କୁ ମାଡ଼ି ବସିଛି ପୋଲିସ ଟିମ। ଥାନାଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ରାତ୍ରୀକାଳୀନ ପାଟ୍ରୋଲିଙ୍ଗ ସହ ବିଭିନ୍ନ ସ୍ଥାନରେ ନାକାବନ୍ଦି ଓ ଯାନବାହାନ ଯାଞ୍ଚ ତ୍ୱରାନ୍ୱିତ କରାଯାଇଥିବା ବେଳେ ୧୮ ନଂ ଜାତୀୟ ରାଜପଥର କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଛଅ ଜଣ ସନ୍ଦିଗ୍ଧ ଠାବ ହୋଇଥିଲେ। ଏସ ଆଇ ବୋଇତ ବେହେରା ଓ ଦେବାଶିଷ ମଣ୍ଡଳ, ଏଏସଆଇ ଶୁଭ୍ରାଂଶୁ ଶେଖର ରାଉଳଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ମାନଙ୍କୁ ନେଇ ଏକ ଟିମ ବିଳମ୍ବିତ ରାତିରେ ଚଢାଉ କରିଥିଲା। ତେବେ ଘଟଣାସ୍ଥଳରୁ ତିନି ଜଣ ଚମ୍ପଟ ମାରିବାକୁ ସକ୍ଷମ ହୋଇଥିବା ବେଳେ ତିନି ଅଭିଯୁକ୍ତଙ୍କୁ ଗୋଡ଼ାଇ ନିକଟସ୍ଥ ଜଙ୍ଗଲ ଭିତରୁ ଧରି ଥାନାକୁ ଆଣିଥିଲେ। ତେବେ ତଦନ୍ତ ସମୟରେ ସେମାନେ ଅଳ୍ପ ଦୂରରେ ଥିବା ପଦ୍ମନାଭପୁର ଟୋଲପ୍ଲାଜା କାର୍ଯ୍ୟାଳୟରେ ଡକାୟତି ଓ ଲୁଟପାଟ୍ ଯୋଜନା କରୁଥିବା ସ୍ୱିକାର କରିଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ ବାଇକ୍ , ଗୋଟିଏ ଟାଟା ନେକ୍ସନ୍ କାର୍ , ତେଲେଙ୍ଗା କଟୁରୀ , ଲୁହା ଛଡ଼ ଓ ମୁହଁ ଢାଙ୍କିବା ପାଇଁ କଳା ମୁଖା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ୩୦୩ ନଂ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରୀ ରହିଛି। ଗିରଫ ଅଭିଯୁକ୍ତ କରଣ ପରିଡ଼ା ୨୮ ବର୍ଷ ଓ ସମ୍ବିତ ବିଶ୍ୱାଳ ୨୦ ବର୍ଷ ଙ୍କ ଘର ବାଲେଶ୍ୱର ସହର ନିକଟସ୍ଥ ନଗରମ ଗ୍ରାମରେ ଓ ଦେବୁ ଦାସ ୨୫ ବର୍ଷ ଙ୍କ ଘର ବୈଶିଙ୍ଗା ନିକଟସ୍ଥ ଯୁଗପୁରା ଗ୍ରାମରେ ହୋଇଥିବା ବେଳେ କରଣ ଓ ସମ୍ବିତ ନାମରେ ପୂର୍ବରୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରେ ଡକାୟତି , ଲୁଟ୍ , ରାହାଜାନୀ ମାମଲା ଚାଲିଥିବା ସୂଚନା ମିଳିଛି। ତେବେ ନିକଟରେ ସେମାନେ ଜାମିନ ପାଇ ଜେଲରୁ ବାହାରି ଥିବା ପୋଲିସ ସୂତ୍ରରୁ ପ୍ରକାଶ। ପୋଲିସ ର ଏଭଳି କାର୍ଯ୍ୟ କୁ ସାଧାରଣ ରେ ପ୍ରଶଂସା କରାଯାଇଛି ।

## ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସହିତ ଅଲୋଚନା

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସହିତ ବିଭିନ୍ନ ସ୍ଥାନରେ ଛିଡାହୋଇ ଖାଦ୍ୟ ବ୍ୟବସାୟ କରୁଥିବା ଦୋକାନୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି । ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀଶ ଦାସଙ୍କ ସହିତ ଇଛାପୁର ରଥଦାଣ୍ଡ, ସାନ୍ତସାହି ଛକ, ପୁରୁଣା ବସ ଷ୍ଟାଣ୍ଡ, ବଡହାଟ, ନୂଆ ବସ ଷ୍ଟାଣ୍ଡ, ତିନିମୁହାଣୀ, ଦୁହୁରିଆ ପ୍ରଭୃତି ସ୍ଥାନ ମାନଙ୍କରେ ଚାଟ୍ ବିକ୍ରି କରୁଥିବା ବ୍ୟବସାୟୀ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରି କିଭଳି ଭାବରେ ବ୍ୟବସାୟ କରିପାରିବେ ସେମାନଙ୍କୁ ସଚେତନତା କରାଯାଇ ଥିଲା । ବାସି ଖାଦ୍ୟ ନରଖିବା, ଖାଦ୍ୟ ଉପରେ ମାଛି ନବସିବା, ଖାଦ୍ୟ ବିକ୍ରି କରୁଥିବା ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ବିଶୁଦ୍ଧ ପାନୀୟ ଜଳ ରଖିବା, ଖାଅଦ୍ୟକୁ ଘୋଡାଇ ରଖିବା ଆଦି ସଂପର୍କରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ଏମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅଲୋଚନା ସମୟରେ ସଂଘର ରାଜେଶ କୁମାର ଦାସ, ସଂପାଦକ ଚିତରଂଜନ ମହାନ୍ତିଙ୍କ ନେତୃତ୍ୱରେ ନିତ୍ୟାନନ୍ଦ ଖୁଣ୍ଟିଆ, ଗୌରାଙ୍ଗ ଖୁଣ୍ଟିଆ, ଗୌରାଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ବ୍ୟବସ୍ଥା କରାଯାଉ

ବଲାଙ୍ଗୀର, ୨୪/୬ (ନି.ପ୍ର): ପ୍ରମୁଖ ସାମାଜିକ ସଂଗଠନ ଅଭିଭାବକ ମଂଚର ଏକ ବିଶେଷ ବୈଠକ ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାର ର ସମ୍ମିଳନୀ କକ୍ଷରେ ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସଦସ୍ୟଗଣ ଜିଲ୍ଲାର କ୍ରମ ବର୍ଦ୍ଧିଷ୍ଣୁ ବେକାରୀ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ଯୁକ୍ତି ସଂଗତ ସମାଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଭିନ୍ନ ସରକାରୀ କର୍ମଚାରୀ ନିଯୁକ୍ତି କ୍ଷେତ୍ର ବିଶେଷତଃ ଗ୍ରେଡ-୩ ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି କୁ ଜିଲ୍ଲାସ୍ତରୀୟ କରିବା ପାଇଁ ସରକାର ଢକ ଠାରେ ଦାବୀ ଉପସ୍ଥାପନ କରିବାକୁ ସଭାରେ ନିଷ୍ପତି ନିଆଯାଇଥିଲା। ୨୦୨୧ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଦାବିକୁ ମଂଚ ସମର୍ଥନ କରିବା ପାଇଁ ସଭାରେ ସ୍ଥିର ହେଲା। କେନ୍ଦ୍ର ସରକାରଙ୍କ ରେଳ ବିଭାଗ ତରଫରୁ ବଲାଙ୍ଗିର-ଖୋର୍ଦ୍ଧା ରୋଡ ରେଳପଥରେ ବୌଦ୍ଧ ରୁ ବଲାଙ୍ଗିର ଏବଂ ପୁରୁଣା କଟକ-ବଲାଙ୍ଗିର ଟ୍ରେନ ଚଳାଚଳ ଆରମ୍ଭ କରିଥିବାରୁ ମଂଚ ତରଫରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ରେଳ ବିଭାଗ ତରଫରୁ ଝାରସୁଗୁଡା - ସମ୍ବଲପୁର ମଧ୍ୟରେ ୩ୟ ତଥା ୪ର୍ଥ ରେଳ ଲାଇନ ନିର୍ମାଣ ପାଇଁ ଭିତିପ୍ରସ୍ତର ଦିଆଯାଇଛି। ସେହିପରି ସମ୍ବଲପୁର - ଟିଟିଲାଗଡ ମଧ୍ୟରେ ୩ୟ ତଥା ୪ର୍ଥ ରେଳ ଲାଇନ ନିର୍ମାଣ ଏବଂ ବଲାଙ୍ଗିର ଷ୍ଟେସନରେ ୪ର୍ଥ ଓ ୫ମ ପ୍ଲାଟଫର୍ମ ନିର୍ମାଣ ଦାବୀ ପାଇଁ ସଭାରେ ମତ ପ୍ରକାଶ ପାଇଥିଲା। ଆଲୋଚନାରେ ଉପସଭାପତି ପ୍ରଶନ୍ନ ମିଶ୍ର, ସମ୍ପାଦକ ଗୋବିନ୍ଦ ମିଶ୍ର, କୃଷ୍ଣଚନ୍ଦ୍ର ମହାକୁର, ଦିବାକର ହୋତା, ପୂର୍ଣ୍ଣଚନ୍ଦ୍ର ଦାଶ, ରାଧାକୃଷ୍ଣ ମେହେର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଭ୍ୟ ପୁରୁଷୋତମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦ୍ରଶେଖର ସେଠୀଙ୍କୁ ରାଷ୍ଟ୍ରଜ୍ୟୋତି ସମ୍ମାନ ପ୍ରଦାନ

କେନ୍ଦ୍ରପଡ଼ା, ୨୪/୬ (ନି.ପ୍ର): ସ୍ଥାନୀୟ ଟାଉନ ହଲ ଠାରେ ମଦର ଟେରେସା ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଆୟୋଜିତ ରଜ ଉତ୍ସବରେ ଭୁବନେଶ୍ୱର ସରକାରୀ ବି.କେ.ଆର୍ଟ କଲେଜର ଅଧକ୍ଷ ଓ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ସେଠୀ ବୈଜ୍ଞାନିକ ସୁଲିଲ କୁମାର ନାୟକ, ଚିତ୍ରଶିଳ୍ପୀ ଆସିସ ସରଣ, ଓଡିଶୀ ନୃତ୍ୟ ଗୁରୁ ତପସ୍ୱିନୀ ନାୟକଙ୍କୁ ରାଷ୍ଟ୍ରଜ୍ୟୋତି ସମ୍ମାନ ପ୍ରଦାନ କରାଯିବା ସହ ସ୍ନେହଲତା ସିଂହଙ୍କୁ ନାଟ୍ୟ ଅଭିନେତ୍ରୀ ହିସାବରେ ଉତ୍କଳ ଜ୍ୟୋତି ସମ୍ମାନରେ ସମ୍ମାନୀତ କରଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ମହାକାଳପଡା ବିଧାୟକ ଡ.ଦୁର୍ଗାପ୍ରସନ ନାୟକ ଯୋଗଦେଇଥିବା ବେଳେ, ପୂବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବିଜେପି ନେତ୍ରୀ ଗୀତା ସେଠୀ ଅତିଥି ଭାବେ ଯୋଗଦେଇ ଚିତ୍ରଶିଳ୍ପୀମାନଙ୍କୁ ସମ୍ମାନୀତ କରାଯାଇଥିଲା ।

# ରେଳବାଇ ଅଧିକାରୀଙ୍କୁ ନେଇ ଡିଜିପିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୨୪/୬ (ନି.ପ୍ର): ରାଜ୍ୟ ପୋଲିସ ଡିଜିଙ୍କ ଅଧକ୍ଷତାରେ ରେଲୱେ ବିଭାଗର ଅଧିକାରୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରେଳବାଇ ସୁରକ୍ଷା ଓ ଆଜି ପର୍ଯ୍ୟନ୍ତ ରେବାଇରେ ହୋଇଥିବା ଅଭିଯୋଗ ଉପରେ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । ବୈଠକ ପରେ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ କହିଛନ୍ତି ରଜ୍ୟର ସମସ୍ତ ବଡ଼ ବଡ଼ ରେଳ ଷ୍ଟେସନରେ ସିସିଟିଭି ଲାଗିଛି । ଯେଉଁ ରେଳ ଷ୍ଟେସନରେ ସିସିଟିଭି ଲାଗି ନାହିଁ ସେଠାରେ ସିସିଟିଭି ଲଗାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ସିସିଟିଭି ଫୁଟେଜ ରେଳବାଇ ପୋଲିସ ଅଧିକାରୀଙ୍କ ପାଖରେ କେମିତି ପହଂଚିବ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ରେଳରେ ଯାତ୍ରା କରିଥିବା ଯାତ୍ରୀଙ୍କ ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଯାତ୍ରୀ ମାନଙ୍କ ସୁବିଧା ପାଇଁ କେଉଁ ସବୁ ବ୍ୟବସ୍ଥା ଜିଆରପି କରିବ ଏବଂ କେଉଁ ବ୍ୟବସ୍ଥା ଆରପିଏଫ୍ କରିବ ଓ କେଉଁ ବ୍ୟବସ୍ଥା ରେଳବାଇ କରିବ ସେନେଇ ଆଲୋଚନା ହୋଇଥିଲା। ଅପରାଧ ଉପରେ ରେଳବାଇ ପୋଲିସ ତୀକ୍ଷ୍ଣ ନଜର ରଖିବ ବୋଲି କହିଛନ୍ତି ଡିଜିପି।

# ସ୍ୱର୍ଗତଃ ମୁଖାର୍ଜୀ ହେଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ: ମନମୋହନ ସାମଲ

ଭୁବନେଶ୍ୱର, ୨୪/୬ (ନି.ପ୍ର): ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ହେଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ତାଙ୍କ ବଳିଦାନ ଦିବସ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର ଦିନ। ସେ ଦେଶର ରାଜନୀତିରେ ମୋଡ଼ ପରିବର୍ତନ କରିଥିଲେ । ସ୍ୱର୍ଗତଃ ମୁଖାର୍ଜୀଙ୍କ ପାଇଁ ଦେଶ ଥିଲା ସର୍ବୋପରି । ତାଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି । ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ ବୋଲି ୭୩ତମ ବଳିଦାନ ଦିବସରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ, ଡ. ମୁଖାର୍ଜୀଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶ ଆଜି ଏଭଳିସ୍ଥିତିରେ ପହଂଚିଛି । ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ । ଶିକ୍ଷା ମାଧ୍ୟମରେ ଦେଶର ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟତା, ଜାତୀୟତାବାଦ ଓ ଦେଶଭକ୍ତି ବଢେଇବା ସହ ପୂର୍ବତନ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତନ ଉପରେ ଡ. ମୁଖାର୍ଜୀ ଜୋର ଦେଇଥିଲେ । ସେ ଜଣେ ବିଶିଷ୍ଟ ରାଜନେତା ହେବା ସହ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ସେ ପଶ୍ଚିମବଙ୍ଗ ଓ ଜାମ୍ମୁକାଶ୍ମୀର ବିଭାଜନକାରୀ ଶକ୍ତିଗୁଡ଼ିକ ସହ ସାଲିସ କରି ନ ଥିଲେ । ସମ୍ବିଧାନରେ ୩୭୦ ଧାରାକୁ ବିରୋଧ କରି ଏକ୍ ଦେଶ୍ ମେଁ ଦୋ ବିଧାନ୍, ଦୋ ପ୍ରଧାନ୍ ଔର ଦୋ ନିଶାନ୍ ନହିଁ ଚଲେଙ୍ଗେ" ବୋଲି କହି ବିନା ପରମିଟରେ "କାଶ୍ମୀର ଚଲୋ" ଆହ୍ୱାନ ଦେଇଥିଲେ । ଯେତେବେଳେ କଂଗ୍ରେସ ଦଳ ତିଆରି କରାଗଲା, ସେତେବେଳେ ତା'ବିରୋଧରେ ସଠିକ ତଥ୍ୟ ଦେବା, ଦୃଢ଼ତାର ସହ ଛିଡ଼ା ହେବା, ଭୁଲ୍ କୁ ଭୁଲ୍ ବୋଲି କହି ଦେଶ ପାଇଁ ମାର୍ଗଦର୍ଶକ ସାଜିଥିଲେ । ମୁଖାର୍ଜୀ ଯେତେବେଳେ ସଂସଦରେ ଛିଡ଼ା ହୋଇ ପ୍ରଶ୍ନ କରୁଥିଲେ, ସେତେବେଳେ ଉତର ଦେବା ପାଇଁ ପଣ୍ଡିତ ଜବାହାରଲାଲ୍ ନେହେରୁ ମଧ ନୈତିକ ସାହାସ କରୁ ନ ଥିଲେ । ନେହେରୁ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇ କ୍ଷମତାରୁ ବଳିଦାନ ଦେଇଥିଲେ । ଦେଶବାସୀଙ୍କ ସେବାରେ ସେ ନିଜ ଜୀବନକୁ ସମର୍ପଣ କରିଦେଇଥିଲେ । ଲୋକଙ୍କ ମନ ଭିତରେ ସେ ଯେଉଁ ଆତ୍ମବିଶ୍ୱାସ ଭରିଥିଲେ ତାହାକୁ ଲୋକେ ସବୁ ଦିନ ପାଇଁ ମନେ ରଖିବେ ।

ତାଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ବିଜେପି ଆଜି ରୁଦ୍ଧିମନ୍ତ ହୋଇଛି । ୧୯୫୧ ମସିହାରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତୀ ସମୟରେ ବିଜେପି ଭଳି ବିଶାଳ ରାଜନୈତିକ ଦଳରେ ପରିଣତ ହୋଇଛି । ଏବେ ସାରା ଦୁନିଆ ବିଜେପିର ବିଶ୍ୱରୂପ ଦେଖୁଛି । ବିଶ୍ୱର ସର୍ବବୃହତ ରାଜନୈତିକ ଦଳଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବିଚାରଧାରା ଆଗରେ ରଖି ନିଷ୍ଠା, ତପସ୍ୟା ଓ ଆତ୍ମବିଶ୍ୱାସ ବଳରେ ଦଳ ଆଜି ଏହି ସ୍ଥାନରେ ପହଂଚି ପାରିଛି । ଦଳର ବିଚାରଧାରା ଆଜି ସବୁଠି ଆଦୃତ ଓ ଗ୍ରହଣଯୋଗ୍ୟ ହୋଇଛି । ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଧାରା ୩୭୦ ଓ ୩୫ (ଏ) ଉଚ୍ଛେଦ ପରେ କାଶ୍ମୀର ରାଜ୍ୟ ଭାରତ ବର୍ଷର ଅଭିନ୍ନ ଅଙ୍ଗ ଭାବେ ପରିଗଣିତ ହୋଇଛି । ଫଳରେ ଡ.ମୁଖାର୍ଜୀଙ୍କ ସ୍ୱପ୍ନ ପୂରଣ ହୋଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୪୭ ସୁଦ୍ଧା ବିକଶିତ ଦେଶ ଗଠନ କରିବା ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ପ୍ରୟାସ କରିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ ।

ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ ମଂଚ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନଗର ଉନ୍ନୟନ ମନ୍ତ୍ରୀ ତଥା ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ବଳିଦାନ ଦିବସ ଉପଲକ୍ଷେ ଆଜି ସକାଳେ ଭୁବନେଶ୍ୱରସ୍ଥିତ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଥିବା ପ୍ରତିମୂର୍ତିରେ ବିଜେପି ନେତୃବୃନ୍ଦ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଏହି ଅବସରରେ ରାଜ୍ୟ ସଭାପତି ସାମଲ ଚାରାରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଉପସଭାପତି ଗୋଲକ ମହାପାତ୍ର, ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅରବିନ୍ଦ ଢ଼ାଲି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ତିରୋଧାନ ଦିବସ ପାଳିତ



ଜଳେଶ୍ୱର , ୨୪/୬ (ନି.ପ୍ର): ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ, ନନ୍ଦିକା, ଜଳେଶ୍ୱର ସମ୍ମିଳନୀ କକ୍ଷରେ ମିଳିତ ନିଶା ନିବାରଣ ଅଭିଯାନ ଜଳେଶ୍ୱର ଶାଖା ର ସଭାପତି ଦିଲୀପ କୁମାର ଗିରି ଙ୍କ ସଭାପତିତ୍ୱ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଙ୍କ ଜୁନ ୨୪,୧୯୮୪ ର ମହାପ୍ରୟାଣ ଦିବସ ଉଦ୍ଦେଶ୍ୟରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ବକ୍ତବ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବଦ୍ଦଶାରେ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ଜିଲ୍ଲା ରକ୍ତ ଦାତା ସଂଘ ର ସଭାପତି କମଳ ଚକ୍ରବର୍ତ୍ତୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମାଜ ଅବଦାନ ସମ୍ପର୍କ ରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବରେ 'ମୋନା', ସଂଗଠନ ଜଳେଶ୍ୱର ଶାଖା ର ସମ୍ପାଦକ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ ନବକୃଷ୍ଣ ଚୌଧୁରୀ ଙ୍କ ସମ୍ପର୍କ ରେ କହିଥିଲେ ନବକୃଷ୍ଣ ଚୌଧୁରୀ ହେଉଛନ୍ତି ନବ ନିର୍ମାଣ ଓଡ଼ିଶାର ବିନ୍ଧାଣି ଥିଲେ ବୋଲି କହିଥିଲେ। ଭୂଦାନ ଆନ୍ଦୋଳନ,କୃଷକ ଆନ୍ଦୋଳନ ତଥା ନିଶା ନିବାରଣ ଆନ୍ଦୋଳନ ର ନେତୃତ୍ୱ ନେଉଥିଲେ।,ନିଜେ ଜମି ଦାର ବଂଶ ରେ ଜନ୍ମଗ୍ରହଣ କରି ଭୂଦାନ ଆନ୍ଦୋଳନ ମୁଖିଆ ସାଜିଥିଲେ ।ଲଙ୍ଗଳ ଯାହାର ଜମି ତାହାର ବୋଲି କହିଥିଲେ।ସମାଜ ର ପଛୁଆ ବର୍ଗ ତଥା ନିଷ୍ପେସିତ ଲୋକଙ୍କ ପାଇଁ କାମ କରୁଥିଲେ । ସମ୍ମାନୀତ ଅତିଥି ଭାବରେ ପ୍ରାକ୍ତନ ଏଲ ଆଇ ସି ଡେଭଲପମେଣ୍ଟ ଅଫିସର ଅଜିତ ଦାସ, ସମ୍ମାନୀତ ଅତିଥି ଭାବରେ ସମରେଶ ଦିନ୍ଦା ଶିକ୍ଷୟତ୍ରୀ ଧରିତ୍ରୀ ରାଣୀ ଦେ, ସୁଚି ସ୍ମିତା ସେନାପତି,ପୂଜାରାଣୀ ଦେ, ମୀନା ରାଣୀ ବେହେରା ପ୍ରଭୃତି ବକ୍ତବ୍ୟ ପ୍ରଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ନିରୂପମା ମହାନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଓ ମଧୁବାବୁ ପେନସନ ପ୍ରଦାନ

ଜୟପୁର, ୨୪/୬ (ନି.ପ୍ର): ଓଡିଶା ସରକାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ସହରୀ)-୨.୦ କାର୍ଯ୍ୟାଦେଶ ଓ ମଧୁବାବୁ ପେନସନ ଯୋଜନାରେ ଭତା ବଂଟନ କାର୍ଯ୍ୟକ୍ରମ ଆଜି ଦିନ ୧୧ ଟାରେ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଛି । ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପରେ ଆୟୋଜିତ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ବଂଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପ ଜିଲାପାଳ ତଥା ପୌର କାର୍ଯ୍ୟନିବାହୀ ଅଧିକାରି ଆକା ବରମ ଶଶ୍ୟା ରେଡ୍ଡି, ଅତିରିକ୍ତ ପୌର କାର୍ଯ୍ୟନିବାହି ଅଧିକାରି ପୁଜା ରାଉତ କାଉନସିଲର ମାନେ ଉପସ୍ଥିତ ଥିଲେ। ହିତାଧିକାରିଙ୍କୁ ୩୨ଟି କାର୍ଯ୍ୟାଦେଶ ଏବଂ ୨୩ ଟି ଜଣ ହାତିଧିକାରିଙ୍କୁ ଭତା ପ୍ରଦାନ କରାଯାଇଥିଲା ।

# ଅବସରପ୍ରାପ୍ତ ପେନ୍‌ସନ ନିୟମ ସଂଶୋଧନ ପ୍ରସ୍ତାବ ବିରୁଦ୍ଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): ୨୦୨୫ ମସିହାରେ ପେନ୍‌ସନ୍ ନିୟମ ପାର୍ଲାମେ ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗୃହୀତ ହୋଇଛି। ଯାହାଦ୍ୱାରା ପେନସନ୍‌ଭୋଗୀ କର୍ମଚାରୀମାନେ ଆଗାମୀ ଦିନରେ ଅଷ୍ଟମ ବେତନ କମିଶନର ସୁବିଧା ସୁଯୋଗରୁ ବଂଚିତ ହେବାର ସୂଚନା ମିଳୁଛି। ଜନମଙ୍ଗଳକାରୀ ରାଷ୍ଟ୍ରରେ ଅବସରକାଳୀନ ସୁବିଧା କର୍ମଚାରୀମାନଙ୍କୁ ଦେବା ଏକ ସାମାଜିକ ଅଧିକାର। ଯାହା କ୍ଷୁର୍ଣ୍ଣ ହେବାକୁ ଯାଉଛି। ସର୍ବଭାରତୀୟ ରାଜ୍ୟ ଅବସରପ୍ରାପ୍ତ ସମନ୍ୱୟ କମିଟି ଆହ୍ୱାନରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳମାନଙ୍କ ଜରିଆରେ ଏଭଳି ନିଷ୍ପତି ଅଷ୍ଟମ ବେତନ କମିଶନରେ ନ କରିବା ପାଇଁ ସମଗ୍ର ଦେଶରେ ୨୩ ଜୁନ୍‌ରେ ସ୍ମାରକପତ୍ର ପ୍ରଦାନ କରାଯାଉଛି। କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ ଏବଂ କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ସଂଗଠନର କର୍ମକର୍ତାମାନେ ସମ୍ମିଳୀତ ହୋଇ ଜିଲ୍ଲା ସଂଗଠନର ନେତୃତ୍ୱ ଅଧାପକ ଅଜୟ ସାମଲ, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ଡଃ. ଦିଲ୍ଲୀପ ମିଶ୍ର, କରୁଣା କର ଦାସ, ବୈଷ୍ଣବ ସ୍ୱାଇଁ, ରାଜକୁମାର ବିଶ୍ୱାଳ, ଅଧ୍ୟାପକ ପ୍ରଭାକର ସାମଲ, ସୁରେଶ ପଟ୍ଟନାୟକ, ଡଃ. ପ୍ରଭାକର ମଲ୍ଲିକ, ଡଃ. ଚୈତନ୍ୟ ଚରଣ ପରିଡା, ଧୀରେନ୍ କୁମାର ବେହେରା, ଅନିଲ୍ କୁମାର ବଳ, ବିରେନ୍ଦ୍ର କୁମାର ପଣ୍ଡା, ନିମାଇଁ ଚରଣ ମହାନ୍ତି, ଅଧ୍ୟାପକ ଗୋଲେଖ ଚନ୍ଦ୍ର ମହାଭୋଇ, ନବଘନ ମହାରଣା, ରାଧାକାନ୍ତ ଦାସ, ବିରକିଶୋର ଜେନା, କାର୍ତିକ ଚନ୍ଦ୍ର ରାଉତ, ନରହରି ପାତ୍ର, ମଧୁସୁଦନ ବାରିକ, ଅନୁସୟା ପଣ୍ଡା, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ଗୌରାଙ୍ଗ ଚରଣ ସାହୁ, କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସାଇବର ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ଏକାନ୍ତ ଆବଶ୍ୟକ : ରାଜ୍ୟପାଳ

ଭୁବନେଶ୍ୱର, ୨୪/୬ (ନି.ପ୍ର): ସଂପ୍ରତି ବିଶ୍ୱରେ ସାଇବର ଅପରାଧ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହା ଏକ ସର୍ଶକାତର ପ୍ରସଙ୍ଗ ହୋଇଛି ଏବଂ ସାଇବର ସୁରକ୍ଷା ବ୍ୟକ୍ତି, ସଂଗଠନ ଏବଂ ସରାକରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏଣୁ ସାଇବର ସୁରକ୍ଷା ପାଇଁ ବ୍ୟାପକ ଜନସଚେତନା ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ସୋମବାର ଦିନ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ "ସାଇବର ସୁରକ୍ଷା" ସଂପର୍କିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ, ଡିଜିଟାଲ ପ୍ରଯୁକ୍ତି ବିଦ୍ୟା ବିକଶିତ ହେବା ଏବଂ ଇଂଟରନେଟ୍ ଉପରେ ଆମର ନିର୍ଭରଶୀଳତା ବୃଦ୍ଧି ପାଇବା ସହିତ ଭର୍ଚୁଆଲ କ୍ଷେତ୍ରରେ ଥିବା ବିପଦଗୁଡିକ ମଧ ବୃଦ୍ଧି ପାଉଛି। ବ୍ୟକ୍ତିଗତ ସ୍ମାର୍ଟ ଫୋନ ଏବଂ ବ୍ୟାଙ୍କିଙ୍ଗ୍ ସିଷ୍ଟମରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଏବଂ ଜାତୀୟ ପ୍ରତିରକ୍ଷା ନେଟୱାର୍କ ପର୍ଯ୍ୟନ୍ତ ସବୁକିଛିକୁ ଟାର୍ଗେଟ୍ କରି ସାଇବର ଆକ୍ରମଣ ବାରମ୍ବାର ହେଉଛି। ଏହି ଆକ୍ରମଣ ଆର୍ଥିକ କ୍ଷତି, ତଥ୍ୟ ଚୋରି, ସମ୍ମାନ ହାନି ଏବଂ ଜାତୀୟ ସୁରକ୍ଷା ପ୍ରତି ବିପଦ ମଧ ସୃଷ୍ଟି କରିପାରିବ। କେବଳ ପ୍ରଯୁକ୍ତିବିଦ୍ୟା ସାଇବର ସୁରକ୍ଷାର ଗ୍ୟାରେଂଟି ଦେଇ ପାରିବ ନାହିଁ। ମଣିଷର ତ୍ରୁଟି ସୁରକ୍ଷା ଉଲଂଘନର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ। ତେଣୁ ସୁରକ୍ଷିତ ଅନଲାଇନ୍ ବ୍ୟବହାର ବିଷୟରେ ଶିକ୍ଷା ଏବଂ ସଚେତନତା ଜରୁରୀ ହୋଇପଡିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଂଚ ବିନୟତୋଷ ମିଶ୍ର ସାଇବର ଅପରାଧ ଏବଂ ସାଇବର ସୁରକ୍ଷାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରି ଅବଗତ କରାଇଥିଲେ।

# ଶୂନ ଦୁର୍ଘଟଣା ଦିବସ ପାଇଁ ବିଏମ୍‌ସିର ମୋଟର ସାଇକେଲ ଶୋଭାଯାତ୍ରା

ଭୁବନେଶ୍ୱର, ୨୪/୬ (ନି.ପ୍ର): ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ମିଳିତ ଉଦ୍ୟମରେ ଶୂନ ଦୁର୍ଘଟଣା ଦିବସ ପାଇଁ ଗତ ୧୦ ତାରିଖରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ମଙ୍ଗଳବାର ଜିରୋ ଆକ୍ସିଡେଂଟ ଡେ ଅବସରରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି ମୁଖ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ୩୦୦ ଶହରୁ ଅଧିକ ବାଇକ ଆରୋହୀ ସାମିଲ ହୋଇଥିଲେ । ଶୋଭାଯାତ୍ରା ବିଏମ୍ ସି ମୁଖ୍ୟାଳୟରୁ ବାହାରି ବାଣି ବିହାର ଦେଇ ମାଷ୍ଟର କ୍ୟାଂଟିନଠାରୁ ୟୁ ଟର୍ଣ୍ଣ କରି ପୁଣି ବିଏମ୍ ସି କାର୍ଯ୍ୟାଳୟରେ ପହଞ୍ଚିଥିଲା । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।

# ଓଡ଼ିଶାରେ ଓବିସି ରାଜନୀତି



ଅଧ୍ୟାପକ ଗୋପବନ୍ଧୁ

ଓଡିଶାରେ ହଠାତ୍ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କୁ ନେଇ ରାଜନୈତିକ ମଇଦାନ ଚଳଚଞ୍ଚଳ ହୋଇଉଠିଛି। ବିଜେପି, ବିଜେଡି, କଂଗ୍ରେସ ସହିତ ଅନେକ ରାଜନୈତିକ ଦଳ ହଠାତ୍ ଓବିସି/ଏସଇବିସି ଦରଦୀ ହୋଇଯିବା ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଶାସାକ ବିଜେପି ଉଚ୍ଚଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ଚାକିରୀ ତୁଲ୍ୟ ୧୧.୨୫% ସଂରକ୍ଷଣ ସୁବିଧା ପ୍ରଦାନ କରି ସମସ୍ତ ଶ୍ରେୟ ନେଇଯିବାର ଅଭିପ୍ରାୟ ରଖିଥିଲା। ଅନ୍ୟ ଦୁଇ ପ୍ରମୁଖ ଖେଳାଳୀ ବିଜେଡି ଓ କଂଗ୍ରେସ ଏହାକୁ ପ୍ରତିହତ କରିବା ପାଇଁ ଆଗେଇ ଆସିଛନ୍ତି। ସେମାନେ ଏହାକୁ ଏକ ଚାଲ ଓ ଅସମ୍ପୂର୍ଣ୍ଣ ସଂରକ୍ଷଣ ବୋଲି ଦର୍ଶାଇଛନ୍ତି। ଏଥିରେ ମେଡିକାଲ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କରେ ସଂରକ୍ଷଣ ଦିଆଯାଇ ନଥିବା ଦର୍ଶାଇ ବିଜେପିକୁ ଘେରିବାକୁ ଚେଷ୍ଟା କରିଛନ୍ତି। ଏହା ସହିତ ସରକାରଙ୍କର ଓବିସି/ଏସଇବିସିଙ୍କ ପ୍ରତି ଦରଦ ଥିଲେ ମଣ୍ଡଳ କମିଶନଙ୍କ ସୁପାରିଶ ମୁତାବକ ୨୭% ସଂରକ୍ଷଣ ସୁବିଧା ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଦେବାକୁ ଦାବୀ କରୁଛନ୍ତି। ବିରୋଧୀଙ୍କ ଏପରି ଦାବୀ ଓ ଏହାକୁ ନେଇ ଆନ୍ଦୋଳନ ସରକାରୀ ଦଳକୁ ଗମ୍ଭୀରତାର ସହିତ ବିଚାର କରିବାକୁ ବାଧ କରିବ। କାରଣ ସବୁ କିଛି ନିର୍ଭର କରିବ ସରକାର ରାଜ୍ୟରେ ଏସଇବିସିଙ୍କୁ ୨୭% ସଂରକ୍ଷଣ ସୁବିଧା ଦେବାରେ କେତେ ସଫଳ ହେଉଛନ୍ତି ତାହାରି ଉପରେ।

ଭାରତବର୍ଷ ତଥା ଓଡିଶାରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏକ ସଂଖ୍ୟା ବହୁଳ ଜନଗୋଷ୍ଠୀ। ସମୁଦାୟ ଜନସଂଖ୍ୟାର ଅର୍ଦ୍ଧେକରୁ ଅଧିକ ଏମାନେ। ଓଡ଼ିଶାରେ କେନ୍ଦ୍ର ଓବିସି ତାଲିକାରେ ଆଉ କିଛି ଜାତିକୁ ମଶାଇ ସାମାଜିକ ଓ ଅର୍ଥନୈତିକଭାବେ ପଛୁଆ ବର୍ଗ(ଏସଇବିସି) ତାଲିକା ପ୍ରସ୍ତୁତ କରାଯାଇଛି। ଜାତିବ୍ୟବସ୍ଥା ଅନୁଯାୟୀ ପ୍ରାୟତଃ ସମସ୍ତ ଉତ୍ପାଦକ ଗୋଷ୍ଠୀ ଏହି ବର୍ଗର। ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଲୋକ କୌଳିକ ବୃତ୍ତିକରି ଚଳନ୍ତି। ସାମାଜିକ ଓ ଆର୍ଥିକ ସ୍ଥିତି ଦୁର୍ବଳ। ଶିକ୍ଷା ଦୃଷ୍ଟିକୋଣରୁ ମଧ୍ୟ ପଛରେ। ସ୍ୱାଧୀନତା ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ତଥାପି ତୁଳନାତ୍ମକ ଭାବେ ଅଗ୍ରସର ବର୍ଗଠାରୁ ବହୁ ପଛରେ ଅଛନ୍ତି। ଦେଶର ବିକାଶ ପାଇଁ ଏମାନଙ୍କ ବିକାଶ ଅତ୍ୟନ୍ତ ଜରୁରୀ। ଓବିସି ବର୍ଗ ସଶକ୍ତ ହେଲେ ଦେଶ ସାମଗ୍ରିକଭାବେ ସଶକ୍ତ ହେବ। ଏମାନଙ୍କ ମଧ୍ୟରେ ରାଜନୈତିକ ଚେତନାର ଜାଗ୍ରତ ଗଣତାନ୍ତ୍ରକୁ ଆହୁରି ମଜଭୁତ କରିବ।

ଆମ ଦେଶର ସମ୍ବିଧାନ ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରେ। ବିଶେଷ କରି ସାମାଜିକ ସମତା ଉପରେ ଗୁରୁତ୍ୱ ଦିଏ। ସମାଜର ତଳେ ପଡିଥିବା ଜାତିସମୂହର ସର୍ବାଙ୍ଗୀନ ବିକାଶ ଘଟାଇ ତାଙ୍କୁ ଜାତୀୟ ମହାସ୍ରୋତରେ ସାମିଲ କରିବାକୁ ଚାହେଁ। ସେମାନଙ୍କ ଆର୍ଥିକ ଓ ଶିକ୍ଷାଗତ ବିକାଶ ସହିତ ରାଜନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଏ। ଏଇଥି ପାଇଁ ଅନୁସୂଚୀତ ଜାତି ଓ ଜନଜାତିମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣର ବ୍ୟବସ୍ଥା ସମ୍ବିଧାନରେ ରହିଛି। ମହିଳାମାନଙ୍କୁ ମଧ୍ୟ ତ୍ରିସ୍ତରୀୟ ପଞ୍ଚାୟତ ଓ ସହରୀ ଗଣତାନ୍ତ୍ରିକ ସଂସ୍ଥାମାନଙ୍କରେ ସଂରକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି। କାରଣ ଶାସନ ବ୍ୟବସ୍ଥାରେ ସହଭାଗିତା ଗଣତନ୍ତ୍ରକୁ ସୁଦୃଢ଼ କରେ। ତେଣୁ ସହଭାଗୀତାର ଚେତନା ଜାଗ୍ରତ ହେବା ଜରୁରୀ।

ଓବିସିମାନଙ୍କୁ କେତେକ ରାଜ୍ୟରେ ପଞ୍ଚାୟତ ଓ ସହରୀ ନିର୍ବାଚନରେ ସଂରକ୍ଷଣ ସୁବିଧା ମିଳିଥିଲେ ହେଁ ସର୍ବୋଚ୍ଚ ନ୍ୟାୟାଳୟର ନୀତି ନିର୍ଦ୍ଧାରଣ ଯୋଗୁଁ ଏବେ ପ୍ରତ୍ୟାହାର ହୋଇଛି। ଓବିସିମାନଙ୍କ ରାଜନୈତିକ ସଂରକ୍ଷଣ କଥା ସମ୍ବିଧାନରେ ସ୍ଥାନିତ ହୋଇନାହିଁ। ମଣ୍ଡଳ କମିଶନ ଏମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣ ବିଷୟରେ ସୁପାରିଶ କରିନଥିଲେ। ଏବେ ସରକାର ଚାହିଁଲେ ଏ ବିଷୟରେ କମିଶନ ବସାଇ ଏମାନଙ୍କୁ ସମସ୍ତ କ୍ଷେତ୍ରରେ ରାଜନୈତିକ ସଂରକ୍ଷଣ ଦେବା ବିଷୟରେ ଚିନ୍ତା କରିପାରିବେ। ରାଜନୈତିକ ଭାଗିଦାରୀ କ୍ଷେତ୍ରରେ ଏହା ବହୁତ ବଡ଼ ପଦକ୍ଷେପ ହେବ। ଏଥିପାଇଁ ବିଭିନ୍ନ ମହଲରୁ ମଧ୍ୟ ଦାବୀ ହେଉଛି।

ସାମାଜିକ ସମତା ସ୍ଥାପନ ପାଇଁ ଓ ରାଷ୍ଟ୍ରୀୟ ପ୍ରଗତି ପାଇଁ ଦେଶର ପ୍ରତ୍ୟେକ ବର୍ଗ ଓ ବର୍ଗ ଅନ୍ତର୍ଗତ ପ୍ରତ୍ୟେକ ବ୍ୟକ୍ତି ରାଜନୈତିକ ଭାବେ ସଚେତନ ହେବା ଅତ୍ୟନ୍ତ ଜରୁରୀ। ରାଜନୈତିକ ସଚେତନତା ଗଣତନ୍ତ୍ରର ଆତ୍ମା। ସୁସ୍ଥ ଓ ଉନ୍ନତ ଗଣତନ୍ତ୍ର ପାଇଁ ଏହା ଅନିବାର୍ଯ୍ୟ ବିଷୟ। ସମ୍ବିଧାନ ଅନ୍ତର୍ଗତ ପ୍ରତ୍ୟେକ ବର୍ଗର ରାଜନୈତିକ ସଚେତନତା ଏହାର ଅନ୍ତର୍ଗତ ବ୍ୟକ୍ତି ବିଶେଷଙ୍କ ସଚେତନତା ଉପରେ ନିର୍ଭରକରେ। ତେଣୁ ବ୍ୟକ୍ତିବିଶେଷଙ୍କ ସଚେତନତା ଜରିଆରେ ବର୍ଗୀୟ ସଚେତନତା ବର୍ଗର ବିକାଶରେ ସହାୟକ ହୁଏ। ବର୍ଗୀୟ ରାଜନୈତିକ ସଚେତନତା ସେତେଯାଏଁ ଯାଥାର୍ଥ୍ୟ ଯେତେଯାଏଁ ସଂଖ୍ୟାନୁପାତିକ ଭାଗିଦାରୀ ହାସଲ ନହୋଇଛି। କୌଣସି ବର୍ଗ ଯଦି ରାଜନୈତିକଭାବେ ଅନ୍ୟ ବର୍ଗମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଚାହେଁ ତେବେ ଏହା ଅନୁଚିତ ହୋଇଯାଏ।

ଏ କଥା ସତ୍ୟ ଯେ ଓବିସି ମାନେ କେନ୍ଦ୍ର ତଥା ରାଜ୍ୟରେ ନିଜର ସଂଖ୍ୟାନୁପାତରେ ଭାଗୀଦାରୀକୁ ସାବସ୍ତ କରିପାରି ନାହାଁନ୍ତି। ଏଥିପାଇଁ ଦୋଷ କାହାକୁ ଦିଆଯାଇ ପାରିବ ନାହିଁ। ଦୋଷ ହେଉଛି ନିଜର। ଦାୟୀ ହେଉଛି ରାଜନୈତିକ ସଚେତନତାର ଅଭାବ। ସମ୍ବିଧାନ ସୁବିଧା ଦେଇଛି ନିର୍ବାଚନ ଲଢିବାପାଇଁ। ଜିତି ନପାରିଲେ ନିଜେ ଦାୟୀ। ସମ୍ବିଧାନ ବିଭିନ୍ନ ବର୍ଗକୁ ସ୍ୱୀକୃତି ଦେଇଛି। ଏହା ସହିତ ରାଜନୈତିକ ଭାଗିଦାରୀକୁ ମଧ୍ୟ ସ୍ୱୀକୃତି ଦେଇଛି। ଏସଟି ଓ ଏସସିଙ୍କ କ୍ଷେତ୍ରରେ ଏହା ବାଧ୍ୟତାମୂଳକ ଭାବେ ସମ୍ବିଧାନରେ ରହିଛି। ଓବିସିଙ୍କ କ୍ଷେତ୍ରରେ ଭାଗୀଦାରୀକୁ ଭୋଟାଧିକାର ପ୍ରୟୋଗ ମାଧ୍ୟମରେ ନିଶ୍ଚିତ କରାଯାଇଛି। ବିଭିନ୍ନ ବର୍ଗର ରାଜନୈତିକ ଭାଗିଦାରୀ ସମ୍ପୃକ୍ତ ବର୍ଗର ସାମ୍ବିଧାନିକ ଅଧିକାରକୁ ତଦାରଖ କରିବା ପାଇଁ ଉଦ୍ଦିଷ୍ଟ। କୌଣସି କ୍ଷେତ୍ରରେ ଅଧିକାରର ହନନ ହେଲେ ଏମାନେ ତାହାର ସୁରକ୍ଷା ପ୍ରହରୀ ରୂପେ ଉଭା ହେବା ଆବଶ୍ୟକ।

ଦେଶର ପ୍ରଗତିରେ ଓବିସିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରହିବ ମଧ୍ୟ। ଏମାନେ ରାଜନୈତିକ ଭାବେ ସଶକ୍ତ ହେଲେ ଦେଶର ରାଜନୈତିକ ଢାଞ୍ଚା ଆହୁରି ମଜଭୁତ ହେବ। ଶାସନ ଓ ପ୍ରଶାସନ କ୍ଷେତ୍ରରେ ଏମାନେ ନିଜର ପାରଦର୍ଶିତାକୁ ଶକ୍ତିଶାଳୀ ଢଙ୍ଗରେ ଉପସ୍ଥାପନ କରିପାରିବେ। ଏହି ବର୍ଗ ଅନେକ ବର୍ଷଧରି ଗଡାଣିଆ ରାଜନୈତିକ ଶକ୍ତିଭାବେ ବିବେଚିତ ହୋଇ ଆସିଥିଲା। ମଣ୍ଡଳ କମିଶନଙ୍କ ସୁପାରୀଶର କାର୍ଯ୍ୟକାରିତା ଘୋଷଣା ପରେ ରାଜନୈତିକ ଜାଗରଣ ଓ ସଚେତନତା ଆରମ୍ଭ ହୋଇଛି। ପ୍ରାୟ ପ୍ରତ୍ୟେକ ରାଜ୍ୟରେ ଓବିସି ନେତୃତ୍ୱ ତିଆରି ହୋଇଛି। କେତେକ ରାଜ୍ୟରେ ଏମାନେ ରାଜନୀତିକୁ ନିୟନ୍ତ୍ରଣ କରିପାରିଛନ୍ତି ଓ ସାମାଜିକ ନ୍ୟାୟ ଆନ୍ଦୋଳନକୁ ଆଗକୁ ବଢାଉଛନ୍ତି। କ୍ଷମତା ବଳୟରୁ ଦୁରେଇ ରହିଥିବା ଗୋଟିଏ ବିଶାଳ ଗୋଷ୍ଠୀ ଶାସନ କ୍ଷମତାରେ ଭାଗିଦାରୀ ହୋଇପାରିଛି। ଓବିସି ମାନଙ୍କ ଜାଗରଣକୁ ସଂକୀର୍ଣ୍ଣ ଜାତିବାଦୀ ଅର୍ଥରେ ନିଆଯିବା ଉଚିତ୍ ନୁହେଁ। ଏହାକୁ ସାମାଜିକ ବିକାଶର ଏକ ସୋପାନ ରୂପେ ଗ୍ରହଣ କରାଯିବା ଉଚିତ୍। ଦେଶର ପ୍ରତ୍ୟେକ ବର୍ଗର ବିକାଶ ଅର୍ଥ ରାଷ୍ଟ୍ରର ବିକାଶ।

ଓଡ଼ିଶାରେ ଓବିସିମାନେ ରାଜନୈତିକଭାବେ ସଚେତନ ନୁହଁନ୍ତି ବୋଲି ଅନେକଙ୍କ ଧାରଣା। ରାଜ୍ୟରେ ଏମାନେ ଏକ ରାଜନୈତିକ ଶକ୍ତିଭାବେ ବିବେଚିତ ହୁଅନ୍ତି ନାହିଁ। ୧୯୩୧ ମସିହା ଜନଗଣନା ଆଧାରରେ ଏମାନଙ୍କ ଆନୁମାନିକ ସଂଖ୍ୟା ସମୁଦାୟ ଜନସଂଖ୍ୟାର ଅର୍ଦ୍ଧେକରୁ ଅଧିକ। ଏତେ ସଂଖ୍ୟକ ବିଶିଷ୍ଟ ଗୋଷ୍ଠୀ ମଧ୍ୟରୁ କେହି ଜଣେ ସ୍ୱାଧୀନତା ପରଠାରୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇପାରି ନାହାଁନ୍ତି। ଏସଇବିସିରୁ ହୋଇଛନ୍ତି, କିନ୍ତୁ ଓବିସିରୁ ହୋଇନାହାନ୍ତି। ଏହାର ଏକମାତ୍ର କାରଣ ଏମାନେ ରାଜନୈତିକ ହୀନମାନ୍ୟତାର ଶୀକାର ହୋଇଛନ୍ତି। ଏମାନଙ୍କ ମଧ୍ୟରେ ରାଜନୈତିକ ଚେତନାର ତ ଅଭାବ ରହିଛି, ଏହା ସହିତ ଏମାନଙ୍କୁ କ୍ଷମତା ବଳୟରୁ ମଧ୍ୟ ଦୁରେଇ ରଖିବାର ଚେଷ୍ଟା କରାଯାଇଛି। ଏମାନେ ଚାହିଁଲେ ରାଜ୍ୟର ରାଜନୈତିକ ନେତୃତ୍ୱକୁ ନିଜ ହାତକୁ ନେଇପାରିବେ। ଏ ବିଷୟରେ କେବେ ଚିନ୍ତା କରିନାହାଁନ୍ତି।

ବିଳମ୍ବରେ ହେଲେବି ଓଡିଶା ରାଜନୀତିରେ ଓବିସି ପ୍ରସଙ୍ଗର ଆବିର୍ଭାବ ହୋଇଛି। ରାଜନୈତିକ ବାଧକତା ଏହାକୁ ସମ୍ମୁଖକୁ ଆଣିଛି। ଏହାକୁ ନେଇ ଓବିସି ନେତୃମଣ୍ଡଳୀ ମଧ୍ୟର ମନନ ପ୍ରକ୍ରିୟା ଚାଲିଛି। ରାଜ୍ୟରେ ସାମାଜିକ ନ୍ୟାୟ ଆନ୍ଦୋଳନର ନେତୃତ୍ୱ ଏମାନେ ନେବା ଉଚିତ୍ ବୋଲି ଅନେକ ସଚେତନ ସାମାଜିକ କର୍ମୀ ଅନୁଭବ କରୁଛନ୍ତି। ଓବିସି ମାନେ ରାଜନୈତିକ ଭାବେ ସଶକ୍ତ ହେଲେ ରାଜ୍ୟରେ ପ୍ରଗତି ଆହୁରି କ୍ଷୀପ୍ରତର ହେବ ଓ ଗଣତନ୍ତ୍ରର ମୂଳଦୂଆ ଆହୁରି ମଜଭୁତ ହେବ। ଏ ବାସ୍ତବତାକୁ ସମସ୍ତେ ଅନୁଭବ କରୁଛନ୍ତି। ସାମ୍ପ୍ରତିକ ଅବସ୍ଥାରେ ଓବିସିଙ୍କୁ ନେଇ ରାଜନୈତିକ ଦଳମାନଙ୍କ ଗୋଟି ଚାଳନା କରିବା ଶୁଭ ସଂକେତ। ରାଜ୍ୟରେ ଓବିସି ପ୍ରସଙ୍ଗ ଓ ତାଙ୍କ ଅଧିକାର ମୁଖ୍ୟ ରାଜନୈତକ ଇସ୍ୟୁଭାବେ ଉଭା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଏହାରି ଭିତରେ କଂଗ୍ରେସ ଓ ବିଜେଡି ସଭା, ଶୋଭାଯାତ୍ରା ଓ ଧାରଣା କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ବିଭିନ୍ନ ସମାଜିକ ସଂଗଠନ ଏ ଆନ୍ଦୋଳନକୁ ଆଗେଇ ନେବା ପାଇଁ ଉଦ୍ୟମ କରୁଛନ୍ତି। ଶାସକ ବିଜେପି ଏ ସମସ୍ତ ବିଷୟକୁ ତୀକ୍ଷ୍ଣ ନଜରରେ ରଖିଛି। ଶାସକ ଦଳକୁ ଓବିସି ଚିନ୍ତା ଘାରିଛି। କାରଣ ବିଜେପି ଜାଣିଛି ଓବିସିଙ୍କ ସମର୍ଥନ ବିନା ରାଜ୍ୟରେ ନିଜ ସ୍ଥିତିକୁ ମଜଭୂତ କରିହେବ ନାହିଁ। ବିଜେଡି ଜାଣିଛି ଓବିସି ଦୁରେଇଯିବା ଯୋଗୁଁ ପାର୍ଟୀ କ୍ଷମତାରୁ ଯାଇଛି। କଂଗ୍ରେସ ମଧ୍ୟ ଅବଗତ ଅଛି ଯେ ଓବିସି ସମର୍ଥନ ବିନା ତାଙ୍କ କ୍ଷମତାସୀନ ହେବା ସ୍ୱପ୍ନ ସ୍ୱପ୍ନରେ ରହିଯିବ। ସାମଗ୍ରିକଭାବେ ରାଜନୈତିକ ମହଲରେ ଓବିସି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସମସ୍ତଙ୍କ ନଜର ଓବିସି ଭୋଟ ଉପରେ।

+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ଶ୍ରୀଜଗନ୍ନାଥ ଚେତନା ଓ ଜଗନ୍ନାଥ ସଂସ୍କୃତି

ସୁରେଶ କୁମାର ନାୟକ



ଶ୍ରୀଜଗନ୍ନାଥ ଆମ ସଂସ୍କୃତିର ସର୍ବଜନମାନ୍ୟ ରାଷ୍ଟ୍ର ଦେବତା। ଶ୍ରୀମନ୍ଦିର ରତ୍ନସିଂହାସନରେ କେବଳ ଦେବତା ଭାବରେ ସକାଳୁ ସଞ୍ଜ ଯାଏ ସେ ପୂଜିତ ହୁଅନ୍ତି ନାହିଁ। ବରଂ ଆମ ସୁଖ ଦୁଃଖ, ବିପଦଆପଦ ଓ ଭଲ ମନ୍ଦରେ ସେ ସାହା ହୁଅନ୍ତି ମଣିଷ ଭଳି। ସମଗ୍ର ପୃଥିବୀରେ ଏଭଳି ଦେବତା ବିରଳ। ସେଇଥିପାଇଁ ସେ ଜଗତରନାଥ ଶ୍ରୀଜଗନ୍ନାଥ। ଅନନ୍ୟ ତାଙ୍କର ମହାପ୍ରସାଦ। ଭେଦଶୂନ୍ୟ, ବିକାରଶୂନ୍ୟ ସଂହତି ଭାବ ସୃଷ୍ଟି କରେ ଭକ୍ତ ମନରେ ଏହି ମହାପ୍ରସାଦ। ଅତଏବ ଏହି ପୃଥିବୀ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀଧାମରେ ମହାପ୍ରଭୁଙ୍କର ଅର୍ପିତ ପ୍ରସାଦ ବା ଦ୍ରବ୍ୟ ସ୍ପୃଶ୍ୟାସ୍ପୃଶ୍ୟ ଦୋଷରେ ଦୂଷିତ ହୁଏ ନାହିଁ କି ଏଠାରେ ବର୍ଣ୍ଣବିଚାର ନାହିଁ, ଉଚ୍ଛିଷ୍ଟାଦି ବିଚାର ନାହିଁ କି ଶୌଚାଶୌଚ ପାପ ନିଷ୍ପାପ ବିଚାର ମଧ୍ୟ ନାହିଁ। ଆବ୍ରାହ୍ମଣଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏଠି ନିର୍ବିକାର ଚିତ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନପୂର୍ବକ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରନ୍ତି ଏବଂ ଅନ୍ୟ ମାନଙ୍କ ମୁଖରେ ମହାପ୍ରସାଦ ଦେଇ ଦିବ୍ୟାନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ଅଧିକ ପବିତ୍ର ମଧ୍ୟ ମନେକରିଥାନ୍ତି। ତେଣୁ ଏହି କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏକ ପାତ୍ରରେ ପାନଭୋଜନ କରିବା ଓ ମିଳାମିଶା କରିବା ବା ସଂହତି ରକ୍ଷା କରିବା ହେଉଛି ଏ ପୀଠର ପରମ୍ପରା। ଏହି ପରମ୍ପରା ବୌଦ୍ଧ ଧର୍ମ ଦର୍ଶନଦ୍ୱାରା ପ୍ରଭାବିତ। ଏହି ଏକତ୍ୱଭାବ, ଭ୍ରାତୃଭାବ ଆମ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରିଥାଏ। ସମଗ୍ର ବିଶ୍ୱରେ ଆମ ସଂସ୍କୃତିର ପରାକାଷ୍ଠା ମହାପ୍ରଭୁ ଜଗନ୍ନାଥଙ୍କ ଯୋଗୁ ଆଜି ବିଦିତ। ଆମ ସଂସ୍କୃତି ହେଉଛି ଜାତିଭେଦ ବିହୀନ ସଂସ୍କୃତି - ତାହା ହିଁ ଜଗନ୍ନାଥ ସଂସ୍କୃତି। ବୁଦ୍ଧରୂପୀ ପତିତପାବନଙ୍କ ନାମରେ ସିଂହଦ୍ୱାର ଗୁମୁଟରେ ଜଗନ୍ନାଥଙ୍କ ପ୍ରତିବିମ୍ବ ଅଙ୍କନ କରାଯାଇ ପ୍ରମାଣ କରାଯାଇଛି ଯେ ବୁଦ୍ଧ-ଜଗନ୍ନାଥ-ପତିତପାବନ ଏକ ଓ ଅଭିନ୍ନ ଓ ତାହା ହିଁ ଜଗନ୍ନାଥଙ୍କର ମୂଳରୂପ। ଅତଏବ ଜଗନ୍ନାଥ ବୁଦ୍ଧରୂପୀ ପତିତପାବନ ହୋଇଥିବାରୁ ତାହାଙ୍କ ଯାତ୍ରାକୁ ପତିତପାବନଯାତ୍ରା ବା ରଥଯାତ୍ରା ବୋଲି କୁହାଯାଏ। କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି - 'ସ୍ନାନ ଯେ ଗୁଣ୍ଡିଚା ବେନି ସ୍ୱୟଂଲୀଳା ଯା'ର, ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର।' ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ନାନ ବା ଗୁଣ୍ଡିଚା ଯାତ୍ରାରେ ଜଗନ୍ନାଥ ମହାପ୍ରଭୁ ପ୍ରସାଦ ବା ଦେଉଳରୁ ବାହାରିଥାଆନ୍ତି। ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ଓଡ଼ିଶା ସମେତ ଭାରତ ବର୍ଷ ଓ ଭାରତ ବାହାରେ ବିଭିନ୍ନ ଦେଶରେ ପରିବ୍ୟାପ୍ତ। ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ ଜନସମାଜରେ ଆଦୃତ ହେଉଥିବାରୁ ଦେଶ ବିଦେଶରେ ତାହାଙ୍କର ଏ ଭେଦଭାବ ଶୂନ୍ୟ ଯାତ୍ରାର ବହୁଳ ପ୍ରଚାର ଓ ପ୍ରସାର ଘଟିଛି। ମହାପ୍ରଭୁଙ୍କ ସହିତ ଏ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ ଓ ଗୂଢ଼ ସଂଯୋଗର ସୂତ୍ର ସ୍ଥାପିତ ହୁଏ ଏହି ରଥଯାତ୍ରାରେ। କୈବଲ୍ୟ ବା ମୁକ୍ତି ଏହାର ଉଦ୍ଦେଶ୍ୟ। ଶ୍ରୀଜଗନ୍ନାଥଙ୍କ ଏ ରଥଯାତ୍ରା ବ୍ୟକ୍ତି ଜୀବନକୁ ନୀତିମୟ, ଶୁଦ୍ଧ ଓ ଆଚାରଶୀଳ କରୁଥିବାବେଳେ ସାମାଜିକ ଜୀବନଧାରାକୁ ଆନନ୍ଦ ମୁଖରିତ କରିବା ସଙ୍ଗେ ସଙ୍ଗେ ମାର୍ଜିତ ଓ ରୁଚିସମ୍ପନ୍ନ କରିଥାଏ। ସାଂସ୍କୃତିକ ମୂଲ୍ୟବୋଧର ଭିତ୍ତି ଓ ଭୂତ୍ତି ଉପରେ ପ୍ରତିଷ୍ଠିତ ଆମ ସଂସ୍କୃତିର ଏ ମହୋତ୍ସବ ଭକ୍ତିତତ୍ତ୍ୱ, ମୋକ୍ଷତତ୍ତ୍ୱ ଓ ପରମତତ୍ତ୍ୱ ପ୍ରଦାନ ସହିତ ତାର ଉଦାରମାନବିକତାକୁ ଉଦଘୋଷଣା କରେ। ତେଣୁ ବିଶ୍ୱମୁଖୀ ମୈତ୍ରୀବୋଧର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମଣିଷ ଭିତରେ ଦିବ୍ୟଜ୍ଞାନ ଓ ଦେବତ୍ୱ ସୃଷ୍ଟି କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏ ଯାତ୍ରା।

ନିତ୍ୟ ପୁଣ୍ୟଧାମ ପୁରୀକୁ ଆସୁଥିବା ଯେ କେହି ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିଥାନ୍ତି। ଏହି ନିତ୍ୟ ଧାମ ପୁରୀ ସମାନତାର ଭାବରେ ଉଦବୃଦ୍ଧ କରିଥାଏ ସମସ୍ତଙ୍କୁ। ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ନିଜ ଘରୁ ହିଁ ଯେଉଁ ଭକ୍ତି ନୈବେଦ୍ୟର ସମର୍ପଣ କରିଥାନ୍ତି ତାହା ମହାପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ। ମହାପ୍ରଭୁ କେବଳ ଶ୍ରୀ ମନ୍ଦିର ଭିତରେ ଆବଦ୍ଧ ହୋଇନାହାଁନ୍ତି ସେ ଆମ ଭାବ, ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ଦର୍ଶନ ସହିତ ଅନ୍ୟ ମାନଙ୍କୁ ପରୋପକାର ସେବା ଭିତରେ ଜୀବନ ନିର୍ବାହ ପାଇଁ ଆମ ମାନଙ୍କୁ କୃପା ଆଶୀର୍ବାଦ ଦେଉଛନ୍ତି। ଆମ ଜୀବନ ଚେତନାର ମୂଳ ଧର୍ମ ଓ ମର୍ମ ହେଉଛି ବାସ୍ତବରେ ସ୍ୱୟଂ ମହାପ୍ରଭୁ ସବୁ କିଛିକୁ ନିଜେ ହିଁ କରାଉଛନ୍ତି ଆମେ ସବୁ ନିମିତ୍ତ ମାତ୍ର। ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତ ଆମ ଜାତିର ପରିଚୟ, ଆମ ମାନଙ୍କ ପରିଚୟ। ମହାପ୍ରଭୁଙ୍କୁ ଅନ୍ତରଭରା ଏତିକି ପ୍ରାର୍ଥନା କରୁଛି ପ୍ରଭୁ ଆମ ସମସ୍ତଙ୍କ ଭିତରେ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଦ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଚ୍ଚୋଟତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା।

ଅଧ୍ୟକ୍ଷ,
ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ,
ମୋ : ୯୪୩୭୨୨୫୫୯୨

# ରାଷ୍ଟ୍ରବାଦର ଝଣ୍ଡା ବନାମ ରାଷ୍ଟ୍ରୀୟ ସୁରକ୍ଷାର ଶୋକଗୀତ



ଗୋପାଳ ମହାପାତ୍ର

ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ତାଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷ ପୂରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ୧୧ ବର୍ଷ ଶେଷ ହୋଇଯାଇଛି। ୨୦୧୪ ମଇ ମାସ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ନରେନ୍ଦ୍ର ମୋଦୀ ପାଖାପାଖି ସାଢ଼େ ବାରବର୍ଷ ପର୍ଯ୍ୟନ୍ତ ଗୁଜୁରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ପ୍ରଚାରତନ୍ତ୍ର ମାଧ୍ୟମରେ ବିକାଶ ପୁରୁଷଭାବେ ତାଙ୍କର ଛବି ପ୍ରସ୍ତୁତ କରିପାରିଥିଲେ। ଗୁଜୁରାଟର ମୁଖ୍ୟମନ୍ତ୍ରୀରୁ ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇଥିଲେ ଓ ୨୦୧୪ରେ ପ୍ରଧାନମନ୍ତ୍ରୀ ହୋଇଥିଲେ। ପ୍ରଧାନମନ୍ତ୍ରୀ ଭାବେ ସେ ଦେଶର ଜନତାଙ୍କୁ ୬୦ ମାସର ସମୟ ମାଗିବା ସହ ଅନେକ ପ୍ରତିଶୃତି ଦେଇଥିଲେ ଓ ଲୋକଙ୍କୁ ଅନେକ ସ୍ୱପ୍ନ ଦେଖାଇଥିଲେ। ତାଙ୍କ ପ୍ରତିଶୃତି ଓ ଲୋକଙ୍କୁ ଦେଖାଇଥିବା ସ୍ୱପ୍ନ ଥିଲା ଯେ ସେ ୫ ବର୍ଷ ମଧ୍ୟରେ ଭାରତକୁ ବିକଶିତ ଦେଶର ତାଲିକାରେ ନିଶ୍ଚୟ ସାମିଲ କରିବେ। ଦେଶର ଜନତା ତାଙ୍କ ଉପରେ ଭରଷା କରିଥିଲେ। କିନ୍ତୁ ପ୍ରତିଶୃତି ରକ୍ଷା କରି ପାରି ନଥିଲେ। ତଥାପି ବି ଦେଶର ଜନତା ତାଙ୍କ ଉପରେ ଭରଷା କରି ଦ୍ୱୀତିୟ ଥର ପାଇଁ ତାଙ୍କ ନେତୃତ୍ୱକୁ ସ୍ୱୀକାର କରିଥିଲେ। ଏତିକି ନୁହେଁ ଏହି ସମୟରେ କେତେକ ରାଜ୍ୟରେ ବିଜେପି ସରକାର ଗଠନ କରିଥିଲା। ଅନେକ ରାଜ୍ୟରେ ସଂଖ୍ୟାଗରିଷ୍ଠ ହୋଇଥିଲା ଓ କିଛି ରାଜ୍ୟରେ ବିଜେପି ବିରୋଧି ବିଧାୟକଙ୍କୁ କିଣା-ବିକା କରି ଜନାଦେଶର ଅପହରଣ କରି ସରକାର ଗଠନ କରିଥିଲା। କିନ୍ତୁ ଏସବୁ ସତ୍ତ୍ୱେ ଦେଶର କ'ଣ ବିକାଶ ଘଟିଥିଲା ସେକଥା ଦେଶର ଜନତା ଜାଣନ୍ତି। ଏହି କାରଣରୁ ତାଙ୍କ ପାଇଁ ତୃତୀୟ କାର୍ଯ୍ୟକାଳ ସହଜ ହୋଇନଥିଲା। ମୋଦୀ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାର ଦୁରୁପଯୋଗ କରିଥିବା ବାବଦରେ ଅଭିଯୋଗ ଉଠିଥିଲା। ବିରୋଧିଦଳ ନେତାଙ୍କ ବିରୁଦ୍ଧରେ ଦମନ ମୂଳକ ପଦକ୍ଷେପ, ସାମ୍ପ୍ରଦାୟୀକ ଧ୍ରୁବୀକରଣ ଏପରିକି ଗଣମାଧ୍ୟମର ବନ୍ଧ୍ୟାକରଣ କରାଇବା ଭଳି ଅନେକ ଅଭିଯୋଗ ମୋଦୀଙ୍କ ବିରୁଦ୍ଧରେ ଆସୁଛି।

ତୃତୀୟ ପାଳିରେ ବିଜେପି ଏକାକୀ ସରକାର ଗଠନ ପାଇଁ ସଂଖ୍ୟା ଗରିଷ୍ଠତା ହାସଲ କରିପାରିନଥିଲା। ଏଣୁ ସହଯୋଗୀ ଟିଡିପ ଓ ଜେଡି (ୟୁ) ଭଳି ଦଳର ସହାୟତାରେ ମୋଦୀ ସରକାର ଗଠିତ ହେଲା। ମୋଦୀଙ୍କ ପ୍ରଧାନମନ୍ତ୍ରୀତ୍ୱର ଦୁଇ କପାଳିରେ ଲୋକଙ୍କର ବିକାଶ ପରିବର୍ତ୍ତେ କିଛି ଶିଳ୍ପ ପତିଙ୍କର ବିକାଶ ଘଟିଥିଲା। ତୃତୀୟ ପାଳିର ପ୍ରଥମ ବର୍ଷର କାର୍ଯ୍ୟ ମଧ୍ୟ ନିରାଶ ଜନକ ବୋଲି ଅନେକଙ୍କ ମତ। ମୋଦୀଙ୍କ ୧୧ବର୍ଷର କାର୍ଯ୍ୟକାଳର ଚର୍ଚ୍ଚା କରିବା ପୂର୍ବରୁ ମୋଦୀଙ୍କ କିଛି ଭାଷଣ ବାବଦରେ ଚର୍ଚ୍ଚା କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ହେବା ପରେ ସେ ପ୍ରଥମ ଥର ଲାଲକିଲ୍ଲାରୁ ଭାଷଣ ଦେଇଥିଲେ ୨୦୧୪ ମସିହା ଅଗଷ୍ଟ ୧୫ରେ। ସ୍ୱାଧିନତା ଦିବସ ଅବସରରେ ସେ ଦେଶକୁ ସମ୍ବୋଧିତ କରି ଯାହା କହିଥିଲେ ତାକୁ କେବଳ ଦେଶର ଜନତା ନୁହେଁ ବିଶ୍ୱ ସମୁଦାୟ ମଧ୍ୟ ଗୁରୁତ୍ୱର ସହ ଶୁଣିଥିଲେ। ବିକାଶ ଏବଂ ରାଷ୍ଟ୍ରବାଦର ମିଶ୍ରିତ ପ୍ରତିଶୃତି ଦେଇ ଶାସନକୁ ଆସିଥିବା ମୋଦୀ ତାଙ୍କ ଭାଷଣରେ ଦେଶର ଆର୍ଥୀକ ଏବଂ ସାମରିକ ସ୍ଥିତିକୁ ପରିବର୍ତ୍ତନ କରାଇବାର ପ୍ରତିଶୃତି ଦେବା ସହ ତାଙ୍କଦଳ ବିଜେପିର ସହଯୋଗୀ ସଂଗଠନ ମାନଙ୍କୁ ସାଂପ୍ରଦାୟିକ ବା ଜାତିଗତ ଉତ୍ତେଜନା ନକରିବା ପାଇଁ ନିବେଦନ କରିଥିଲେ। ମୋଦୀ ତାଙ୍କ ଭାଷଣରେ କହିଥିଲେ ଯେ - ଜାତିବାଦ, ସଂପ୍ରଦାୟବାଦ, ଆଞ୍ଚଳିକ ବାଦ, ସାମାଜିକ ବା ଆର୍ଥୀକ ଆଧାରରେ ଲୋକମାନଙ୍କ ମଧ୍ୟରେ ବିଭେଦ ସବୁ ବିଷଭଳି ଯାହା ଆମ ବିକାଶର ରାସ୍ତାରେ ବାଧା ସୃଷ୍ଟି କରିଥାଏ। ଏପରିକି ଦେଶର ଜନସାଧାରଣ ଏ ଦିଗରେ ସଂକଳ୍ପ ନେବା ପାଇଁ ନିବେଦନ କରି କହିଥିଲେ ଯେ ଆମେ ପରସ୍ପର ମଧ୍ୟରେ ଲଢ଼ିବା ପରିବର୍ତ୍ତେ ଦାରିଦ୍ର ?୍ୟ, ବେରୋଜଗାରୀ, ଅଶିକ୍ଷା ଭଳି ସାମାଜିକ ଅବ୍ୟବସ୍ଥା ବିରୁଦ୍ଧରେ ଲଢ଼ିବା ଏବଂ ଏମିତି ଏକ ସମାଜ ଗଠନ କରିବା ଯେଉଁଠି କୌଣସି ପ୍ରକାରର ଚାପନଥିବ। ମୋଦୀଙ୍କ ଏହି ଭାଷଣ ତାଙ୍କର ପ୍ରକୃତ ଛବିର ପୁରା ବିପରିତ, ସକାରାତ୍ମକ ଏବଂ ସଦିଚ୍ଛାର ଭରପୁର ବୋଲି ଲୋକେ ଗ୍ରହଣ କରିନେଇଥିଲେ। ତାଙ୍କ ଭାଷଣକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଥିଲା। ମୋଦୀଙ୍କ ଭାଷଣ ପରେ ଅଶା କରାଯାଉଥିଲା ତାଙ୍କ ଦଳ ତଥା ବିଜେପିର ସହଯୋଗୀ ସଂଗଠନ ମାନେ ମୋଦୀଙ୍କ କଥାକୁ ମାନିବେ ଓ ତାଙ୍କ ଭାଷଣର କଥାକୁ ଗୁରୁତ୍ୱ ଦେବେ। କିନ୍ତୁ ଏମିତି ଘଟିନଥିଲା। ପରନ୍ତୁ ନିଜେ ମୋଦୀ ଖୋଲାଖୋଲି ଭାବେ ବିଭାଜନକାରୀ ଓ ସାମ୍ପ୍ରଦାୟିକ ଭାଷଣ ଦେବାରେ ଲାଗିଲେ। ଦୁର୍ଭାଗ୍ୟର କଥା ଯେ ଦେଶର ଏବେ କିଂଭୁତ କିମାକାର ପରିସ୍ଥିତି ସୃଷ୍ଟି ହୋଇଛି। ମୋଦୀଙ୍କ କଳାଧନ ଫେରସ୍ତ ପ୍ରତିଶୃତି, ବିମୁଦ୍ରାକରଣ ଭଳି ପଦକ୍ଷେପ କେତେଦୁର ଲୋକଙ୍କ ବିକାଶ ପାଇଁ ସହାୟକକ ହୋଇଛି ସେକଥା ଏ ଦେଶର ଲୋକେ ଜାଣନ୍ତି।

ମୋଦୀ ସରକାରଙ୍କ ୧୧ବର୍ଷ ପୁର୍ତ୍ତୀ ଅବସରରେ ବିଜେପି ସାମ୍ବାଦିକ ସମ୍ମିଳନୀ କରିଥିଲା ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍‌ପ୍ରକାଶ ନଡ୍ଡା କହିଥିଲେ ଯେ ମୋଦୀ ତୁଷ୍ଟିକରଣ ନୀତିକୁ ଖତମ କରି ଉତ୍ତରଦାୟୀ, ପାରଦର୍ଶିତା ଏବଂ ବିକାଶର ରାଜନୀତି ଆରମ୍ଭ କରିଛନ୍ତି। ପ୍ରକୃତରେ ଦେଖିବାକୁ ଗଲେ ଭାରତର ରାଜନୈତିକ ସଂସ୍କୃତି ବଦଳିଯାଇଛି। ରାଜନୈତିକ ପ୍ରତିଦ୍ୱନ୍ଦିତା, ପ୍ରତିଦ୍ୱନ୍ଦୀଙ୍କ ପ୍ରତି ଦୁର୍ଭାବନା ଏବଂ ଘୃଣା ବଢ଼ିବାରେ ଲାଗିଛି। ରାଜନୈତିକ ସଂସ୍କୃତିର ଏହି ପରିବର୍ତ୍ତନ ସାର୍ବଭୌମିକ ଅଟେ। ନଡ୍ଡା ସାହେବ ଯେଉଁ ଉତ୍ତରଦାୟୀ କଥା କହିଲେ କ'ଣ ତାଙ୍କ ଦଳର ସରକାରର ଉତ୍ତରଦାୟୀତ୍ୱ ଅଛି? ପହଲଗାମ ଆତଙ୍କ ଘଟଣା, ତାପରର ସେନା କାର୍ଯ୍ୟାନୁଷ୍ଠାନ ଓ ହଠାତ୍ ଯୁଦ୍ଧ ବିରତି ଘୋଷଣା କ'ଣ ଉତ୍ତରଦାୟୀତ୍ୱ? ଏବେର ବିମାନ ଦୁର୍ଘଟଣା ପାଇଁ ଉତ୍ତରଦାୟୀ କିଏ? ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଭାରତ-ପାକିସ୍ଥାନ ମଧ୍ୟରେ ସେନା କାର୍ଯ୍ୟାନୁଷ୍ଠାନ ବେଳେ ବିଶ୍ୱର କୌଣସି ବି ଦେଶ ଭାରତକୁ ସମର୍ଥନ କରିନଥିଲେ। ଅନ୍ୟପକ୍ଷରେ ଚୀନ ଏବଂ ଅନ୍ୟ କିଛି ଦେଶ ପାକିସ୍ଥାନକୁ ସହଯୋଗ କରିଥିଲେ। ଏପରିକି ଆନ୍ତର୍ଯ୍ୟାତିୟ ମୁଦ୍ରା ପାଣ୍ଠି ପାକିସ୍ଥାନ ଏକ ବଡ଼ ଧରଣର ଆର୍ଥୀକ ସହାୟତା ଦେଇଥିଲା। ଭାରତ ସରକାର ପାକିସ୍ଥାନ ବିରୁ ?ଦ୍ଧରେ ଆନ୍ତର୍ଯାତୀୟ ସମର୍ଥନ ଜୁଟାଇବା ପାଇଁ ସଂସଦ, ପୂର୍ବତନ ସାଂସଦ ମାନଙ୍କର ପ୍ରତିନିଧି ମଣ୍ଡଳକୁ ଅନେକ ଦେଶକୁ ପଠାଇଥିଲା। କିନ୍ତୁ ଦୁର୍ଭାଗ୍ୟ ଯେ ଜାତିସଂଘ ପାକିସ୍ଥାନକୁ ସୁରକ୍ଷା ପରିଷଦ ଆତଙ୍କବାଦ ନିରୋଧି କମିଟିର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛି। ଋଷ ଭଳି ଭାରତର ବନ୍ଧୁ ଦେଶ ସମର୍ଥନ କରିବା ପରିବର୍ତ୍ତେ ପାକିସ୍ଥାନ ପ୍ରତି ନରମ ମନୋଭାବ ପ୍ରଦର୍ଶନ କରିଥିଲା। ଏବେ ଜି-୭ ସମ୍ମିଳନୀରେ ଭାରତର ମର୍ଯ୍ୟଦାହାନୀ ହୋଇଛି। ଆନ୍ତର୍ଯ୍ୟାତୀୟ ସ୍ତରରେ ଭାରତର ଏଭଳି ଦୟନୀୟ ଅବସ୍ଥା କେବେ ହୋଇନଥିଲା। କିନ୍ତୁ ଏ ବିଷୟରେ ଚିନ୍ତା କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ବିଫଳତାକୁ ସଫଳତା ବୋଲି କହିଚାଲିଛନ୍ତି। ରାଷ୍ଟ୍ରବାଦର କଥା କହୁଥିବା ପ୍ରଧାନମନ୍ତ୍ରୀଙ୍କର ଏଭଳି ମାନସିକତାକୁ ରାଷ୍ଟ୍ରବାଦଝଣ୍ଡ ଏବଂ ରାଷ୍ଟ୍ରୀୟ ସୁରକ୍ଷାର ଶୋକଗୀତ ବୋଲି କୁହାଯିବ ନା ଅନ୍ୟ କିଛି?

+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା: କଳାଧନ ନା ପୁଞ୍ଜି ପଳାୟନ ?

ନିକଟରେ ସ୍ୱିସ୍ ନ୍ୟାସନାଲ ବ୍ୟାଙ୍କ (SNB) ଦ୍ୱାରା ପ୍ରକାଶିତ ବାର୍ଷିକ ତଥ୍ୟ ଭାରତୀୟ ରାଜନୀତି ଓ ଅର୍ଥନୀତିରେ ଏକ ଚର୍ଚ୍ଚାର ଝଡ଼ ସୃଷ୍ଟି କରିଛି । ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ସ୍ୱିସ୍ ବ୍ୟାଙ୍କଗୁଡ଼ିକରେ ଭାରତୀୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥ ପରିମାଣ ତିନି ଗୁଣରୁ ଅଧିକ ବୃଦ୍ଧି ପାଇ ୩.୫୪ ବିଲିୟନ ସ୍ୱିସ୍ ଫ୍ରାଙ୍କ୍ ବା ପାଖାପାଖି ୩୭,୬୦୦ କୋଟି ଟଙ୍କାରେ ପହଞ୍ଚିଛି । ଏହି ଖବର ସାମ୍ନାକୁ ଆସିବା ପରେ ଦେଶରେ ପୁଣିଥରେ କଳାଧନକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି । ତେବେ କେବଳ ଏହି ମୁଖ୍ୟ ପରିସଂଖ୍ୟାନକୁ ଦେଖି କୌଣସି ନିର୍ଯ୍ୟାସରେ ପହଞ୍ଚିବା ପୂର୍ବରୁ ଏହାର ଗଭୀର ବିଶ୍ଳେଷଣ କରିବା ଅତ୍ୟନ୍ତ ଆବଶ୍ୟକ।

ପ୍ରଥମେ ଦେଖିବାକୁ ଗଲେ, ଏହି ବିପୁଳ ବୃଦ୍ଧିର ମୁଖ୍ୟ କାରଣ ବ୍ୟକ୍ତିଗତ ଜମାଖାତା ନୁହେଁ । SNB ତଥ୍ୟ ସ୍ପଷ୍ଟ କରୁଛି ଯେ ଏହି ବୃଦ୍ଧିର ସିଂହଭାଗ ଅନ୍ୟ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକ ମାଧ୍ୟମରେ ଜମା ହୋଇଥିବା ଅର୍ଥ ଯୋଗୁଁ ହୋଇଛି। ଭାରତୀୟ ଗ୍ରାହକମାନଙ୍କ ବ୍ୟକ୍ତିଗତ ଜମାଖାତାରେ ମାତ୍ର ୧୧% ବୃଦ୍ଧି ଘଟିଛି, ଯାହାର ମୂଲ୍ୟ ପ୍ରାୟ ୩୪୬ ନିୟୁତ ସ୍ୱିସ୍ ଫ୍ରାଙ୍କ୍ ବା ପାଖାପାଖି ୩,୬୭୫ କୋଟି ଟଙ୍କା ଅଟେ । ଏହା ମୋଟ ଜମାରାଶିର ମାତ୍ର ଦଶ ପ୍ରତିଶତ ଅଟେ । ଏହି ତଥ୍ୟରୁ ଏହା ସୂଚିତ ହେଉଛି ଯେ ଅଧିକାଂଶ ଅର୍ଥ ହେଉଛି ଭାରତୀୟ କମ୍ପାନୀଗୁଡ଼ିକର ବ୍ୟାବସାୟିକ କାରବାର, ଭାରତରେ କାର୍ଯ୍ୟରତ ସ୍ୱିସ୍ ବ୍ୟାଙ୍କ ଶାଖାଗୁଡ଼ିକର ଜମା କିମ୍ବା ଗୋଟିଏ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ହୋଇଥିବା ଆନ୍ତଃ-ବ୍ୟାଙ୍କିଙ୍ଗ୍ କାରବାର । ଏହାକୁ ଏକ ପରିସଂଖ୍ୟାନର ଖେଳ କହି ଏଡ଼ାଇ ଦେବା, ସମସ୍ୟାର ଗମ୍ଭୀରତାକୁ ଅଣଦେଖା କରିବା ସଦୃଶ । ଯେଉଁ ଯୁକ୍ତି ଦର୍ଶାଯାଉଛି ଯେ ଏହି ବୃଦ୍ଧିର ମୁଖ୍ୟ ଭାଗ ଆନ୍ତଃ-ବ୍ୟାଙ୍କିଙ୍ଗ କାରବାର ଯୋଗୁଁ ହୋଇଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରେ । ଅର୍ଥନୀତିର ଜଟିଳ ଦୁନିଆରେ ବେଆଇନ ଅର୍ଥକୁ ବୈଧ କରିବା ପାଇଁ 'ରାଉଣ୍ଡ ଟ୍ରିପିଙ୍ଗ୍' ଏକ ଜଣାଶୁଣା ପଦ୍ଧତି, ଯେଉଁଠି କଳାଧନକୁ ବିଭିନ୍ନ କମ୍ପାନୀ ଓ ବ୍ୟାଙ୍କିଙ୍ଗ ସ୍ତର ଦେଇ ପୁନର୍ବାର ବୈଧ ଅର୍ଥ ଭାବେ ଦେଶକୁ ଫେରାଇ ଅଣାଯାଏ । ତେଣୁ, ଆନ୍ତଃ-ବ୍ୟାଙ୍କିଙ୍ଗ କାରବାରରେ ଏହି ଅସ୍ୱାଭାବିକ ବୃଦ୍ଧି ଏକ ସରଳ ବ୍ୟାବସାୟିକ କାର୍ଯ୍ୟକଳାପ ନୁହେଁ, ବରଂ ଏହା ପଛରେ ଏକ ସୁଚିନ୍ତିତ ଅର୍ଥ ହେରଫେରର ଷଡ଼ଯନ୍ତ୍ର ଥାଇପାରେ, ଏହି ଆଶଙ୍କାକୁ ସମ୍ପୂର୍ଣ୍ଣ ରୂପେ ଏଡାଇ ଦିଆଯାଇ ନପାରେ । ଭାରତ ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ଥିବା ସୂଚନାର ସ୍ୱୟଂଚାଳିତ ଆଦାନପ୍ରଦାନ (AEOI) ବ୍ୟବସ୍ଥାକୁ ଏକ ଅମୋଘ ଅସ୍ତ୍ର ଭାବେ ଚିତ୍ରଣ କରାଯାଉଛି । କିନ୍ତୁ ଏହି ବ୍ୟବସ୍ଥା କେତେଦୂର ସଫଳ, ତାହା ଏକ ବିତର୍କର ବିଷୟ । ଚତୁର ଅର୍ଥନୈତିକ ଅପରାଧୀମାନେ ଅନେକ ସମୟରେ ତୃତୀୟ ଦେଶରେ ପଞ୍ଜୀକୃତ କମ୍ପାନୀ କିମ୍ବା ଜଟିଳ ଟ୍ରଷ୍ଟ ମାଧ୍ୟମରେ ଅର୍ଥ ଜମା କରନ୍ତି, ଯାହାଫଳରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼େ । AEOI ବ୍ୟବସ୍ଥା କେବଳ ସିଧାସଳଖ ଭାରତୀୟ ନାଗରିକଙ୍କ ନାମରେ ଥିବା ଆକାଉଣ୍ଟର ତଥ୍ୟ ଦେବାରେ ସକ୍ଷମ, କିନ୍ତୁ ଏହିଭଳି ଜଟିଳ ସଂରଚନାକୁ ଭେଦ କରିବା ପାଇଁ ଏହା ଯଥେଷ୍ଟ ନୁହେଁ । ଏହା ବ୍ୟତୀତ, କେବଳ ସ୍ୱିଜରଲ୍ୟାଣ୍ଡ ନୁହେଁ, ବିଶ୍ୱରେ ଆହୁରି ଅନେକ ଟିକସ-ସ୍ୱର୍ଗ (tax havens) ରହିଛି, ଯେଉଁଠାକୁ କଳାଧନ ସ୍ଥାନାନ୍ତରିତ ହୋଇପାରୁଛି । ତେଣୁ, କେବଳ ଗୋଟିଏ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଆଶ୍ୱସ୍ତ ହୋଇଯିବା ଏକ ବଡ଼ ଭୁଲ ହେବ । ଯଦି ଏହି ବୃଦ୍ଧିର କିଛି ଅଂଶ ବୈଧ ବ୍ୟାବସାୟିକ କାରବାର ଯୋଗୁଁ ହୋଇଛି ବୋଲି ଧରାଯାଏ, ତେବେ ଗୋଟିଏ ବର୍ଷ ମଧ୍ୟରେ ଏତେ ବିପୁଳ ପରିମାଣର ପୁଞ୍ଜି ଦେଶ ବାହାରକୁ, ବିଶେଷକରି ସ୍ୱିଜରଲ୍ୟାଣ୍ଡକୁ ଯିବା ମଧ ଚିନ୍ତାର କାରଣ । ଏହା କ'ଣ ଦେଶର ଅର୍ଥନୈତିକ ସ୍ଥିରତା ଉପରେ ନିବେଶକଙ୍କ ଆସ୍ଥା କମିଯାଉଥିବାର ସଙ୍କେତ ? ଯେତେବେଳେ ଦେଶକୁ ବିକାଶ ଓ ନିଯୁକ୍ତି ସୃଷ୍ଟି ପାଇଁ ପୁଞ୍ଜିର ଆବଶ୍ୟକତା ରହିଛି, ସେତେବେଳେ ଏତେ ବଡ଼ ପରିମାଣର ଅର୍ଥ ଦେଶ ବାହାରେ ପାର୍କ କରାଯିବା ନିଶ୍ଚିତ ଭାବେ ଏକ ନକାରାତ୍ମକ ପ୍ରବୃତ୍ତି । ସରକାର ଓ ନୀତି ନିର୍ଦ୍ଧାରକମାନେ ଏହାକୁ କେବଳ କଳାଧନ ଦୃଷ୍ଟିକୋଣରୁ ନ ଦେଖି ପୁଞ୍ଜି ପଳାୟନ (capital flight) ଦୃଷ୍ଟିକୋଣରୁ ମଧ ବିଚାର କରିବା ଆବଶ୍ୟକ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପରିସଂଖ୍ୟାନ ଏକ ନୈତିକ ପ୍ରଶ୍ନ ମଧ ଉଠାଉଛି । ଗୋଟିଏ ପଟେ ଦେଶର ସାଧାରଣ ନାଗରିକ ଟିକସ ବ୍ୟବସ୍ଥାର ଜଟିଳତା ଓ ମୁଦ୍ରାସ୍ଫୀତି ସହ ସଂଘର୍ଷ କରୁଥିବାବେଳେ, ଅନ୍ୟ ପଟେ ଏକ ସ୍ୱଳ୍ପ ସଂଖ୍ୟକ ବର୍ଗର ବିପୁଳ ସମ୍ପତ୍ତି ବିଦେଶୀ ବ୍ୟାଙ୍କରେ ଗଚ୍ଛିତ ହୋଇ ରହିଛି । ଏହା ଆର୍ଥିକ ବୈଷମ୍ୟର ଏକ ସ୍ପଷ୍ଟ ପ୍ରତିଫଳନ । ସରକାରଙ୍କ ଦାୟିତ୍ୱ ହେଉଛି ଏହିଭଳି ଅସ୍ୱାଭାବିକ ଆର୍ଥିକ ଗତିବିଧିର ମୂଳ କାରଣ ଖୋଜି ବାହାର କରିବା ଏବଂ ଦେଶର ସମ୍ବଳ ଯେପରି ଦେଶର ବିକାଶରେ ହିଁ ଲାଗିବ, ତାହା ସୁନିଶ୍ଚିତ କରିବା । କେବଳ ତଥ୍ୟକୁ ଭିନ୍ନ ଭାବେ ବ୍ୟାଖ୍ୟା କରି ଦାୟିତ୍ୱରୁ ମୁକ୍ତି ପାଇବା ପ୍ରଚେଷ୍ଟା, ଦେଶର ଅର୍ଥନୈତିକ ସ୍ୱାର୍ଥ ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ଏହି ସମସ୍ୟାର ସମାଧାନ ପାଇଁ ଅଧିକ ପାରଦର୍ଶିତା, କଠୋର ତଦନ୍ତ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ।

## ମୋ ଆଖିରେ ତୁ... (୯)




ମଧୁମିତା ମିଶ୍ର


ସ୍ନାନ ମଣ୍ଡପରେ ସୁନାକୁଅରୁ ଅଣା ହୋଇଥିବା ଶହେଆଠ ଗରାରେ ଗାଧୋଇ ପଡ଼ିବା ପରେ ତୋତେ ଜର ହୁଏ। ରତ୍ନବେଦୀ ଉପରୁ ଆସିବା ପରେ ତୁ ଆଉ ସେଠାକୁ ଫେରି ନ ଯାଇ ସିଧା ଅଣସର ପିଣ୍ଡିକୁ ଯାଉ। ସେଠି ସେଇ ଦଇତାମାନେ ତୋ ସେବାରେ ଲାଗି ପଡନ୍ତି ଯିଏ ଶବର ବିଶ୍ୱାବସୁଙ୍କ ବଂଶଧର ହୋଇଥାନ୍ତି। ସେମାନେ ତୋ ନିଜ ଆତ୍ମୀୟ ହୋଇ ତୋର ଯତ୍ନ ନିଅନ୍ତି। ଏହି ସମସ୍ତ ସେବାକୁ ଗୁପ୍ତସେବା କୁହାଯାଏ। ତୋ ଅନୁପସ୍ଥିତିରେ ଭକ୍ତମାନେ ଅଲାରନାଥଙ୍କୁ ଦର୍ଶନ କରନ୍ତି ଆଉ ବାସୁଦେବ, ନାରାୟଣ ଆଉ ମା ଭୁବନେଶ୍ୱରୀ ରୂପରେ ପଟିଦିଅଁଙ୍କୁ ପୂଜା କରନ୍ତି।

ତୋ ଦେହ ଭଲ ନ ଥିବାରୁ ପ୍ରଥମେ କେବଳ ଶୁଖିଲା ଭୋଗ ପ୍ରସାଦ ହୁଏ ଆଉ ଧୀରେ ଧୀରେ ଫଳଭୋଗ କରାଯାଏ। ପ୍ରଥମେ ତୋର ଶ୍ରୀଙ୍ଗାର ଫିଟା ନୀତି ପାଳନ ହୁଏ। ଦେହ ଭଲ ନ ଲାଗିଲେ ତୋତେ ଆଉ ଶୃଙ୍ଗାର କେମିତି ଭଲ ଲାଗିବ? ତୋ ଦେହରେ ବୋଳା ହୋଇଥିବା ଚନ୍ଦନ, କର୍ପୂର ଆଦିର ପ୍ରଲେପ ପୋଛା ହେବା ସହ ବସ୍ତ୍ରାଭରଣ ଫିଟାଇ ଦିଆଯାଏ।

ତା ପରେ ପଇତା ଲାଗି ହୁଏ। ସେତେବେଳେ ତୋତେ ହାଲୁକା ରେଶମ ପୋଷାକ ପିନ୍ଧେଇ ଚନ୍ଦନ ପ୍ରଲେପ ଦିଆଯାଏ। ସବୁଠାରୁ ବଡ ଉପଚାର ହୁଏ ଫୁଲେରି ଲାଗିରେ। ଔଷଧୀୟ ଫୁଲ ସବୁ ବର୍ଷକ ତଳୁ ମାଟିରେ କଳସ ଭିତରେ ରଖି ପୋତି ଦିଆ ଯାଇଥାଏ। ଏହା ସହିତ ଅନ୍ୟାନ୍ୟ ଚେରମୂଳି ମିଶେଇ ଏହି ଦିବ୍ୟତୈଳ ପ୍ରସ୍ତୁତ କରି ତୋ ଶ୍ରୀଅଙ୍ଗରେ ଲେପ କରାଯାଏ। ତା ପରେ ଓଷୁଅ ଲାଗି କରାଯାଏ।

ଏସବୁ ପରେ ତୋତେ ଟିକେ ଭଲ ଲାଗି ଆସିଲେ ଚକା ବିଜେ ନୀତି ହୁଏ ଆଉ ତା ପରେ ଯାଇ ଖଳି ଲାଗି କରାଯାଏ। ଗହମ ଅଟାରେ ପ୍ରସ୍ତୁତ ଖଳି ପ୍ରଲେପ ତୋ ବିଗ୍ରହ ଉପରେ ଦିଆଯାଏ। ତା ପରେ ରାଜପ୍ରସାଦ ବିଜେ ବା ଖଡ଼ି ପ୍ରସାଦ ବିଜେ ନୀତି ହୁଏ ଯେତେବେଳେ ତୋ ବିଗହରୁ ବାହାରିଥିବା ଆସ୍ତରଣକୁ ଗଜପତିଙ୍କ ପାଖକୁ ପଠେଇ ଦିଆଯାଏ। ଯାହା ହେଲେ ବି ସେ ତୋର ପ୍ରଥମ ସେବକ ଆଉ ଅତୀବ ଆପଣାର ନା...!!

ତା ପରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ ନୀତି ଶ୍ରୀପୟର ପୂଜା କରାଯାଏ। ତୋ ପାଦ ପୂଜା ହୁଏ ଆଉ ନବ ବସ୍ତ୍ର ପିନ୍ଧେଇ ତୋତେ ସଜେଇ ଦିଆଯାଏ। ଢୋଲ, ମୃଦଙ୍ଗ ଆଦି ମଧ ବାଜିଥାଏ।ଅବଶ୍ୟ ଅଣସର ଘରେ ଏସବୁ ହେଉଥିବାରୁ ବାହାରକୁ ଶବ୍ଦ ଆସେନି।

ଏହାପରେ ଖଡିଲାଗି ନୀତିରେ ତୋ ଶ୍ରୀଅଙ୍ଗରେ ଶଙ୍ଖରୁ ପ୍ରସ୍ତୁତ କରାଯାଇଥିବା ଚୂନର ପତଳା ପ୍ରଲେପ ଦିଆଯାଏ ଆଉ ତୋ ଅଙ୍ଗ ମଧ ଶଙ୍ଖ ପରି ଚିକ୍ ଚିକ୍ ହୁଏ। ଶେଷରେ ବନକ ଲାଗି ହୁଏ ଯେତେବେଳେ ତୋର ବିଗ୍ରହରେ ତୂଳୀର ସ୍ପର୍ଶ ଦେଇ ଶୃଙ୍ଗାର କରାଯାଏ।

ଆଉ ତା ପରେ ହୁଏ ନବଯୌବନ ଦର୍ଶନ, ଉଭା ଯାତ୍ରା...!! ଆଉ ତୁ ପ୍ରସ୍ତୁତ ହେଉ ରଥରେ ଚଢ଼ି ନବଦିନାତ୍ମକ ଯାତ୍ରାରେ ବାହାରିବା ପାଇଁ।

କିନ୍ତୁ ଯେତେବେଳେ ମହା ଅଣସର ହୁଏ... ସେତେବେଳେ ନୂତନ ଦାରୁ ବିଗ୍ରହ ଗଢା ହେବା ପାଇଁ ଶଗଡ଼ିରେ କାଠଗଣ୍ଡି ବୁହା ହୋଇ କୋଇଲି ବୈକୁଣ୍ଠକୁ ଆସନ୍ତି। ତା ପରେ ତିନିଜଣ ପୁରୁଖା ବିଶ୍ୱକର୍ମାଙ୍କ ସହିତ ନଅଜଣ ବିଶ୍ୱକର୍ମା ଲାଗି ପଡନ୍ତି ବିଗ୍ରହ ନିର୍ମାଣ କାର୍ଯ୍ୟରେ। ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟାନ୍ୟ ବଢେଇମାନେ ମଧ ନିଯୁକ୍ତ ହୋଇଥାନ୍ତି। ଏହି କାମ ଅତି ଗୋପନରେ କରା ଯାଇଥାଏ।

କୋଇଲି ବୈକୁଣ୍ଠରେ ମୂର୍ତ୍ତି ଗଢଣ କାର୍ଯ୍ୟ ଚାଲିଥିବା ବେଳେ ମନ୍ଦିର ପ୍ରାଙ୍ଗଣରେ ନିରବତା ରକ୍ଷା କରାଯାଇଥାଏ। ସେହି ବିଶ୍ୱକର୍ମାମାନେ ସେତିକି ଦିନ ନିଜ ନିଜ ପରିବାରବର୍ଗ ଠାରୁ ଦୂରରେ ରୁହନ୍ତି। ଘରକୁ ଯାଆନ୍ତି ନାହିଁ। ମହାପ୍ରସାଦ ଖାଇ ସେହି ସ୍ଥାନରେ ହିଁ ଦୀର୍ଘ ଏକୋଇଶ ଦିନ ରୁହନ୍ତି। ଏହି ସମୟରେ ଅନବରତ ନାମ ସଙ୍କୀର୍ତ୍ତନ ସହିତ ଦେବଦାସୀ ମାନଂକ ସଙ୍ଗୀତ ଗାନ ସେହି ସ୍ଥାନର ବାହାର ପରିବେଶକୁ ଭାବମୟ କରିଦିଏ। ମୁନିଆ ମୁହାଣରେ ହେଉଥିବା ଖୋଦେଇ କାମର ଶବ୍ଦ ମଧ ବାହାରକୁ ଶୁଣା ଯାଏନାହିଁ।

ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ ସମାପନ ସହିତ ଚତୁର୍ଦ୍ଦଶୀ ତିଥିର ରାତ୍ରିର ଅନ୍ଧକାରରେ ତୋର ଘଟ ପରିବର୍ତ୍ତନ ନୀତି ସମ୍ପାଦିତ ହୁଏ। ସେହିଦିନ ସମ୍ପୂର୍ଣ୍ଣ ଅଞ୍ଚଳରେ ଅନ୍ଧକାର କରି ଦିଆଯାଏ। ଗମ୍ଭୀରୀ ଘରେ କେବଳ ଏକ ଦୀପ ଜଳୁଥାଏ। ନୂତନ ବିଗ୍ରହଙ୍କୁ ଆଣି ପୁରାତନ ବିଗ୍ରହଙ୍କ ସମ୍ମୁଖରେ ଦଣ୍ଡାୟମାନ କରାଯାଏ। ଆଉ ତତ୍ପରେ ସେହି ମହା ଗୋପନୀୟ ନୀତି ଆରମ୍ଭ ହୁଏ ଯାହାକୁ କୁହାଯାଏ 'ବ୍ରହ୍ମ ପରିବର୍ତ୍ତନ'...!!

ଶୁଣିଛି ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଜଣେ ବୟୋଜ୍ୟେଷ୍ଠ ସେବକ ଅତି ସନ୍ତର୍ପଣରେ ତୋର ବ୍ରହ୍ମ ପଦାର୍ଥକୁ ପୁରୁଣା ବିଗ୍ରହଙ୍କଠାରୁ ଆଣି ନୂତନ ବିଗ୍ରହ ମଧରେ ସ୍ଥାପନା କରନ୍ତି... କଣ ଏହି ବ୍ରହ୍ମ ପଦାର୍ଥ ସେକଥା କେବଳ ତୁ ହିଁ ଜାଣୁ ଜଗା...!! ମୁଁ କିନ୍ତୁ ଏତିକି ଜାଣେ ଯେ ମନୁଷ୍ୟ ପରି ଲୀଳାଖେଳା କରୁଥିବା ଦାରୁଦିଅଁ ତୋର ଆତ୍ମା... ତୋ ହୃଦୟ ହେଉଛି ସେହି ବ୍ରହ୍ମ ପଦାର୍ଥ। ଯାହା ଚାଲିଯିବା ପରେ ପୁରାତନ ବିଗ୍ରହ ପ୍ରାଣଶୂନ୍ୟ ହୋଇଯାଏ ଆଉ ସେହି ବିଗ୍ରହ ମାନଙ୍କୁ ନେଇ କୋଇଲି ବୈକୁଣ୍ଠରେ ମାଟିତତ୍ତ୍ୱରେ ଲୀନ କରି ଦିଆଯାଏ।

ନୂତନ ବିଗ୍ରହ ତା ପରେ ରୀତିନୀତି ଅନୁଯାୟୀ ପୂଜା ଲାଭ କରି ସିଧା ନବଯୌବନ ଦର୍ଶନ ଦିଅନ୍ତି ଆଉ ଶ୍ରୀଗୁଣ୍ଡିଚା ଯାତରେ ବାହାରି ଯାଆନ୍ତି। ସତରେ କାଳିଆ... ତୋ ସହିତ ସବୁକିଛି ଜଣେ ମନୁଷ୍ୟ ଜୀବନର ଘଟଣା ପରି ହୁଏ ନା...?

ଏଇ ଯେମିତି ଭାଇ ଭଉଣୀ ସାଙ୍ଗରେ ବୁଲି ବାହାରି ଗଲାବେଳେ ତୁ ନିଜ ପତ୍ନୀଙ୍କ କଥା ଭୁଲିଯାଉ। ଆଉ ସେଇଥିପାଇଁ ତୋ ମାଉସୀ ଘରେ ତୁ ବିଶ୍ରାମ ନେବା ସମୟରେ ମା ଲକ୍ଷ୍ମୀ ଠାକୁରାଣୀ ନିଜ କ୍ରୋଧରେ ଅଙ୍କୁଶ ଲଗେଇ ନପାରି ସପ୍ତମୀ ତିଥିରେ ରାତି ସମୟରେ ଲୁଚି ଲୁଚି ଆଡ଼ପ ମଣ୍ଡପ ନିକଟକୁ ଯାଆନ୍ତି। ତୋ ନନ୍ଦିଘୋଷ ରଥର ଅଖ ଭାଙ୍ଗି ରଥଚକକୁ ବୁଲେଇ ଦିଅନ୍ତି ଆଉ ଖଣ୍ଡେ କାଠ ନେଇ ଲୁଚି ଲୁଚି ହରଗୌରୀ ସାହି ଭିତର ଦେଇ ମନ୍ଦିରକୁ ପଳେଇ ଆସନ୍ତି। ଆସିଲା ବେଳେ କିଛି ବଶିକରଣ ଗୁଣ୍ଡ ତୋ ରଥ ଉପରକୁ ଫୋପାଡି ଦିଅନ୍ତି। ଏହି ସବୁ ନୀତିକୁ ହେରାପଞ୍ଚମୀ ଉତ୍ସବ ରୂପେ ପାଳନ କରାଯାଏ।ରଥର ଅବସ୍ଥା ଦେଖି ତୁ ସବୁକିଛି ବୁଝିଯାଉ। ଆଉ ଲକ୍ଷ୍ମୀଙ୍କ କଥା ମନ ପଡ଼ିବା ପରେ ବଡ ଦେଉଳକୁ ଆସିବାକୁ ସଜ ହେଉ। ରଥ ଦକ୍ଷିଣ ମୋଡ଼ ନିଏ। ଭାଙ୍ଗି ଯାଇଥିବା ଅଂଶର ମରାମତି ହୁଏ। ଆଉ ମାଉସୀଠାରୁ ବିଦାୟ ନେଇ ପୁଣି ଆସିବି ବୋଲି ପ୍ରତିଶ୍ରୁତି ଦେଇ ତୋ କର୍ମଭୂମିକୁ ଫେରି ଆସିବାକୁ ମନ କରୁ।

ରଥଯାତରାରେ ଯେମିତି ପହଣ୍ଡିରେ ତୁ ରଥରେ ଚଢ଼ିଥାଉ... ଠିକ୍ ସେମିତି ପହଣ୍ଡି ହୋଇ ଆସି ରଥରେ ଭାଇ ଭଉଣୀ ସହିତ ବସିଯାଉ। ପଛରେ ରହିଯାଏ ତୋ ଜନ୍ମବେଦୀ... ଆଡ଼ପ ମଣ୍ଡପ। କୁହାଯାଏ ତୋତେ ବର୍ଷସାରା ବଡ ଦେଉଳରେ ଦର୍ଶନ କଲେ ଯେତେ ପୁଣ୍ୟ ମିଳେନା ତାଠୁଁ ଅଧିକ ପୁଣ୍ୟ ଥରେ ଏହି ଆଡ଼ପ ମଣ୍ଡପରେ ଦର୍ଶନ କଲେ ମିଳିଥାଏ। ଅନନ୍ଦବଜାରରେ ଯେମିତି ଅବଡ଼ା ମିଳେ ଆଡ଼ପ ମଣ୍ଡପରେ ମଧ ସେମିତି ଅବଡ଼ା ପ୍ରସାଦ ବାହାରିଥାଏ। ସତରେ କାଳିଆ... ନିଜ ମା କୋଳକୁ ଛୁଆ ଆସିଲେ ବହୁତ୍ ଖୁସି ହୋଇଥାଏ ନା...!! ସେହି କଥାକୁ ମନେ ପକାଇ ତୁ ମଧ ଏହି ଦିନସବୁରେ ଖୁସି ହେଇଯାଉ। ହେଲେ କେତେଦିନ ରହିପାରୁ ଭଲା...??

ପହଞ୍ଚିଲା ବେଳକୁ ପ୍ରାୟ ତୃତୀୟା ସରି ଆସିଥାଏ। ଆଉ ଦଶମୀ ଦିନ ତୁ ବାହାରି ଆସୁ।ଏଇ ସପ୍ତାହକର ରହଣୀ ଭିତରେ ମା ମନର ତୃଷ୍ଣା କଣ ମେଣ୍ଟି ଥାଏ କି...!! କିନ୍ତୁ କଣ କରାଯିବ..?? ତା ପୁଅ ତ ଜଗତ ଠାକୁର। ତା ଛଡା କର୍ତ୍ତବ୍ୟପାଳନ ଆଗରେ ସବୁ ତୁଚ୍ଛ ହୋଇଥାଏ ବୋଲି ତ ଦୁନିଆକୁ ଶିଖେଇବାକୁ ପଡ଼ିବ ନା...!! ତେଣୁ ବାହୁଡ଼ା ଯାତ୍ରା ଯଥାରୀତି ପାରମ୍ପରିକ ଢଙ୍ଗରେ ସମ୍ପାଦିତ ହୁଏ।

ଯେମିତି ଯେମିତି ତୋ ରଥ ବଡଦେଉଳ ପାଖକୁ ଆସେ... ଭକ୍ତମାନଙ୍କ କୋଳାହଳ ଆଉ ଘଣ୍ଟ ଘଣ୍ଟା ହୁଳହୁଳି ଶଙ୍ଖ ଶବ୍ଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୁଏ... ତୋ ସିଂହଦ୍ୱାର ସଜ ହୋଇଯାଏ ତା ସିଂହରାଜାକୁ ସ୍ୱାଗତ କରିବା ପାଇଁ। ତୋ ଭକ୍ତ ବତ୍ସଳତା ଆଗରେ ସତରେ ସବୁକିଛି ଫିକା ରେ କାଳିଆ...!! କାଳେ କିଏ କେଉଁ କାରଣରୁ ତୋର ଦର୍ଶନ ପାଇ ପାରି ନ ଥିବ... ଆଉଥରେ ବର୍ଷେ ପରେ ବାହାରକୁ ଆସିବୁ ନା... ଏଇୟା ଭାବି ରଥ ଉପରେ ତୁ ଦିନଟିଏ ରହିଯାଉ। ଏହିଦିନ ସ୍ୱର୍ଣ୍ଣ ଅଳଙ୍କାରରେ ଆପାଦମସ୍ତକ ସଜେଇ ହୋଇ ସୁନାବେଶରେ ଦର୍ଶନ ଦେଉ...!! ଆଉ ଏଇ ରଥ ଉପରେ ଆଉ ଏକ ଅଦ୍ଭୁତ ନୀତି ମଧ ସମ୍ପାଦିତ ହୋଇଥାଏ।

ଜୀବ ଜଗତ... କୀଟ ପତଙ୍ଗ... ପଶୁ ପକ୍ଷୀ... ମାନବ ଦାନବ ସହିତ ଭୂତ ପ୍ରେତ ମାନେ ମଧ ତୋ ଦୟାର ପାତ୍ର ହୋଇଥାନ୍ତି। ସେମାନଙ୍କ ଆଶା ମଧ ମହାପ୍ରସାଦ ଟିକେ ପାଇବାକୁ ଥାଏ। କୁହାଯାଏ ଶ୍ରୀମନ୍ଦିର ଦୁଆର ଭିତରକୁ



କୌଣସି ଆତ୍ମା ପ୍ରବେଶ କରିପାରନ୍ତି ନାହିଁ। ତେଣୁ ସେମାନଙ୍କୁ ତୋର ପ୍ରସାଦ ଦେଇ ମୋକ୍ଷ ପ୍ରଦାନ କରିବା ଅଭିପ୍ରାୟ ରଖି ତୋର ଅଧରପଣା ନୀତି ଆରମ୍ଭ ହୁଏ। ଏଇ ନୀତିରେ ବଡ ବଡ ପଣାହାଣ୍ଡିକୁ ତୋ ଅଧରର ଉଚ୍ଚାରେ ତିଆରି କରାଯାଇ ଏଥିରେ ପଣା ଭର୍ତ୍ତି କରାଯାଏ। ତୋତେ ଭୋଗ ଲାଗିବା ପରେ ସେହି ହାଣ୍ଡିମାନଙ୍କୁ ରଥ ତଳକୁ ଗଡ଼େଇ ଦେଇ ଭାଙ୍ଗି ଦିଆଯାଏ। ସେତିକିବେଳେ ଯେଉଁ ପଣା ଗଡି ତଳେ ପଡ଼ିଥାଏ... ଭୂତ ପ୍ରେତଗଣ ସେହି ପ୍ରସାଦକୁ ସେତିକିବେଳେ ପାଇ ମୋକ୍ଷପ୍ରାପ୍ତିର ପ୍ରଥମ ଚରଣକୁ ପାର କରନ୍ତି। ଅଦ୍ଭୁତ... ସତରେ ଅଦ୍ଭୁତ ଜଗା ତୋ ପ୍ରେମ... ତୋ ପ୍ରୀତି... ତୋ କରୁଣା...!! ଅପୂର୍ବ ତୋ ଗାଥା...!!

ମା ମହାଲକ୍ଷ୍ମୀ ନିଜ ପ୍ରାଣପ୍ରିୟଙ୍କ ଆସିବା ବାଟକୁ ଚାହାଣୀ ମଣ୍ଡପରେ ଚାହିଁ ରହିଥାନ୍ତି। ବଡ ଠାକୁର ବଳଭଦ୍ର ଆଉ ଗେହ୍ଲି ଭଉଣୀ ସୁଭଦ୍ରା ଆଗ ପହଣ୍ଡି ହୋଇ ରଥରୁ ଓହ୍ଲେଇ ବଡ ଦେଉଳ ଭିତରକୁ ଚାଲି ଯାଆନ୍ତି। ଶେଷରେ ତୁ ଗହଳ

ଲଗେଇ ଝୁଲି ଝୁଲି ଆସିଥାଉ ଶ୍ରୀମନ୍ଦିର ଅଭିମୁଖେ...!! ଆଉ ଠିକ୍ ସେତିକିବେଳେ....!!

ମା' ମହାଲକ୍ଷ୍ମୀ ସିଧା ଉଠିଆସି ସିଂହଦୁଆରକୁ କିଳି ଦିଅନ୍ତି। ଆଉ ତୁ ଯେତେ ନେହୁରା ହେଲେବି ଦେଶ ଓ ବିଦେଶରେ ପତ୍ନୀ ବିନା ବୁଲିବାକୁ ଗଲେ କି ପରିଣତି ହୁଏ ଏଇୟା ଶିଖେଇବାକୁ ଏହି ଅଦ୍ଭୁତ ଲୀଳାର ଏକ ଅଂଶ ବିଶେଷ ହୋଇ ମା ମହାଲକ୍ଷ୍ମୀ ଜମାରୁ ବି ଦ୍ୱାର ଖୋଲନ୍ତି ନାହିଁ। ଆଉ ଏତିକିବେଳେ ଅନୁଷ୍ଠିତ ହୁଏ ଲକ୍ଷ୍ମୀ ନାରାୟଣ ବଚନିକା। ଏହି ନାଟ ପାଇଁ ତୁ କେତେ ଫିକରଫନ୍ଦି କରିଥାଉ। ହେଲେ ମା ତୋ କଥା ଜମାରୁ ଶୁଣନ୍ତି ନାହିଁ। ତୁ ସେମିତି ଦେଉଳ ଆଗରେ କବାଟ ସେପଟେ ଥାଉ ଆଉ ତାଙ୍କୁ ବୁଝାଇବାକୁ ପ୍ରୟାସ ଜାରି ରଖିଥାଉ...!! (କ୍ରମଶଃ)


+ଭୁବନେଶ୍ୱର
ମୋ:୯୪୩୮୪୭୦୮୦୭


## ଶ୍ରୀକ୍ଷେତ୍ରର ଶରଧା ବାଲି




ଇନ୍ଦୁ ଭୂଷଣ ଭୂୟାଁ


ଶ୍ରୀକ୍ଷେତ୍ରରେ ଅବସ୍ଥିତ ଗୁଣ୍ଡିଚା ମନ୍ଦିରର ପାଦଦେଶରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ ନାମ ଶରଧାବାଲି। ଏହା ହେଉଛି ବିଷ୍ଣୁପଦରଜ। ଏହାର ପ୍ରତି ରେଣୁ ପବିତ୍ର। ତେଣୁ ବଡ଼ଦାଣ୍ଡର ଶ୍ରେୟାଂଶ ଶରଧାବାଲି ବୋଲି କୁହାଯାଏ। ଭକ୍ତର ଏଥିପାଇଁ ଅସୀମ ଶ୍ରଦ୍ଧା ଥାଏ। ଏହି ଶରଧା ବାଲିକୁ ନେଇ ଭକ୍ତ ମୁଣ୍ଡରେ ଲଗାଏ, ଦେହରେ ବୋଳିହୁଏ, ତୁଣ୍ଡରେ ମାରେ, କାନିରେ ବାନ୍ଧି ଆଣେ। ଏହା ପ୍ରଭୁଙ୍କର ଚରଣ ରେଣୁ ହେତୁ ଏହା ପବିତ୍ର। ତେଣୁ ରତ୍ନସିଂହାସନ ପର୍ଯ୍ୟନ୍ତ ନଯାଇ ଭକ୍ତ ଦୂରରେ ଥାଇ ଭକ୍ତିଭରେ ଗାଇଥାଏ -

'ବଡ଼ ଦାଣ୍ଡ ଦେଖି ହେଲି ତୋଷ, ରେଣୁ ମାତ୍ର ତେଣୁ କଲି ଗ୍ରାସ।'

(ସାଲବେଗ)। ଜଗନ୍ନାଥ ଧାମରେ ଶରଧାବାଲିର ମାହାତ୍ମ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ। ଏହା ନୀଳମାଧବଙ୍କ ପୂଜକ ଶବର ରାଜା ବିଶ୍ୱାବସୁ, ରାଣୀ ଶ୍ରଦ୍ଧାଦେବୀ, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ପ୍ରିୟ ବାସସ୍ଥଳୀ ଥିଲା। କେହି କେହି ବିଶ୍ୱାବସୁଙ୍କ ଧର୍ମପତ୍ନୀ ଶ୍ରଦ୍ଧାଦେବୀଙ୍କ ନାମରେ ରାଜପଥ ବା ରଥଭୂମି ଶରଧାବାଲି ନାମରେ ପ୍ରସିଦ୍ଧକ୍ଷ ଲାଭ କରିଥିବା ଉଲ୍ଲେଖ କରିଥାନ୍ତି। ସର୍ବୋପରି ଏହା ଅବତାରୀ ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଜନ୍ମ ସ୍ଥାନ। ଉତ୍ତର ଦିଗରେ ଏହାର ପବିତ୍ର ଗୁଣ୍ଡିଚା ମନ୍ଦିର, ଦକ୍ଷିଣରେ ନୀଳକନ୍ଦର ଶ୍ରୀମନ୍ଦିର ଓ ନିକଟରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ସମେତ ଯଜ୍ଞନୃସିଂହ, ନୀଳକଣ୍ଠେଶ୍ୱର ମନ୍ଦିର ମଧ ଅଛି। ଶ୍ରୀଚୈତନ୍ୟ ଶ୍ରୀମନ୍ଦିରକୁ ଦ୍ୱାରକା ଓ ଗୁଣ୍ଡିଚା ମନ୍ଦିରକୁ ବୃନ୍ଦାବନ ବା ଗୋପପୁର ବୋଲି କହିଛନ୍ତି। ଗୋପପୁରରେ ମାଧୁର୍ଯ୍ୟ ଲୀଳା ହେଉଥିବାରୁ ଘୋଷଯାତ୍ରା ସମୟରେ ମହାଲକ୍ଷ୍ମୀ ଆସିନଥାନ୍ତି। ସେଠାରେ କେବଳ କୃଷ୍ଣ ଓ ଗୋପୀ ମାନଙ୍କର ମାଧୁର୍ଯ୍ୟ ଲୀଳା ଚାଲିଥାଏ। ଶ୍ରୀଚୈତନ୍ୟ ଗୁଣ୍ଡିଚା ମନ୍ଦିରକୁ ଗୋପପୁର କହିବା ସଙ୍ଗେ ପ୍ରାଚୀନ ମହାମନୀ କବିମାନେ ମଧ ଏକଥା ବିଭିନ୍ନ ପୁରାଣ ଓ ସଂହିତାମାନଙ୍କରେ ମଧ ଉଲ୍ଲେଖ କରିଛନ୍ତି।

ଶ୍ରୀଗୁଣ୍ଡିଚା ଦିନ ତିନି ରଥ ଶରଧାବାଲିରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚଗଲେ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଉତ୍ସବ ମୁଖର ହେବା ସଙ୍ଗେ ବହୁ ଲୋକ ସମାଗମ ଲାଗି ରହେ। ହରିବୋଲି, ହୁଳହୁଳି, କୀର୍ତ୍ତନ, ଭଜନ ସଂଧ୍ୟା ସମେତ ସାଂସ୍କୃତିକ କାର୍ଯ୍ୟକ୍ରମଜନିତ ଆଧାତ୍ମିକ ପରିବେଶରେ ଶରଧାବାଲି ଅତୀବ ଆକର୍ଷଣୀୟ ଓ ଶ୍ରୋତାପ୍ରାଣକୁ ବିମୋହିତ କରେ। ଭକ୍ତ ଓ ସାଧୁ ସନ୍ଥ ମାନଙ୍କର ସମାବେଶରେ ଶରଧା ବାଲିର ମହିମା ଆହୁରି ଦ୍ୱିଗୁଣିତ ହୋଇଥାଏ। ଶରଧା ବାଲିରେ ଗୁଣ୍ଡିଚା ମନ୍ଦିରକୁ ଜୀଉମାନେ ଗଲାବେଳେ ଗୋଟି ପହଣ୍ଡି ଓ ବାହୁଡ଼ା ଯାତ୍ରାରେ ଧାଡ଼ି ପହଣ୍ଡିରେ ନାକଚଣା ଦ୍ୱାର ଦେଇ ଆସିଥାଆନ୍ତି। ଦଇତାପତିମାନେ ବଡ଼ ନିଠାରୁ ସହ ଏ ସମସ୍ତ କାର୍ଯ୍ୟ ନିର୍ବାହ କରନ୍ତି। ବିଭିନ୍ନ ମଠର ମଠାଧୀଶମାନେ ମଧ ଉପସ୍ଥିତ ରହିବା ସାଙ୍ଗକୁ ଚାମର ସେବା କରନ୍ତି। ଲକ୍ଷାଧିକ ଲୋକ ସମାଗମ ହେଲେ ହେଁ ଠାକୁରଙ୍କ ଦୟାରୁ ଶାନ୍ତି ଶୃଙ୍ଖଳାରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯାଏ। ବାହୁଡ଼ା ଯାତ୍ରା ଦିନ ଶରଧାବାଲିରେ ଗଜପତି ରଥ ଉପରେ ଛେରାପହଁରା କରନ୍ତି। ତତପରେ ଶରଧା ବାଲି ଉପର ଦେଇ ଘର୍ଘର ନାରେ ରଥ ଗଡ଼ିଚାଲେ। ହେରା ପଞ୍ଚମୀରେ ମା'ଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରରେ ଜଗନ୍ନାଥଙ୍କୁ ଦେଖିସାରି ଫେରିଲା ବେଳେ ରଥ ନିକଟରେ ଅଟକି ରଥ କାଠ ଖଣ୍ଡେ ଭାଙ୍ଗି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରନ୍ତି। ଲକ୍ଷ୍ମୀ ଠାକୁରାଣୀଙ୍କ ଏ ଅଭିମାନ ମିଶା ରାଗ ଦେଖି ଶରଧାବାଲି ବି ଉଙ୍କି ମାରୁଥିବା ତାର ଅତୀତ ସ୍ମୃତିରେ ଚମକି ଉଠେ। ସେ ବାଲି କେବଳ ସାଧାରଣ ବାଲି ନୁହେଁ, ଭକ୍ତର ମୁକ୍ତି ପାଇଁ କୈବଲ୍ୟ କଣିକା ନୁହେଁ। ସମସ୍ତ ମାନବିକ ସମସ୍ୟାର ବ୍ୟାଧି ପାଇଁ ଏକ ମହୌଷଧି ସଦୃଶ। ଆଉ ଏକତା ସୂତ୍ରରେ ବିଶ୍ୱ ପରିବାର ଗଠନ ପାଇଁ ତା'ର ମର୍ମସ୍ପର୍ଶୀ ବାଣୀ ଅବିସ୍ମରଣୀୟ।


+ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨


## କବିତା କୋଣାର୍କ

### ବିବର୍ଣ୍ଣ ହୃଦୟର ରେଖାଚିତ୍ର


ପ୍ର. ଗିରିଜା ଶଂକର ଶର୍ମା




ବେଳେବେଳେ ସମୟର
କୁତ୍ସିତ ମୁହଁ ଦିଶେ
ଯିଏ ଆଖିରୁ ଟାଣିନିଏ
କଅଁଳିଆ ସ୍ୱପ୍ନ
ଓ ଫିଙ୍ଗିଦିଏ କେଉଁ ଅତଳ
ଗହ୍ୱରକୁ ।

ଆକାଶରେ ପହଁରୁଥାନ୍ତି ଦୁଃଖର
ମେଘମାନେ
କାହାର ଇସାରାରେ ଘେରି ଯାଆନ୍ତି
ସେମାନଙ୍କଠୁ ମୁକ୍ତି ପାଇବା
ଆଦୌ ସହଜ ନୁହେଁ ।

ମଣିଷର ଜୀବନ ଦୁଃଖର ଉପତ୍ୟକାରେ
ପ୍ରତିକୂଳ ଦିଗରେ
ବହୁଥିବା ନଈଟିଏ ତ
କେତେଥର ଧକ୍କା ଖାଏ
ପଥରର ଚଟାଣରେ
ସମୟର କଣ୍ଟାଫୋଡ଼ା ସହେ,
କେହି ବୁଝନ୍ତି ନାହିଁ
ନୀରବରେ ଜୀବନଟା କେତେ
କଲବଲ ହୁଏ ।

ଏଠି ସରଳ ରେଖାରେ ନଥାଏ
ହୃଦୟ, ପ୍ରେମ କି ଆବେଗ
ସମୟର ଭୁଲ ଭୁଲେୟାରେ
କିଏ କେଉଁଠି ଥାନ୍ତି ଜଣା ପଡ଼େନା ।

ମନକୁ ଲଗାମ ଦେବା ବହୁତ କଷ୍ଟ
ମନ ପବନ ଘୋଡ଼ାରୁ
ଓହ୍ଲେଇବାକୁ ସେ ଜମା ଚାହେଁନା
ଦୌଡୁଥାଏ ଯେ ଦୌଡୁଥାଏ ।

ଯେତେ ଚେଷ୍ଟା କଲେବି
ଧରା ଦିଏନା
ହୃଦୟ, ପ୍ରେମ କି ଆବେଗ ।

ସାଇବେରିଆର ପବନ ମାଡ଼ି ଆସେ
ବରଫର ଶୀତଳତା ନେଇ ।
ଜମାଟ ବାନ୍ଧେ ଶୀରା
ପ୍ରଶୀରାରେ ବହୁଥିବା ରକ୍ତ ।

ଏବେ ଫେରିଯିବା ହିଁ
ଏକମାତ୍ର ରାସ୍ତା
ପଛରେ ପଡ଼ିଥାଉ ଅସହଜ ମୁହୂର୍ତ୍ତ
କିଛି ରକ୍ତାକ୍ତ ଅବସୋସ,
ନିର୍ଲଜ ବିଶ୍ୱାସରୁ କିଛି ।

ଏବେ ସମସ୍ତଙ୍କୁ
ଛାଡ଼ି ଦେବାକୁ ହେବ ।
ହୃଦୟର ପିଂଜରାରେ ବନ୍ଦ ଥିବା
ଗୋଲାପି ମୁହୂର୍ତ୍ତର ଅବଶିଷ୍ଟାଂଶକୁ
ଉଡ଼େଇ ଦେବାକୁ ହେବ
ଆକାଶରେ ଅନନ୍ତ ନିଳିମାରେ ।


+ଧାନକଉଡ଼ା,
ସଂବଲପୁର- ୭୬୮୦୦୬
ମୋ: ୮୯୧୭୪୯୪୦୯୫


### ମଧୁମକ୍ଷିକା


ରତିକାନ୍ତ ବିଶ୍ୱାଳ




ଟିକି ଟିକି ମଧୁମକ୍ଷି ଫୁଲ ବଗିଚାରେ
ଉଡ଼ି ଉଡ଼ି ବସୁଛନ୍ତି ସୁମନ ଉପରେ ॥
ଟିକି ଦେହେ ଟିକି ଡେଣା
ଲାଗଇ ସୁନ୍ଦର,
ପରିଶ୍ରମ କରିବାକୁ ହୁଏନି କାତର ॥
ଦୂର କି ନିକଟ ବୋଲି
କେବେ ସେ କହେନା,
ଆନନ୍ଦ ମନରେ ଯାଏ
କରେନା ବାହାନା ॥
ଉଡ଼ି ଉଡ଼ି ବୁଲୁଥାଏ ଫୁଲରୁ ଫୁଲକୁ,
ମହୁ ଦାନ କରୁଅଛି ସକଳ ଜନକୁ ॥

ଯେତେ ଯେତେ ଜୀବଛନ୍ତି
ପୃଥିବୀ ବକ୍ଷରେ,
ଭବନ ନିର୍ମାଣ କାର୍ଯ୍ୟେ
କିଏ ଜିତି ପାରେ ॥
ଛୋଟ ଛୋଟ ଘର ମିଶି
ହୁଏ ବଡ଼ ଘର,
ପ୍ରତି କକ୍ଷେ ଭରିଥାଏ
ପୁଷ୍ପରସ ସାର ॥

ମଧୁକାର ପରିଶ୍ରମେ ପୁରେ ମଧୁଘଟ,
ଜଗତର ହିତ ପାଇଁ ପ୍ରାଣ ସମର୍ପିତା।
ମନ୍ଦରସ ସଞ୍ଚିଥାଏ ଆଗତ ଦିନକୁ,
ସଞ୍ଚୟର ବାର୍ତ୍ତା ଦିଏ ନର ସମାଜକୁ ।

ମାଛି ସିନା ବସିଥାଏ
ଅସନା ଜାଗାରେ,
ମଧୁକର ବାସକରେ କୁସୁମ ବକ୍ଷରେ ।
ସୁ- ଗୁଣକୁ ଧରି ରଖେ
ଛାଡେ ଅବଗୁଣ,
ଯେସନକି ସାଧୁସନ୍ଥ ମୁନିଋଷି ମାନ ।।
କିଞ୍ଜଳରେ ବସି ଶୋଷେ
ଶୁଚି ପୁଷ୍ପ ମଧୁ,
ତରୁରାଗ ଆନନ୍ଦିତ ଯେସନ କି ସାଧୁ ।
ଶହଶହ ମକରନ୍ଦ ମଧୁଘଟେ ବାସ,
ସାମାଜିକ କୀଟ ଭାବେ
ଜଗତେ ପ୍ରକାଶ ॥

ମଧୁ ଚକା କୋଷେ କୋଷେ
ପୂର୍ଣ୍ଣ ପୁଷ୍ପସାର,
ପଞ୍ଚାମୃତ ମଧ୍ୟେ ଏହା
ଅଟେ ରସସାର ।
ଶିଶୁ ପାଇଁ ପୁଷ୍ଟିକର
ଅଟେ ଏହି ରସ,
କ୍ଷଣିକରେ ଦୂର କରେ
ଥଣ୍ଡା କଫ କାଶ ।
ସ୍ମୃତି ଶକ୍ତି ବୃଦ୍ଧି ପୁଣି ଓଜନର ହ୍ରାସ,
ପୋଷକରେ ପରିପୂର୍ଣ୍ଣ
ପୂତ ପୁଷ୍ପ ରସ ॥
ଅନୁଶାସନରେ ବନ୍ଧା
କ୍ଷୁଦ୍ର କୀଟ ଟିଏ,
ଜନମରୁ ମୃତ୍ୟୁ ଯାଏଁ
କର୍ମ କରୁଥାଏ ।
ଏକତା ଓ ବନ୍ଧୁତ୍ୱର ଭାଷା କହୁଅଛି,
ପରାଗ ବହନ କରି ସଙ୍ଗମ କରୁଛି ।
କ୍ଷୁଦ୍ର କ୍ଷୁଦ୍ର କ୍ଷୁଦ୍ର ମିଶି
ବୋଲେ ବମ୍ଭରାଳୀ,
ପରୋପକାରେ ଜୀବନ
ପଡିଥାଏ ବଳି ।


+ଜୁଲିଆ ସରକାରୀ ଉଚ୍ଚ
ବିଦ୍ୟାଳୟ, ଗୁଡସୁଆଁ,
ବାସୁଦେବପୁର, ଭଦ୍ରକ

## ଶରୀର ଓ ପ୍ରୋଟିନ



ଖାଇବାବେଳେ କ'ଣ ଖାଇବୁ ଓ କେତେ ଖାଇବୁ ତାହା ଆମେ ସବୁବେଳେ ହିସାବ ରଖୁ। କେତେବେଳେ କ'ଣ ଖାଇବୁ ତାହାର ବି ଏକ ତାଲିକା ରଖିଥାଉ, କିନ୍ତୁ କେଉଁ ଖାଦ୍ୟରେ କେତେ ପ୍ରୋଟିନ ରହିଛି ତାହା ଆମକୁ ଜଣାନଥାଏ। ଫ୍ୟାଟ୍ କେମିତି କମ ଖାଇ ସ୍ଲିମ୍ ରହିବୁ ସେ କଥାକୁ ସବୁବେଳେ ନଜର ଦେଇ ଶରୀର ପାଇଁ ଆବଶ୍ୟକ ପ୍ରୋଟିନକୁ ଅଣଦେଖା କରୁ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୧୦ ଜଣ ଭାରତୀୟଙ୍କ ମଧ୍ୟରୁ ୯ ଜଣଙ୍କ ଖାଦ୍ୟରେ ଆବଶ୍ୟକ ମୁତାବକ ପ୍ରୋଟିନ ନଥାଏ। ୯୦ ପ୍ରତିଶତ ନିରାମିଷାଶୀଙ୍କ ଖାଦ୍ୟରେ ପ୍ରୋଟିନ ଅଭାବ ରହିଛି । ଅନ୍ୟ ପକ୍ଷରେ, ଆମିଷ ଖାଉଥିବା ୮୫ ପ୍ରତିଶତ ଲୋକଙ୍କ ଖାଦ୍ୟରେ ଏହାର ଅଭାବ ରହିଥିବା ଲକ୍ଷ୍ୟ କରାଯାଉଛି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଦିଲ୍ଲୀରେ ୯୯ ପ୍ରତିଶତ ଲୋକଙ୍କର ପ୍ରୋଟିନ ଅଭାବ ରହିଥିବା ଦେଖାଯାଉଛି।

### ଅତି ଦରକାରୀ

ପ୍ରୋଟିନ ଅଭାବ ରହିଲେ ଅଳସୁଆମି ଓ ଦୁର୍ବଳତା ଲକ୍ଷଣ ପ୍ରକାଶ ପାଏ। ଚୁଟି ଝଡ଼ିଯାଏ ଏବଂ ମାଂସପେଶୀର ଦୃଢ଼ତା ହ୍ରାସ ପାଏ। ଏଣୁ ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରୋଟିନର ଆବଶ୍ୟକତା ରହିଛି। ଆମେ ଭାବୁ ଯେ- କେବଳ ବଡ଼ି ବିଲ୍ଡରଙ୍କ ପ୍ରୋଟିନ ବେଶୀ ଦରକାର, ଆମର ନୁହେଁ- କିନ୍ତୁ ଏଭଳି ଚିନ୍ତାଧାରା ଠିକ୍ ନୁହେଁ। ଏହା ସମସ୍ତଙ୍କ ପାଇଁ ଦରକାର। କାରଣ ପ୍ରୋଟିନ୍ ଶରୀରର ବିଲ୍ଡିଙ୍ଗ୍ ବ୍ଲକ୍। ସମସ୍ତ ମାଂସପେଶୀ ଗଠନ ଓ କ୍ଷତିକୁ ଭରଣା କରିବାରେ ପ୍ରୋଟିନ୍‌ର ଭୂମିକା ବି ରହିଛି। ଏହି ମାକ୍ରୋନ୍ୟୁଟ୍ରିଏଣ୍ଟ୍ ଯାହା ଶରୀର ପ୍ରତିଦିନ ଯଥେଷ୍ଟ ପରିମାଣରେ ଆବଶ୍ୟକ କରେ। ଏହା ଶରୀରରେ ଠିକ୍ ରହିଲେ ଶରୀର ସଠିକ ଭାବେ କାର୍ଯ୍ୟ କରେ। ଖାଦ୍ୟରେ ପ୍ରୋଟିନ୍ ଶରୀର ଭିତରକୁ ଯିବାପରେ ତାହା ଆମିମୋଏସିଡରେ ପରିଣତ ହୋଇ ବିଭିନ୍ନ କାର୍ଯ୍ୟରେ ଲାଗେ। ଚୁଟିଠୁ ଆରମ୍ଭ କରି ନଖ ଓ ମାଂସପେଶୀଠୁ ଆରମ୍ଭ କରି ବିଭିନ୍ନ ଅଙ୍ଗ ସବୁଠି ପ୍ରତ୍ୟେକ କୋଷରେ ପ୍ରୋଟିନ ରହିଛି। ଏହା ଶରୀର ଗଠନରେ ଭୂମିକା ନିଭାଉଥିବାରୁ ଏହାକୁ ଷ୍ଟ୍ରକ୍‌ଚରାଲ ପ୍ରୋଟିନ୍ କୁହାଯାଏ। ଏହି ପ୍ରୋଟିନ୍ ଅଭାବରେ ଚାଲିବା, ଦୌଡ଼ିବା ଏପରିକି ଠିଆହେବା ବି କଷ୍ଟକର। ଶରୀରରେ ମିଳୁଥିବା ଯଥେଷ୍ଟ ପରିମାଣର ପ୍ରୋଟିନ ହେଉଛି କୋଲାଜେନ୍। ଏହା ତ୍ୱଚା, ଲିଗାମେଣ୍ଟ, ପେଶୀରଜ୍ଜୁ ଓ ଅସ୍ଥିରେ ରହିଥାଏ ବୋଲି କହନ୍ତି ନ୍ୟୁଟ୍ରିସନିଷ୍ଟ ତଥା ଫିଟନେସ ଏକ୍ସପର୍ଟ ଡକ୍ଟର ବିଭାଗ ସେଙ୍ଗୀ।

ନ୍ୟୁଟ୍ରିଣ୍ଟ ବି ନ୍ୟୁଟ୍ରିଣ୍ଟକୁ ଶରୀରରେ ବିଭିନ୍ନ ଅଙ୍ଗକୁ ନେବା ଆଣିବାରେ ସହାୟକ ହୋଇଥାଏ। ରକ୍ତର ଲୋହିତ ରକ୍ତ କଣିକାରେ ଥିବା ଏକ ପ୍ରକାରର ପ୍ରୋଟିନ ହିମୋଗ୍ଲୋବିନ ଫୁସ୍‌ଫୁସ୍‌ରୁ ଅମ୍ଳଜାନ ବିଭିନ୍ନ କୋଷକୁ ନେଇଥାଏ। ହର୍ମୋନାଲ ପ୍ରୋଟିନ୍ ଇନସୁଲିନ ଓ ଅକ୍ସିଟୋସିନ ବ୍ଲଡ ସୁଗାର କନସନ୍‌ଟ୍ରେସନ୍‌କୁ ନିୟନ୍ତ୍ରଣ କରେ।

### ଓଜନ କମାଇଦିଏ

ମେଦ ଓ ଓଜନ ହ୍ରାସ କରିବାରେ ପ୍ରୋଟିନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶରୀର ଆବଶ୍ୟକ କରୁଥିବା ପ୍ରୋଟିନ ପାଇଲେ ତାହା ଭୋକ କମାଇଦିଏ, ଖାଦ୍ୟହଜମ କରିବାରେ ସାହାଯ୍ୟ କରେ ଓ ବ୍ଲଡ ସୁଗାର ସ୍ତର ସ୍ଥିର ରଖେ। ଖାଦ୍ୟ ଖାଇବାର ଆବେଗ ଯେତେବେଳେ କମ୍ ରହେ ସେତେବେଳେ ଆମେ ପୂର୍ଣ୍ଣତା ଅନୁଭବ କରୁ ଓ ଖାଦ୍ୟ ଖାଇବାରେ ତୃପ୍ତିଲାଭ କରୁ। ଓଜନ କମିବା ପ୍ରକ୍ରିୟାରେ ଶରୀର ମାଂସପେଶୀ ଓ ଫ୍ୟାଟ କ୍ଷୟ କରେ ଯାହାର ଭରଣା ଲାଗି ଆମକୁ ଆବଶ୍ୟକ ପ୍ରୋଟିନ ଖାଇବାକୁ ପଡ଼େ ବୋଲି କହନ୍ତି ଡ. ସେଙ୍ଗୀ। ଓଜନ ହ୍ରାସ କରିବା ପାଇଁ ବ୍ୟାୟାମ କରିବା ଦ୍ୱାରା ମାଂସପେଶୀର କ୍ଷତି ହେବା ଆରମ୍ଭ ହୋଇଯାଏ ଓ ତାହାକୁ ଶକ୍ତିଶାଳୀ କରିବା ପାଇଁ ଆହୁରି ଅଧିକ ପ୍ରୋଟିନ ଦରକାର ହୁଏ। ଅଧିକ ପ୍ରୋଟିନ ଖାଦ୍ୟରେ ଖାଇଲେ ତାହା ହଜମ ହେବାକୁ ଅଧିକ କ୍ୟାଲୋରୀ ଆବଶ୍ୟକ କରେ।

### ତ୍ୱଚାରେ ଚମକ ଆଣେ

ତ୍ୱଚା ଓ କେଶରେ ଚମକ ଚାହୁଁଥିଲେ ପ୍ରୋଟିନ ଉପରେ ଗୁରୁତ୍ୱ ଦିଅନ୍ତୁ। ତ୍ୱଚାପାଇଁ କୋଲାଜେନ ପ୍ରୋଟିନ ଆବଶ୍ୟକ। ମୃତ କୋଷ ଜାଗାରେ ନୂତନ କୋଷ ତିଆରି କରିବାରେ, ତନ୍ତୁ ଗଠନ ଓ ରିପେୟାର କରିବାରେ ଏହାର ଆବଶ୍ୟକତା ଢେର୍ ବେଶୀ। ପ୍ରୋଟିନ ଆମିନୋ ଏସିଡ ଓ ଗ୍ଲୁଟାଥାଇଓନର ଉତ୍ସ। ଗ୍ଲୁଟାଥାଇଓନ ଏକ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ ଓ ଏହା ବୟସ ବୃଦ୍ଧିର ପ୍ରଭାବକୁ ରୋକିଥାଏ। ବୟସ ବୃଦ୍ଧିହେବା ସମୟରେ ଏହା ମାଂସପେଶୀର କ୍ଷୟକୁ ରୋକି ତାହାକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ।

### କେତେ ଖାଇବେ ?

ନର୍ମାଲ ବଡ଼ି ୱେଟ ପାଇଁ ପ୍ରୋଟିନ୍ ୦.୮ଗ୍ରାମ୍/କେଜି ରହିବା ଦରକାର। ୭୫କେଜି ଓଜନର ବ୍ୟକ୍ତିଙ୍କ ଲାଗି ଦିନକୁ ୫୬ ଗ୍ରାମ୍, ୬୦ କେଜି ମହିଳାଙ୍କ ପାଇଁ ୪୮ ଗ୍ରାମର ପ୍ରୋଟିନ ଦରାକର। ଏକ ପ୍ରକାର ଉନ୍ନତ ଧରଣର ଖାଦ୍ୟରେ ୫୦ ପ୍ରତିଶତ କାର୍ବୋହାଇଡ୍ରେଟ୍, ୩୦-୩୫ ପ୍ରତିଶତ ପ୍ରୋଟିନ, ଫ୍ୟାଟ ୧୦ ପ୍ରତିଶତ ଓ ତନ୍ତୁ ୫ ପ୍ରତିଶତ ରହିବା ଉଚିତ। ଏହି ପରିମାଣଠୁ ବେଶୀ ହେଲେ ତାହା କ୍ଷତିକାରକ ବୋଲି ମନେ ରଖନ୍ତୁ। ବେଶୀ ପ୍ରୋଟିନ ଖାଦ୍ୟରେ ରହିଲେ ତାହା ଏସିଡିଟି ଓ ଡିହାଇଡ୍ରେସନର କାରଣ ପାଲଟେ। କିଡନୀ ସମସ୍ୟା, ବ୍ରଣ ଓ ଚୁଟି ଝଡ଼ିବା ସମସ୍ୟା ଦେଖାଦିଏ। ସବୁବେଳେ ଡିନର କି ଲଞ୍ଚରେ ବେଶୀ ପ୍ରୋଟିନଯୁକ୍ତ ଖାଦ୍ୟ ଗ୍ରହଣ କରିବା ଅନୁଚିତ। କେବଳ ଥରେ ଭଲ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବାରେ ଶରୀର ଏହାକୁ ଭଲ ଭାବେ ଉପଯୋଗ କରିପାରେ। ବେଳେବେଳେ ମାଂସ ସହ ଦହି ଖାଇବା ହୁଏତ ଭଲ ବୋଲି କେହି ଭାବୁଥାଇପାରନ୍ତି, କିନ୍ତୁ ଏହା ଏସିଡିଟି ସହ ଅସ୍ୱିସୁଶୀରତା ସୃଷ୍ଟି କରିଥାଏ। ଏହା ସହ ଆହୁରି ବହୁତ ରୋଗୁ ମଧ୍ୟ ଆମନ୍ତ୍ରଣ କରେ। କାର୍ବୋହାଇଡ୍ରେଟ୍ ଓ ଫାଇବରଯୁକ୍ତ ଖାଦ୍ୟରେ ପ୍ରୋଟିନ ଖାଇଲେ ତାହା ସହଜରେ ହଜମ ହୋଇଯାଏ।

ଅନେକ ସମୟରେ ଆମେ ପ୍ରୋଟିନ ସପ୍ଲିମେଣ୍ଟ ନେଇଥାଉ ଓ ତାହା ନିଜ ଇଚ୍ଛାରେ ଗ୍ରହଣ କରୁ, ଯାହା ଠିକ୍ ନୁହେଁ। ସବୁବେଳେ ନ୍ୟୁଟ୍ରିସନିଷ୍ଟଙ୍କ ପରାମର୍ଶରେ ପ୍ରୋଟିନ ସପ୍ଲିମେଣ୍ଟ ନେବା ଆବଶ୍ୟକ। ସପ୍ଲିମେଣ୍ଟରେ ଶରୀରକୁ ବିକାଶ କରାଇବାରେ ଭୂମିକା ନେଉଥିବା ହର୍ମୋନ ଓ କୃତ୍ରିମ ସୁଇଟନର୍ ରହିଥାଏ ଯାହା କ୍ଷତି



କରିପାରେ। ଏଣୁ ଜଣେ ନ୍ୟୁଟ୍ରିସନିଷ୍ଟ ହିଁ କହିପାରିବେ ଆପଣଙ୍କ ପାଇଁ କେତେ ସପ୍ଲିମେଣ୍ଟ ଦରକାର। ଏହା ସହ ବ୍ୟାୟାମ ବି କରିବା ଜରୁରୀ। ନଚେତ ପ୍ରୋଟିନ୍ ଫ୍ୟାଟରେ ପରିଣତ ହୋଇଯାଏ।

### ପାନୀୟ

ଗ୍ରୀନ ମଟର ୪୦୦ ଗ୍ରାମ, ତରଭୁଜ ୨୦୦ ଗ୍ରାମ, ମହୁ ୩୦ ଗ୍ରାମ ଓ ବରଫ ଖଣ୍ଡ ୧୦୦ଗ୍ରାମ ନେଇ ସେଥିରେ ପୋଦିନା ପତ୍ର ପକାଇ ତାହାକୁ ଗ୍ରାଇଣ୍ଡ କରି ପିଅନ୍ତୁ।

ଟୋଫୁ (ସୋୟାବିନ୍‌ରୁ ପ୍ରସ୍ତୁତ) ୫୦୦ଗ୍ରାମ, ସୋୟାମିଲ୍କ ୫୦ମିଲି, ଜିରା ୫ ଗ୍ରାମ, ବରଫ ୧୦୦ଗ୍ରାମ ଓ ମହୁ ୬୦ ଗ୍ରାମକୁ ଗ୍ରାଇଣ୍ଡ କରି ସେଥିରେ, କାଲିଫର୍ଣ୍ଣିୟା ପ୍ରୁନେସ ଡାଇସ (ଏକ ପ୍ରକାର ପ୍ରୋଟିନ ପ୍ରଡକ୍ଟ) ମିଶାଇ ପିଅନ୍ତୁ।

### ଖାଦ୍ୟ

ସକାଳେ ଜଳଖିଆରେ ଅଣ୍ଡା ଖାଆନ୍ତୁ ସିଝା, ଅଧା ଫ୍ରାଏ ବା ଓମ୍‌ଲେଟ କରି ଖାଇପାରିବେ। ଓମ୍‌ଲେଟ ଅଲିଭ ଅଏଲରେ ହେଲେ ଭଲ।

ଛେନା ଓ ଲହୁଣି ପ୍ରତିଦିନ ଖାଆନ୍ତୁ। ଏଥିରେ ପ୍ରଚୁର କ୍ୟାଲସିୟମ ରହିଛି। ଏହାକୁ ବ୍ରେଡ ସହ ଖାଇଲେ ଭଲ ଲାଗେ। ସ୍ନାକ୍ସରେ ବି ଖିଆଯାଇ ପାରିବ।

ମଟରରୁ ପ୍ରସ୍ତୁତ ଲହୁଣି ନିରାମିଷାଶୀଙ୍କ ପାଇଁ ଖୁବ୍ ଦରକାରୀ।

ବୁଟ ଛତୁଆରେ ପ୍ରଚୁର ପ୍ରୋଟିନ ଓ ଫାଇବର ରହିଛି। ଏଥିରେ ଆଲମଣ୍ଡ ମିଶାଇ ଖାଇଲେ ଆହୁରି ସ୍ୱାଦିଷ୍ଟ ହୋଇଯାଏ। ଗାଜର, କାକୁଡ଼ି, ଗୋଲମରିଚ, ଟମାଟୋ ଏବଂ କିଛି ଶସ୍ୟ ଜାତୀୟ ଖାଦ୍ୟ ମିଶାଇ ଖାଆନ୍ତୁ।

କୁକୁଡ଼ା ମାଂସ ଓ ମାଛକୁ ଗ୍ରିଲ୍‌ଡ, ବେକ୍ ଓ ରୋଷ୍ଟ କରି ଖାଆନ୍ତୁ। ଅଧିକ ଫ୍ରାଏ କଲେ ସେଥିରେ ଫ୍ୟାଟ୍ ଭାଗ ବୃଦ୍ଧିପାଏ ଓ କ୍ୟାଲୋରି କମିଯାଏ। ଗ୍ରୀଲ୍‌ଡ ଚିକେନ ଓ ମାଛ ଡିନର ପାଇଁ ସବୁଠୁ ସ୍ୱାସ୍ଥ୍ୟପ୍ରଦ।

## ଯଲଗୁରେଶ ହନୁମାନ୍



କର୍ଣ୍ଣାଟକର ଐତିହାସିକ ନଗରୀ ବୀଜାପୁର ନିକଟସ୍ଥ ଯଲଗୁର 'ଯଲଗୁରେଶ ହନୁମାନ୍ ମନ୍ଦିର' ପାଇଁ ଭାରତ ପ୍ରସିଦ୍ଧ। କୃଷ୍ଣା ନଦୀ କୂଳରେ ଯଲଗୁର ଅବସ୍ଥିତ। କିମ୍ବଦନ୍ତି ଅନୁଯାୟୀ ଏଠାରେ ପ୍ରଭୁ ରାମଚନ୍ଦ୍ରଙ୍କ ପାଦ ପଡ଼ିଥିଲା। 'ଯଲଗୁରେଶ' ଅର୍ଥ 'ସାତ ଗାଁର ଭଗବାନ୍'। ଏହି ଅଞ୍ଚଳରେ ମୁସଲମାନ ଆକ୍ରମଣ ବେଳେ ଯଲଗୁରେଶ ପ୍ରତିମାଙ୍କୁ ଅନ୍ୟତ୍ର ନେଇ ଲୁଚାଯାଇଥିଲା। ଏହି ସମୟରେ ଅସାବଧାନତା ଯୋଗୁଁ ପ୍ରତିମା ଖଣ୍ଡ-ବିଖଣ୍ଡିତ ହୋଇଯାଇଥିଲା। ଏହା ମୁଖ୍ୟ ପୂଜକଙ୍କୁ ବ୍ୟଥିତ କରିଥିଲା। କିଛି କାଳ ପରେ ଖଣ୍ଡିତ ପ୍ରତିମାଙ୍କୁ ମୂଳ ମନ୍ଦିରକୁ ଫେରାଇଆଣି, ଗର୍ଭଗୃହରେ ରଖି, ଦ୍ୱାର ବନ୍ଦ କରି, ବାହାରେ ସାତ ଦିନ ପୂଜା-ପାଠ କରିବା ନିମନ୍ତେ ତାଙ୍କୁ ସ୍ୱପ୍ନାଦେଶ ହେଲା। ପୂଜକ ସ୍ୱପ୍ନାଦେଶ ପାଳନ କଲେ। ଛଅ ଦିନ ବିତିଗଲା। ସପ୍ତମ ଦିନ ପୂଜକ କୌତୂହଳୀ ହୋଇ ଦ୍ୱାର ଖୋଲିଦେଲେ। ସେତେବେଳକୁ କେବଳ ନିମ୍ନାଂଶ ଛଡ଼ା ଭଙ୍ଗା ପ୍ରତିମାର ଅବଶିଷ୍ଟ ଅଂଶ ଯୋଡ଼ି ହୋଇସାରିଥିଲା। ଯଲଗୁରେଶ ହନୁମାନଙ୍କ ଉଚ୍ଚତା ସାତ ଫୁଟ୍। ପ୍ରସ୍ତର ଓ ଧାତୁ ନିର୍ମିତ ପ୍ରତିମା ଅତି ସୁନ୍ଦର।

## ଚା' କମ୍ପୋଷ୍ଟ



ଚା' କମ୍ପୋଷ୍ଟ ଫୁଲ, ପନିପରିବା ଏବଂ ଘରେ ଲଗାଯାଉଥିବା ଗଛ ପାଇଁ ଅତ୍ୟନ୍ତ ଉପଯୋଗୀ ତରଳ ସାର ଭାବେ ବିବେଚିତ ହେଉଛି। ଯେଉଁମାନେ ଉଚ୍ଚମାନର ପନିପରିବା, ଫୁଲ ଆଦି ଉତ୍ପାଦନ କରିବାକୁ ଚାହାନ୍ତି ସେମାନଙ୍କ ପାଇଁ ଚା' କମ୍ପୋଷ୍ଟ ସୁବର୍ଣ୍ଣ ସାର ଭାବେ ବିବେଚିତ ହେଉଛି। ଏହି ତରଳ ସାର ପ୍ରସ୍ତୁତ କରିବା ଅତି ସହଜ ଏବଂ ଏହା ପୋଷକ ତତ୍ତ୍ୱରେ ସମୃଦ୍ଧ, ସୁ ସମତୁଲ ଏବଂ ଏହା ପନିପରିବା, ଫୁଲ ଗଛ ପାଇଁ ଜୈବ ପରିପୋଷକ ଭାବେ ବ୍ୟବହାର କରାଯାଉଛି। ଏହାକୁ ବର୍ଷର ଯେକୌଣସି ସମୟରେ ବ୍ୟବହାର କରାଯାଇପାରିବ। କମ୍ପୋଷ୍ଟ ପ୍ରସ୍ତୁତ ହୋଇସାରିବା ପରେ ତାହାକୁ ସିଧାସଳଖ ବଗିଚାରେ ବ୍ୟବହାର କରାଯାଇପାରିବ କିମ୍ବା ତାହାକୁ ଚା'କମ୍ପୋଷ୍ଟରେ ପରିଣତ କରାଯାଇପାରିବ। ଏକ ପାଞ୍ଚ ଗ୍ୟାଲନ୍ ବିଶିଷ୍ଟ ବାଲ୍‌ଟିର ଏକ ତୃତୀୟାଂଶରେ କମ୍ପୋଷ୍ଟ ଭର୍ତ୍ତି କରନ୍ତୁ। ବାଲ୍‌ଟି ପ୍ରାୟତଃ ଭର୍ତ୍ତି ହେବା ପର୍ଯ୍ୟନ୍ତ ସେଥିରେ ପାଣି ଢ଼ାଳନ୍ତୁ। ଯେପରି ବାଲ୍‌ଟି ଉପର ଭାଗରୁ ଆଉ ଇଞ୍ଚେ କି ଦୁଇ ଇଞ୍ଚ ତଳକୁ ପାଣି ରହିବ। ତାହାକୁ ଭଲ ଭାବରେ ଗୋଳାନ୍ତୁ ଯେଭଳି ମିଶ୍ରଣଟି ବହଳିଆ ହୋଇଯିବ। ତିନି ଚାରିଦିନ ପରେ ଉକ୍ତ ମିଶ୍ରଣକୁ ଗୋଳାଇ ତାହାକୁ ଏକ କପଡ଼ାରେ ଛାଣି ଦିଅନ୍ତୁ। ଛଣାଯିବା ପରେ ଖଦଡ଼ା ଅଂଶକୁ କମ୍ପୋଷ୍ଟରେ ମିଶାଇ ଦିଅନ୍ତୁ ଅଥବା ତାହାକୁ ବଗିଚାରେ ଥିବା ଗଛ ମୂଳରେ ଦିଅନ୍ତୁ। ଉକ୍ତ ତରଳ ପଦାର୍ଥକୁ



ନେଇ ଏକ ଭାଗ ତରଳ ସହିତ ୧୦ ଭାଗ ପାଣି ମିଶାନ୍ତୁ। ଏବେ ତାହାକୁ ସିଧାସଳଖ ମୃତ୍ତିକାରେ ଦିଅନ୍ତୁ ଅଥବା ଗଛରେ ସିଞ୍ଚନ କରନ୍ତୁ। ତେବେ କମ୍ପୋଷ୍ଟକୁ ନେଇ କାର୍ଯ୍ୟ କରିବା ସମୟରେ ହାତରେ ଗ୍ଲୋଭ୍‌ସ ଏବଂ ଆଖିର ସୁରକ୍ଷା ପ୍ରତି ଦୃଷ୍ଟି ଦିଅନ୍ତୁ।

## ହାତର ସୌନ୍ଦର୍ଯ୍ୟ ପାଇଁ...

ହାତକୁ ସର୍ବଦା ପରିଷ୍କାର ରଖନ୍ତୁ। ବାସନ ମାଜିବା, ଲୁଗା କାଚିବା ଭଳି କାମ ସରିବା ପରେ ଭେସ୍‌ଲିନ୍ ଲଗାନ୍ତୁ। ଏହାଦ୍ୱାରା ତ୍ୱଚା ନରମ ରହେ।

ପରିବା କାଟି ସାରିବା ପରେ ହାତ କଳା ପଡୁଥିଲେ, ଲେମ୍ବୁ ରସ ଘଷନ୍ତୁ।

ଦୁଇ ଚାମଚ ଅଲିଭ୍ ତେଲରେ ଦୁଇ ଚାମଚ ଲେମ୍ବୁ ରସ ମିଶାଇ ହାତରେ ନିୟମିତ ମାଲିସ କଲେ ହାତ ନରମ ରହେ।

ଦୁଇ ଚାମଚ କମଳା ରସରେ ଦୁଇ ଟୋପା ମହୁ ମିଶାଇ ହାତରେ ଲଗାନ୍ତୁ। କୋଡ଼ିଏ ମିନିଟ୍ ପରେ ଉଷୁମ ପାଣିରେ ଧୋଇଦିଅନ୍ତୁ।

ଲେମ୍ବୁ ରସ ଓ ଟମାଟୋ ରସ ହାତରେ ଲଗାଇ ଏକ ଘଣ୍ଟା ପରେ ଧୋଇଦିଅନ୍ତୁ। ଏହାଦ୍ୱାରା ହାତର ରୁକ୍ଷତା ଦୂର ହୁଏ।

ଉଷୁମ ପାଣିରେ ନଡ଼ିଆ ତେଲ ମିଶାଇ ହାତକୁ ବୁଡ଼ାଇ ରଖନ୍ତୁ। ଏହା ଦ୍ୱାରା ହାତ ସେତଜ ରହେ।

ସିଝା ଆଳୁର ଚୋପା ବାହାର କରି ଚକଟିଦିଅନ୍ତୁ। ଏହାକୁ ହାତରେ ଲଗାନ୍ତୁ।



କଳା ପଡ଼ିଥିବା କହୁଣିରେ ଲେମ୍ବୁ ଘଷନ୍ତୁ। କିଛି ସମୟ ପରେ ଗରମ ପାଣିରେ ତଉଲିଆ ବୁଡ଼ାଇ ସେହି ସ୍ଥାନକୁ ଘଷନ୍ତୁ।

ଭେସ୍‌ଲିନ୍ ଓ ଲେମ୍ବୁ ରସ ଫେଣ୍ଟି କହୁଣିରେ ଲଗାଇଲେ କଳା ରଙ୍ଗ ଦୂର ହୁଏ।

ହାତର ରୁକ୍ଷତା ଦୂର ପାଇଁ ଲେମ୍ବୁ ରସରେ ଏକ ଚାମଚ ଚିନି ପକାଇ ମାଲିସ କରନ୍ତୁ।

ସପ୍ତାହରେ ଦୁଇ ଥର ଖିର ସହ ଲେମ୍ବୁ ରସ, ଅଳ୍ପ ହଳଦୀ ଓ ବେସନ ମିଶାଇ ହାତରେ ଲଗାନ୍ତୁ। ହାତ ଓ ଉଜ୍ଜ୍ୱଳ ଓ କୋମଳ ରହିବ।

## କର୍କଟରୋଧୀ ପେସ୍ତାବାଦାମ

ପେସ୍ତାବାଦାମ, ଉତ୍ତମ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଏହା ଏକ ଭଲ ଖାଦ୍ୟ। ୱାଶିଂଟନ୍‌ରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି, ନିୟମିତି ଭାବରେ ପେସ୍ତାବାଦାମ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ୍। ଗବେଷକଗଣ ୩୦,୭୦୮ଜଣ ବ୍ୟକ୍ତିଙ୍କୁ ନେଇ ପରୀକ୍ଷା କରିଥିଲେ। ନିୟମିତି ଭାବରେ ସେମନଙ୍କୁ ପେସ୍ତାବାଦାମ ଖାଇବାକୁ ପ୍ରସ୍ତାବ ଦିଆଗଲା। ସେମାନଙ୍କ ମଧ୍ୟରେ କିଛି କର୍କଟ ରୋଗାକ୍ରାନ୍ତ ମଧ୍ୟ ଥିଲେ। ମାସିକ ସ୍ତରରେ ଦୁର୍ବଳ ଥିବା ପିଲା ଓ ଯୁବଗୋଷ୍ଠୀ ଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେଲା। ପେସ୍ତାବାଦାମ ଖୁବ୍ ଭଲଭାବେ କର୍କଟ ରୋଗ ପ୍ରତିରୋଧ କରୁଛି ବୋଲି ବିଶେଷଜ୍ଞଙ୍କ ମତ। ଆମେରିକାର ସମସ୍ତ କର୍ମସଂସ୍ଥାରେ ଏବେ କର୍ମଚାରୀ ପେସ୍ତାବାଦାମ ଖାଇବା ବାଧ୍ୟତାମୂଳକ କରାଯିବ ବୋଲି ଜଣାପଡ଼ିଛି।



## ମହେନ୍ଦ୍ରଗିରି

ପୂର୍ବ ଘାଟ ପର୍ବତମାଳାର ମଧ୍ୟ ଭାଗର ନାଁ ମହେନ୍ଦ୍ରଗିରି। କିମ୍ବଦନ୍ତି ଅନୁଯାୟୀ ଲଙ୍କା ଯାତ୍ରା ବେଳେ ରାମଚନ୍ଦ୍ର ବାନରସେନା ସହ ମହେନ୍ଦ୍ରଗିରି ଶିଖରରୁ ବିଶାଳ ସମୁଦ୍ର ଦର୍ଶନ କରିଥିଲେ। ମହାବୀର ହନୁମାନ୍ ମହେନ୍ଦ୍ରଗିରି ଶିଖରରୁ ଲଙ୍କାକୁ ଲମ୍ଫ ଦେଇଥିଲେ। ତେଣୁ, ଏହାର ଶିଖର ଦେଶକୁ ପବିତ୍ର ଧର୍ମକ୍ଷେତ୍ର ରୂପେ ଗ୍ରହଣ କରାଯାଇଛି। ମହାଶୌର୍ଯ୍ୟବାନ୍ ପରଶୁମରାମ ଏଠାରେ ଆଶ୍ରମ ପ୍ରତିଷ୍ଠା କରିବାର ବର୍ଷ ତପସ୍ୟା କରିଥିଲେ। ତାଙ୍କ ସ୍ମୃତି ବହନ କରି ଏଠାରେ 'ପରଶୁରାମ କୁଣ୍ଡ' ବିଦ୍ୟମାନ। ବନବାସ କାଳରେ ପାଣ୍ଡବ ପଞ୍ଚାଭ୍ରାତା ଏହି ପର୍ବତରେ କିଛି ଦିନ ଆଶ୍ରୟ ନେଇଥିଲେ। ସେମାନଙ୍କ ସ୍ମୃତି ସ୍ୱରୂପ ମହେନ୍ଦ୍ରଗିରି ଶିଖରରେ ଭୀମ ମନ୍ଦିର, ନିମ୍ନରେ ଯୁଧିଷ୍ଠିର ଓ କୁନ୍ତୀ ମନ୍ଦିର ବିଦ୍ୟମାନ। ସମୁଦ୍ର ଓ ମହେନ୍ଦ୍ର ମଧ୍ୟରେ 'ଉଦ୍ୟାନ' ନାମକ ସ୍ଥାନରେ ପ୍ରାଚୀନ କଳିଙ୍ଗର ସାଧବମାନେ ବସବାସ କରୁଥିଲେ। ପ୍ରାଚୀନ ଗୋକର୍ଣ୍ଣେଶ୍ୱର ଶୈବ ମନ୍ଦିର ମହେନ୍ଦ୍ରଗିରିର ମୁଖ୍ୟ ଆକର୍ଷଣ। ଏହି ମନ୍ଦିର ନବମ କିମ୍ବା ଦଶମ ଶତାବ୍ଦୀରେ ନିର୍ମିତ ହୋଇଥିବା କାରୁକାର୍ଯ୍ୟରୁ ଅନୁମାନ। ମନ୍ଦିର ଗାତ୍ରରେ ଓଡ଼ିଶାର ଗଙ୍ଗବଂଶୀ ମହାରାଜା ଭାନୁଦେବଙ୍କ ସମୟର ଏକ ଶିଳାଲେଖ ଅଛି। ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଅବସ୍ଥିତ ମହେନ୍ଦ୍ରଗିରିକୁ ଓଡ଼ିଶାର ପ୍ରକୃତି ଦେବୀଙ୍କ ମୁକୁଟ କୁହାଯାଏ।



# ଅପ ଏ ୱିଇନ କରାଟେ ଏକାଡେମୀର ଦ୍ୱାଦଶତମ କରାଟେ ବେଲ୍ଟ ଗ୍ରେଡିଂ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା, ୨୪/୬ (ନି.ପ୍ର): ଅପ ଏ ୱିଇନ କରାଟେ ଏକାଡେମୀ ପକ୍ଷରୁ ଗୀତା ଭବନ ପରିସରରେ ଦ୍ୱାଦଶତମ କରାଟେ ବେଲ୍ଟ ଗ୍ରେଡିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଏକାଡେମୀ ପକ୍ଷରୁ ଗତ ବର୍ଷଠାରୁ ଟଙ୍ଗ-ଲି-, ମୁଡ ମାର୍ଶାଲ ଆର୍ଟକୁ ସାମିଲ କରାଯାଇଛି। ଏହି ମାର୍ଶାଲ ଆର୍ଟରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀମାନେ ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରି ଆଗାମୀ ନଭେମ୍ବର ମାସରେ କାମ୍ବୋଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଶାଲ ଆର୍ଟ ପ୍ରଶିକ୍ଷଣ ସମ୍ପର୍କରେ ଅନେକ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଯେହେତୁ ସେ ଜଣେ କରାଟେ ର ବ୍ଲାକ ବେଲ୍ଟ ଅଧିକରିଣୀ। ଅନ୍ୟତମ ଅତିଥି ଭାବେ ରାଜ୍ୟ ପ୍ରସାସାନିକ ପ୍ରଶିକ୍ଷଣ କେନ୍ଦ୍ରର ଉପ ନିର୍ଦ୍ଦେଶକ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧିବକ୍ତା ତଥା ଉତ୍କଳ ସମ୍ମିଳନୀର ସଭାପତି ଶକ୍ତି ଶଙ୍କର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।ଏହି ଅବସରରେ ଶ୍ରୀମତୀ ସାଗରିକା ନାଥ କରାଟେ ପ୍ରଶିକ୍ଷଣ ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରିବା ସହ ଉତ୍ତୀର୍ଣ୍ଣ ହୋଇଥିବା ପାଂଚ ଜଣ ଛାତ୍ରଛାତ୍ରୀଙ୍କୁ ବ୍ଲାକ ବେଲ୍ଟ ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅପ ଏ ୱିଇନର ନିର୍ଦ୍ଦେଶିକା ମୂର୍ଚ୍ଛନା ସୁବୁଦ୍ଧି ପରିଚାଳନା କରିଥିଲା ବେଳେ ପଶ୍ଚିମବଙ୍ଗରୁ ଆସିଥିବା ପରୀକ୍ଷା ଅଧ୍ୟକ୍ଷକ ରାନା ଦେ, ଅଜିତ କୁମାର ପଲ ଓ ହୁଭାନେଶ୍ୱରର ଲଲାଟେନ୍ଦୁ ପରିଜା ଓ ବଳରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳିକା ଅସଦାଚରଣ ମାମଲା : ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ ଓ ଜରିମାନା

କନ୍ଧମାଳ, ୨୪/୬ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାଶ ଆଜି ଏକ ନାବାଳିକା ଅସଦାଚରଣ ମାମଲାର ବିଚାରଣା କରି ମାମଲାର ପୀଡିତା ଓ ସାକ୍ଷୀଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ରୋହିତ ଦିଗାଲକୁ ଦୋଷୀ ସାବ୍ୟସ୍ତ କରି ତାକୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୬ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ତାକୁ ଆଉ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି । ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଆଇନ ସେବା ପ୍ରାଧୀକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ, ଗତ ୨୯-୦୨-୨୦୨୪ ରେ ପୀଡିତାଙ୍କ ପରିବାର ପକ୍ଷରୁ ଖଜୁରୀପଡା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ଖଜୁରୀପଡା ଥାନା ଅଧିକାରୀ ଅଭିଯୋଗ ଅନୁଯାୟୀ ଏକ ମାମଲା ୨୪/୨୦୨୪ ରେ ରୁଜୁ କରି ରୋହିତ ଡିଗାଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ସେହି ମାମଲାର ବିଚାର ଆଲୋଚନା କରି ଉପରୋକ୍ତ ରାୟ ଶୁଣାଇଛନ୍ତି ବିଚାରପତି ।

# ହେଲଦି ଲାଇଫ ଜାତୀୟ ସେବା ଯୋଜନା ଦ୍ୱାରା ଅନ୍ତର୍ଜାତୀୟ ଯୋଗ ଦିବସ




ବାଲେଶ୍ୱର, ୨୪/୬ (ନି.ପ୍ର): ବାଲେଶ୍ୱର ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ର ଜାତୀୟ ସେବା ଯୋଜନା , ଏନ,ଏସ,ଏସ ପକ୍ଷରୁ ଏକାଦଶ ବିଶ୍ୱ ଯୋଗ ଦିବସ ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଉଦଘାଟନ କରିବା ସହ ବିଶ୍ୱ ଯୋଗ ଦିବସରେ ଯୋଗ ଅଭ୍ୟାସ କରି ସହିତ ଶାରୀରିକ ମାନସିକ ଶାନ୍ତି ମିଳିଥାଏ। ଯୋଗ ଶିକ୍ଷା ର ପ୍ରଚାର ପ୍ରସାର ରେ ହେଲଦି ଲାଇଫ ଉଦ୍ୟମ ବେଶ୍ ପ୍ରଶଂସନୀୟ ବୋଲି କହିଥିଲେ। ଅନ୍ୟତମ ଅତିଥି ବାଲେଶ୍ୱର ର ଧ୍ୱନି ପ୍ରତିଧ୍ୱନି ର ମୁଖ୍ୟ ସୃଷ୍ଟି ଧର ପରିଡା ଯୋଗ କଲେ ନିଶ୍ଚିତ ଭାବେ ଉପକାର ମିଳିପାରିବ, ହେଲଦି ଲାଇଫ ଜାତିୟ ସେବା ଯୋଜନା ର କାର୍ଯ୍ୟକ୍ରମ ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ସାହୁ ଆଜିର ଯୁବକ , ଯୁବତୀ ମାନେ ଶିକ୍ଷା ସହିତ ଯୋଗ ଶିକ୍ଷିବା ଦରକାର । ଏଥିରେ ଅନ୍ୟ ମୁଖ୍ୟ ଅତିଥି ଭାବେ, ଡିଆଇଜି ଡ. ସତ୍ୟଜିତ ନାୟକ , ପୌରପାଳିକା ଅଧକ୍ଷା ସବିତା ସାହୁ, କବି ପ୍ରଶାନ୍ତ ଦାସ , ସମାଜ ସେବୀ ଅଞ୍ଜଳି ପଣ୍ଡା, ପାଇଲଟ୍ ଶ୍ରୀ ଅଙ୍କିତ କୋଟେଚା ଏୟାର ଇଣ୍ଡିଆ ଏକ୍ସପ୍ରେସ ଯୋଗ ଦେଇଥିଲେ । ଅଧକ୍ଷା ଦେବିଅର୍ଚ୍ଚନା ଦାସ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ର ପାଠ୍ୟକ୍ରମ ରେ ଯୋଗ କୁ ଅଗ୍ରଣୀ ସ୍ଥାନ ଦେଇଛନ୍ତି। ଛାତ୍ର ମାନେ ଶିକ୍ଷା ମାଷ୍ଟର ଡିଗ୍ରୀ ଇନ ଯୋଗ ପାସ କଲେ ବିଭିନ୍ନ ଶିକ୍ଷାନୁଷ୍ଠାନ , ହସ୍ପିଟାଲ ମାନକରେ ନିଯୁକ୍ତି ପାଇ ପାରୁଛନ୍ତି , ଅଧ୍ୟାପିକା ଅନିତା ମିଶ୍ର, ଅଧ୍ୟାପକ ଅଭିଷେକ ଦାସ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାନ୍ତି କ୍ରିଷ୍ଣା ପାଣିଗ୍ରାହୀ , ସବିତା ରାଣୀ ଦାସ , ମନ୍ଦାକିନୀ ଜେନା , ସୁରଜିତ ସିଂ ଯୋଗ ଦିବସରେ ସହଯୋଗ କରିଥିଲେ। ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଦେବସ୍ମିତା ବେହେରା , ସୁଭଦ୍ରା ସାହୁ , ଚାରୁଯଜ୍ଞ ସ୍ୱାଇଁ , ସୁକାନ୍ତି ମହାନ୍ତ , କରନ ବେହେରା , ଏକତା ମହାନ୍ତି , ଚନ୍ଦ୍ରକାନ୍ତି ଦାସ ଯୋଗ ପ୍ରୋଟୋକଲ କରିଥିଲେ।

# ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଜୟପୁର, ୨୪/୬ (ନି.ପ୍ର): ଲକ୍ଷ୍ମୀପୁର ବ୍ଲକ ଭାର ପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳନ ଝାଙ୍କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜି ପଞ୍ଚାୟତ ସମିତି ସଭା ଗୃହ ଠାରେ ଆଜି ଜିଲ୍ଲାପାଳଙ୍କ ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭି.କୀର୍ତିଭାସନ ଉପସ୍ଥିତ ରହି ସମୁଦାୟ ୪୨ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରେ ୨୫ଟି ଗୋଷ୍ଠୀଗତ ୧୭ଟି ବ୍ୟକ୍ତିଗତ ରହିଛି। ଏଥିରେ ଅଧିକାଂଶ ଶିକ୍ଷା, ରାସ୍ତା, ସ୍ୱାସ୍ଥ୍ୟ, ଶିଶୁ କଲ୍ୟାଣ, ଅବକାରୀ, ଆଡିବନ୍ଧ, ଚାଷ, ବିଜୁଳି ଓ ପାନୀୟ ଜଳ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ପ୍ରଭେସନାର ଆଇଏସ୍ ସନ୍ତୋଷ କୁମାର ପାତ୍ର, ଉପ ଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରବି ନାରାୟଣ ମିଶ୍ର, ଜିଲ୍ଲା ଜିଲ୍ଲା ଉନ୍ନୟନ ଅଧିକାରୀ ବେଣୁଧର ଶବର, ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେଶିକା ଓ ଉପାଧକ୍ଷା ଆରତୀ କୁଲଦୀପ, ତହସିଲଦାର ନୈବେଦ୍ୟ ଭୋଇ, ଏ.ଇ ଏମ ପବନ କୁମାର୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସବୁ ବିଭାଗର ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ଲୋକ ପ୍ରତିନିଧି ମାନେ ଯୋଗ ଦେଇଥିଲେ।

# ଭିତର କନିକା ଓ ଗହୀର ମଥା ନରହିଲେ କେନ୍ଦ୍ରାପଡ଼ାର ଅଧିକାଂଶ ଅଂଚଳ ସମୁଦ୍ରରେ ଲୀନହେବ

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): ମେରାଇନ ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନ ଗ୍ରୁପ କନଭେନସନ ସୋସାଇଟି ତରଫରୁ ସୋସାଇଟ୍ ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ଅଧକ୍ଷତାରେ କେନ୍ଦ୍ରାପଡ଼ା ସହର ସନିକଟ ହୋଟେଲ ଚଣ୍ଡିଆ ପ୍ୟାଲେସ ଠାରେ ଜଳବାୟୁ ପରିବର୍ତନ, ବିଶ୍ୱତାପମାନ ଓ ଭିତର କନିକା ଗହୀର ମଥା ସମ୍ପର୍କରେ ଏକ ଆଲୋଚନା ଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଅଛି। ସୋସାଇଟିର ସଚିବ ପ୍ରକୃତି ବନ୍ଧୁ ହେମନ୍ତ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରା ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବରେ ଉତ୍ସବ ଉଦ୍‌ଘାଟନ କରି କହିଲେ କେନ୍ଦ୍ରାପଡ଼ାର ଐତିହାସିକ ପ୍ରାଯୁଜ୍ୟ ହେଉଛି ଗହୀର ମଥା ଆଉ ଭିତର କନିକା। ଏହା ଦିନକୁ ଦିନ କ୍ଷୟ ହେବାରେ ଲାଗିଛି । ଯଦି ଏହା ଲୋପ ପାଇଯାଏ ତେବେ କେନ୍ଦ୍ରାପଡ଼ାର ଅଧିକାଂଶ ଅଂଚଳ ସମୁଦ୍ରରେ ଲିନହେବ। ଏହାର ସୁରକ୍ଷା ନିମନ୍ତେ ବୁଦ୍ଧିଜୀବୀ, ସାହିତିକ, ପରିବେଶବିତ୍ ଓ ରାଜନୈତିକ ବ୍ୟକ୍ତି ବିଶେଷ ସମେତ ପ୍ରଶାସନ ଗୁରୁତ୍ୱ ଦେବାକୁ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ଶୁଭାଶୁଂ କୁମାର ଦାସ, ବରେଣ୍ୟ ଅତିଥି ଭାବରେ ମନ୍ମଥ ବରାଳ, ସମ୍ମାନୀତ ଅତିଥି ଭାବରେ ସମାଜସେବୀ ରମଣୀ ରଞ୍ଜନ ରାଉତରାୟ ଓ ଶ୍ରୀଧର କୁମାର ଭୋଳ ଯୋଗଦାନ କରି ବୃକ୍ଷ ରୋପଣ, ହେନ୍ତାଣ ବଣ ଓ ପରିବେଷ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ଜଗନ୍ନାଥ ଧଳ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ନଗେନ୍ଦ୍ର ସ୍ୱାଇଁ, ବସନ୍ତ ମଞ୍ଜରୀ ଦାସ, ଅଶୋକ ସାହୁ, ଚାରୁଲତା ଭୂୟାଂ, ବଳରାମ ନାୟକ, ଗୋଲକ ସେଠୀ, ଅପର୍ଣ୍ଣା ସେଠୀ, ପ୍ରେମାନନ୍ଦ ଜେନା, ମମତା ସେନାପତି, କବିତା ମୁଦୁଲି, ବାବୁଲି ମଲ୍ଲିକ ଓ ଆରାଧନା ଦାସଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାବନ୍ଧିକ ଅଲେଖ କୁମାର ଦାସ ପ୍ରାରମ୍ଭିକ ସୂଚନା, ଶ୍ରୀଧର କୁମାର ଭୋଳ ଅତିଥି ପରିଚୟ ଓ ମନୋରଞ୍ଜନ ତ୍ରିପାଠୀ ଅନ୍ୟବାଦ ଜ୍ଞାପନ କରିଥିଲେ । ଅନୁସୂୟା ସାମଲ, ଗାୟତ୍ରୀ ଦାସ, ସ୍ୱପ୍ନାଶୁ କୁମାର ଦାସ, କରୁଣା କର ଦାସ, ଶତ୍ରୁଘନ ତରାଇ, ଗୀତା ଦାସ, କାର୍ତ୍ତିକ ଚରଣ ନାୟକ ଓ ଶ୍ରୀଧର ମହାନ୍ତିଙ୍କ ପରିଚାଳନାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ସମସ୍ତ କବିତା ଆବୃତି କରିଥିଲେ।

# ମଣ୍ଡିରୁ ଚାଷୀର ଅମଳଧାନ ତୁରନ୍ତ ଉଠାଇବା ନେଇ ଦାବିପତ୍ର ପ୍ରଦାନ

ଜୟପୁର, ୨୪/୬ (ନି.ପ୍ର): କୋରାପୁଟ ଜିଲ୍ଲାରେ ଚାଷୀ ମାନଙ୍କ ଧାନ ବିକ୍ରି ଚାଲିଥିବା ବେଳେ ମଣ୍ଡିରୁ ଧାନ କଷ୍ଟମ ମିଲିଂ ନିମନ୍ତେ ନିୟୋଜିତ ମିଲକୁ ସ୍ୱାଭାବିକ ଭାବେ ଯାଉନାହିଁ । ଏହିପରି ଗତ ଦୁଇ ଦିନ ହେଲାଣି ଲଗାଣ ବର୍ଷା ଯୋଗୁଁ ଚାଷୀ ମାନେ ସେମାନଙ୍କ ଧାନ ନଷ୍ଟ ହେବାର ଆଶଙ୍କା ନେଇ ମୁଣ୍ଡରେ ହାତ ଦେଇଛନ୍ତି । ଏହିପରି ଆଜି ଜୟପୁର ବ୍ଲକ କଙ୍ଗା ଗ୍ରାମପଞ୍ଚାୟତର ଚାଷୀ ମାନେ ସେମାନଙ୍କ ଧାନ ବିକ୍ରି ହୋଇ ମଣ୍ଡିରେ ଗତ ୮ ଦିନ ହେଲାଣି ପଡିରହିଛି । ଏହିପରି ଟ୍ରକ ଅଭାବ ଏବଂ କୋଷ୍ଟମ ମିଲିଂ ନିମନ୍ତେ ମିଲକୁ ପ୍ରଦାନ କରାଯାଉଥିବା ମିଲରର୍ସ ଏକ୍ସେପଟେନ୍ସ ସିଟି (ମାସ) ନଥିବା ଯୋଗୁଁ ମିଲର୍ସ ମାନଙ୍କ ନିକଟକୁ ଧାନ ପରିବହନ ହେଉନାହିଁ । ଫଳରେ ଚାଷୀ ମାନଙ୍କ ଧାନ ମଣ୍ଡିରେ ପଡିରହିଥିବା ବେଳେ ବର୍ଷା ଏବଂ ଥଣ୍ଡା ଯୋଗୁ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି ।

# ଆଟଗାଁ ପଂଚାୟତରେ ତିନି ଦିନିଆ ସମର କ୍ୟାମ୍ପ

ବଲାଙ୍ଗୀର, ୨୪/୬ (ନି.ପ୍ର): ୱାଇସିଡିଏ ବଲାଙ୍ଗିର ତରଫରୁ ଆଟଗାଁ ପଂଚାୟତ ରେ ତିନି ଦିନିଆ ସମର କ୍ୟାମ୍ପ ଆୟୋଜିତ କରାଯାଇଥିଲା। ଯେଉଁଥିରେ ପୁଇଁନ୍ତଲା ବ୍ଲକର ଛତାପିପଲ, ଭାଲେର, ଦଶପୁର, ମହିମୁଣ୍ଡା ଏବଂ ଆଟଗାଁ ପଂଚାୟତରୁ ଶିଶୁମାନେ ଆସି ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିଲାମାନେ ତାଙ୍କ ସୃଜନଶୀଳତାକୁ ପରିପ୍ରକାଶ କିପରି କରିପାରିବେ ଏବଂ ତାଙ୍କର ମନୋରଞ୍ଜନ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିଲା। ଦକ୍ଷତା ବୃଦ୍ଧି ଉପରେ ଅଧିବେଶନ, ଆର୍ଟ କ୍ରାଫ୍ଟ, କ୍ଲେ ମେକିଂ, ରୋଲ ପ୍ଲେ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ଦିନରେ ପିଲାମାନଙ୍କ ସୃଜନଶୀଳତା କୁ ଧ୍ୟାନରେ ରଖି ବିଭିନ୍ନ ପ୍ରକାର ଆର୍ଟ କ୍ରାଫ୍ଟ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରୋଗ୍ରାମ ମ୍ୟାନେଜର ଜ୍ୟୋତି କୁମାର ରଥ ମୂଲ୍ୟବୋଧ ଏବଂ ନୈତିକତା ଉପରେ ଅଧିବେଶନ ପରିଚାଳନା କରିଥିଲେ ଯେଉଁଥିରେ ପିଲାମାନେ ଦୈନନ୍ଦିନ ଜୀବନରେ ମୂଲ୍ୟବୋଧ ଓ ନୈତିକତା ବୁଝିପାରିବେ। ଦ୍ୱିତୀୟ ଦିନରେ ପ୍ରୋଗ୍ରାମ ମ୍ୟାନେଜର ଗଣେଶ ସାହୁ ନେତୃତ୍ୱ ଶୈଳୀ ଉପରେ ଅଧିବେଶନ ପରିଚାଳନା କରିଥିଲେ। ଦଳରେ କାମ କରିବାର ଶୈଳୀ ଉପରେ ନିକିତା ଦାଶ ଶିଶୁ ମାନଙ୍କୁ ଖେଳ ଖେଳେଇ ଥିଲେ। ତୃତୀୟ ଦିନ ଶିଶୁ ନେତାମାନେ କିପରି ନିଜର ଅଂଚଳରେ ବିଭିନ୍ନ ସମସ୍ୟା କୁ ନେଇ ସମସ୍ୟାର ସମାଧାନ ଯୋଜନା କରି କାମ କରିବେ ସେହି ଉପରେ ଆନନ୍ଦିନୀ ରଥ ଅଧିବେଶନ ପରିଚାଳନା କରିଥିଲେ। ଏହା ସହିତ ଶିଶୁମାନେ ରଙ୍ଗୀନ କାଗଜ ବ୍ୟବହାର କରି ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରିଥିଲେ। ଗ୍ରୁପ ଡାନ୍ସ ସଙ୍ଗୀତ ଗାନ ଏବଂ ଡ୍ରାମା ଶିଶୁମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

# ଜୁଲାଇ ୯କୁ ଘୁଂଚିଲା ଶ୍ରମିକ ସଂଗଠନ ଧର୍ମଘଟ

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡିକ ଚଳିତ ମାସ ୨୦ ତାରିଖରେ କରିବାକୁ ଥିବା ଧର୍ମଘଟକୁ ସ୍ଥଗିତ ରଖିବା ସହ ଏହାକୁ ଜୁଲାଇ ୯ ପର୍ଯ୍ୟନ୍ତ ଘୁଂଚାଇ ଦେଇଛନ୍ତି । କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ସ୍ୱାଧୀନ ଫେଡେରେସନ ମିଳିତ ଆନୁକୂଲ୍ୟରେ ସିଟୁ ଜିଲ୍ଲା କାର୍ଯ୍ୟାଳୟରେ ଏକ ବୈଠକ ଜିଲ୍ଲା ସଭାପତି ମୁକ୍ତାର ଖାନଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା । ଶ୍ରମକୋର୍ଡ ଲାଗୁ କରିବାକୁ ବିରୋଧ କରି ଶ୍ରମିକ ସଂଗଠନ ଗୁଡିକ ଚଳିତ ମାସ ୨୦ରେ ଧର୍ମଘଟ କରିବାକୁ ଯୋଜନା କରିଥିଲେ । ଶ୍ରମିକ, ଚାଷୀ ଓ ସାଧାରଣ ଜନତାଙ୍କର କେତେକ ଦାବିକୁ ମଧ୍ୟ ସେମାନେ ଉପସ୍ଥାପନ କରିଥିଲେ । ସଂଗଠନଗୁଡିକ ରାଜଧାନୀ ଜିଲ୍ଲା ଓ କର୍ମକ୍ଷେତ୍ର ଗୁଡିକରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚାହୁଁଥିଲେ । ଯଦିଓ ପ୍ରସ୍ତାବିତ ଧର୍ମଘଟକୁ ଘୁଂଚା ଯାଇଛି, କିନ୍ତୁ ନିଯୁକ୍ତିଦାତା ଓ ସରକାରଙ୍କ ଶ୍ରମିକ ବିରାଧୀ ଆଭିମୁଖ୍ୟକୁ ଶ୍ରମିକ ସଂଗଠନ ଗୁଡିକ ସମାଲୋଚନ କରିଛନ୍ତି । ଏକଚାଟିଆ ଭାବେ କାମ କରିବା ସମୟ ବଢାଇବା, ବୈଧାନିକ, ସର୍ବନିମ୍ନ ମଜୁରୀ ଓ ସାମାଜିକ ସୁରକ୍ଷା ନିୟମକୁ ଉଲଂଘନ କରିବା ଏବଂ ବିନା ଯୁକ୍ତିଯୁକ୍ତ କାରଣରେ ଚୁକ୍ତି ଭିତିକ କର୍ମଚାରୀକୁ ବାହାର କରାଯାଉ ଥିବା କାର୍ଯ୍ୟକୁ ଆଲୋଚନା ରେ ତୀବ୍ର ବିରୋଧ କରାଯାଇଛି । ଏହି ବୈଠକରେ ଏଆଇଟିୟୁସି ର ବାବାଜୀ ଧଳ, ରମଣୀ ରଂଜନ ରାଉତରାୟ, ବିକାଶ ଦାସ, ସିଆଇଟିୟୁ ର ଜଗତ ଜୀବନ ଦାସ, ନିରାକାର, ଆଇଏନଟିୟୁସି ର ଫକିର ଚରଣ ଖଟୁଆ, ଏଆଇୟୁଟିୟୁସି ର ଏଲିନା ସାମନ୍ତରାୟ, ବସନ୍ତ ମଲିକ, ଏଚଏମଏସ୍ ର ତ୍ରିଲେଚନ ଦାସ ପ୍ରମୁଖଙ୍କ ସମେତ ଅନ୍ୟ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଯକ୍ଷ୍ମା ବିରୋଧୀ ଲଢ଼େଇରେ ସାମୂହିକ ଉଦ୍ୟମ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୪/୬ (ନି.ପ୍ର): ଯକ୍ଷ୍ମା ବିରୋଧୀ ଲଢ଼େଇରେ ସାମୂହିକ ଉଦ୍ୟମ ଗୁରତତ୍ତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି । ମଙ୍ଗଳବାର ଦିନ ରାଜଭବନରେ ରାଜ୍ୟରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର ପ୍ରଗତି ସମ୍ପର୍କରେ ସମୀକ୍ଷା ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ଯକ୍ଷ୍ମା ନିରାକରଣ ଦିଗରେ ଜାତୀୟ ଲକ୍ଷ୍ୟ ହାସଲ କରିବାରେ ଗୋଷ୍ଠୀ ସମ୍ପୃକ୍ତି ଏବଂ ସାମାଜିକ ଦାୟିତ୍ୱବୋଧ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା ଏବଂ ସେମାନଙ୍କର ପୁଷ୍ଟିକର ଆବଶ୍ୟକତା ପୂରଣ ପାଇଁ ଆର୍ଥିକ ଯୋଗଦାନ ଦେବାକୁ ନାଗରିକମାନଙ୍କୁ ରାଜ୍ୟପାଳ ଅନୁରୋଧ କରିଛନ୍ତି । ଏହି ଅଭିଯାନରେ ବ୍ୟାପକ ଜନ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ତଥା ସଚେତନତା ବୃଦ୍ଧି କରିବା ପାଇଁ ପଦକ୍ଷେପ ସ୍ୱରୂପ ରାଜଭବନ ପକ୍ଷରୁ ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷଣ କିଟ୍ ପ୍ରଦାନ କରାଯିବ ବୋଲି କହିଥିଲେ। ଏ ଦିଗରେ ଉଦାହରଣ ଭାବରେ ନେତୃତ୍ୱ ନେବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି । ଏପରି ମହତ ଉଦ୍ଦେଶ୍ୟ ନିମନ୍ତେ ସମର୍ଥନ, ସହଯୋଗ ଏବଂ ସଚେତନତାକୁ ଅଧିକ ବ୍ୟାପକ କରିବା ପାଇଁ ଓଡ଼ିଶାର ସମସ୍ତ ବିଧାୟକ ଏବଂ ସାଂସଦଙ୍କୁ ଚିଠି ଲେଖି ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା, ପୁଷ୍ଟିକର କିଟ୍ ଯୋଗାଇ ନିଜ ନିଜ ନିର୍ବାଚନମଣ୍ଡଳୀରେ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିବେ ବୋଲି ରାଜ୍ୟପାଳ କହିଛନ୍ତି ।

# ବିଜେପି ପକ୍ଷରୁ ଡ.ଶ୍ୟାମା ପ୍ରସାଦ ମୁଖର୍ଜୀଙ୍କ ପୁଣ୍ୟତିଥି ବଳିଦାନ ଦିବସ ପାଳିତ

ସମ୍ବଲପୁର, ୨୪/୬ (ନି.ପ୍ର): ବିଶିଷ୍ଟ ରାଷ୍ଟ୍ରବାଦୀ, ସ୍ୱାଧୀନ ଭାରତରେ ପ୍ରଥମ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ତଥା ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆଜି ପୁଣ୍ୟତିଥି । ଦେଶ ମାତୃକା ସେବାରେ ନିଜକୁ ସମର୍ପିତ କରିଥିବା ଡ.ମୁଖାର୍ଜୀ କଂଗ୍ରେସ ସରକାର୍ ର କଶ୍ମୀର ନୀତି କୁ ବିରୋଧ କରୀ ନିଜର ବହୁମୂଲ୍ୟ ଜୀବନ କୁ ବଳିଦାନ ଦେଇଥିଲା । ଡ.ମୁଖାର୍ଜୀ ଙ୍କ ପୁଣ୍ୟ ତିଥି କୁ ସାରା ଦେଶରେ ବଳିଦାନ ଦିବସ ଭାବରେ ପାଳନ କରାଯାଏ । ଏହି ମର୍ମ ରେ ଆଜି ସମ୍ବଲପୁର ବିଜେପି ପକ୍ଷରୁ ବଳିଦାନ ଦିବସ ପାଳନ ହୋଇଯାଇଛି । କଚେରୀ ରୋଡ ସ୍ଥିତ ବିଜେପି କାର୍ଯ୍ୟାଳୟରେ ଭାରତ ମାତା ଓ ଡ.ମୁଖାର୍ଜୀ ଙ୍କ ଫୋଟୋ ଚିତ୍ର ରେ ମାଲ୍ୟାର୍ପଣ ଓ ଦୀପ ଧୂପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତା ଓ ପଦାଧିକାରୀ ପୁଷ୍ପାର୍ଘ୍ୟ ଦେଇ ଡ. ମୁଖାର୍ଜୀ ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ଙ୍କ ଅଧକ୍ଷତା ରେ ହୋଇଥିବା କାର୍ଯ୍ୟକ୍ରମକୁ ବଳିଦାନ ଦିବସ ର ସଂଯୋଜକ ମାନସ ରଞ୍ଜନ ବକ୍ସି ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ରାମ ଚନ୍ଦ୍ର ମେହେର, ବିଜୟ କେଡିଆ, ନିରଞ୍ଜନ ଦାସ, ମାନସ ରଞ୍ଜନ ବକ୍ସି, ପରାଗ ଅଗ୍ରୱାଲା, ରଞ୍ଜିତ ମିଶ୍ର, କୈଳାଶ ଅଗ୍ରୱାଲ ପ୍ରମୁଖ ନିଜର ନିଜର ବକ୍ତବ୍ୟ ରେ ଡ.ମୁଖାର୍ଜୀ ଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କର ଦେଶ ପ୍ରେମ, କର୍ତବ୍ୟ ପରାୟଣତା, ବଳିଦାନ୍ ବିଷୟ ଉଲ୍ଲେଖ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଶୁଭଶ୍ରୀ ମିଶ୍ର, ସୁଷମା ସାହୁ, ଗିରିଜା ସାହୁ, ରୀକି ବେହେରା, ଅନୁପ ମିଶ୍ର, ସଞ୍ଜୀବ ବର୍ମା, ଉମେଶ ବଳ, ଦୀପକ ଦାସ, ମୋହନ୍ ପଣ୍ଡା, ସନ୍ତୋଷ ଡାଲୁଆ, ସୋମିତ୍ର ଜତି, ଅଜିତ ବେହେରା, କାହ୍ନୁରାମ ଶର୍ମା, ରାମଦାସ ପଣ୍ଡା, ସୁଧୀର ରଞ୍ଜନ ବହିଦାର, ଅବିନାଶ ନନ୍ଦ, ବିଶ୍ୱ ରଞ୍ଜନ ଜେନା, ଉପେନ୍ଦ୍ର ଝା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବରିଷ୍ଠ ବିଜେପି ନେତ୍ରୀ ରୁନୁ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୪/୬ (ନି.ପ୍ର): ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସମ୍ବଲପୁର ମହାନଗମ ନିଗମ (ଏସଏମସି) ଓ ଦେବଗଡ଼ ପୌରପାଳିକାକୁ ପଂଚଦଶ ଅର୍ଥ କମିଶନ ଅନୁଦାନ ପ୍ରଦାନ କରିବା ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ଭେଟି ଆଲୋଚନା କରିଛନ୍ତି । ଆଲୋଚନା କାଳରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ, ଓଡ଼ିଶାର ସମ୍ବଲପୁର ଓ ଦେବଗଡ଼କୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଂଚଦଶ ଅର୍ଥ କମିଶନରେ ପୌର ସଂସ୍ଥାକୁ ଦିଆଯାଉଥିବା ଅର୍ଥ ଦିଆଯାଇନାହିଁ । ସମ୍ବଲପୁର ଏବଂ ଦେବଗଡ଼ ଆର୍ଥିକ, ଶିକ୍ଷାଗତ, ଶିଳ୍ପ ଏବଂ ସାଂସ୍କୃତିକ ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ପଂଚଦଶ ଅର୍ଥ କମିଶନ ଅଧୀନରେ 'ମୌଳିକ ଏବଂ ସଂଯୁକ୍ତ ଅନୁଦାନ' ଏବଂ 'ସ୍ୱାସ୍ଥ୍ୟ ଅନୁଦାନ' ଏ ପର୍ଯ୍ୟନ୍ତ ନ ମିଳିବା ଯୋଗୁଁ ଅନେକ ବିକାଶମୂଳକ କାର୍ଯ୍ୟରେ ବାଧା ଉପୁଜିଛି । ସେ କହିଛନ୍ତି ସମ୍ବଲପୁର ଏବଂ ଦେବଗଡ଼ରେ ଏହି ମୌଳିକ ଅନୁଦାନ ରାଶି ଦ୍ୱାରା ପୌର ସଂସ୍ଥାରେ ରାସ୍ତା ଏବଂ ଡ୍ରେନେଜ୍ ଉନ୍ନତି, ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ସହଜ ହେବ । ସହରାଂଚଳ ସୌନ୍ଦର୍ଯ୍ୟକରଣ, ରାସ୍ତା ଆଲୋକୀକରଣ ଏବଂ ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ନାଗରିକ ସେବା ଏବଂ ଭିତିଭୂମି କାର୍ଯ୍ୟ ସୁଦୃଢ ହେବ। ଏହି ଅନୁଦାନ ପୌରସଂସ୍ଥା ଗୁଡ଼ିକୁ ଅତ୍ୟାବଶ୍ୟକୀୟ ବିକାଶ କାର୍ଯ୍ୟ ଜାରି ରଖିବା ଏବଂ ନାଗରିକ ସେବାରେ ସହାୟକ ହେବ । ଏହି ବିଷୟକୁ ଦୃଷ୍ଟିରେ ରଖି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସମ୍ବଲପୁର ଓ ଦେବଗଡ଼ ୟୁଏଲବିକୁ ୧୫ତମ ଅର୍ଥ କମିଶନ ଅନୁଦାନର ସମୟସୀମା ମଧ୍ୟରେ ପ୍ରଦାନ କରିବା ପାଇଁ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି ଶ୍ରୀ ପ୍ରଧାନ । ଏହାବ୍ୟତୀତ ଆଲୋଚନା କାଳରେ ସମ୍ବଲପୁର ଏବଂ ଦେବଗଡ଼ରେ ଲୋକମାନଙ୍କୁ ସୁଲଭ ମୂଲ୍ୟରେ କିପରି ଘର ମିଳିପାରିବ, ପିଏମ ସ୍ୱନିଧି ଯୋଜନାରେ ଊଠା ଦୋକାନୀ କିଭଳି ସହଜରେ ଋଣ ପାଇବା ସହ ସ୍ୱାବଲମ୍ବୀ ହୋଇପାରିବେ, ଇ- ବସ ଚଳାଚଳକୁ ଅଧିକ ପ୍ରୋତ୍ସାହନ ମିଳିବା ସହ ସହରରେ ବର୍ଜ୍ୟବସ୍ତୁ ପରିଚାଳନା କିପରି ବ୍ୟବସ୍ଥିତ ଭାବରେ ହେବ, ସେ ଦିଗରେ ଉଭୟ ମନ୍ତ୍ରୀ ଆଲୋଚନା କରିଛନ୍ତି । ଏହା ଉପରେ ପଦକ୍ଷେପ ନେବା ପାଇଁ ଆଶ୍ୱସ୍ତ କରିଥିବାରୁ ଶ୍ରୀ ପ୍ରଧାନ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ନାଟ୍ୟାନୁଷ୍ଠାନ କାସାଣ୍ଡ୍ରା କଲଚରାଲ ସେଣ୍ଟରର ନୂତନ କର୍ମକର୍ତ୍ତା ମନୋନୟନ

କେନ୍ଦୁଝର, ୨୪/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଅନ୍ୟତମ ସର୍ବପୁରାତନ ନାଟ୍ୟାନୁଷ୍ଠାନ କାସାଣ୍ଡ୍ରା କଲଚରାଲ ସେଣ୍ଟରର ଆଗାମୀ ତିନିବର୍ଷ ନିମନ୍ତେ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ ପରିଷଦ ମନୋନୟନ ହୋଇଯାଇଛି। ମାଧପୁରସ୍ଥ କାସାଣ୍ଡ୍ରା ସଭା ଗୃହରେ ହରିହର ସାହୁଙ୍କ ଅଧକ୍ଷତା ଓ ମଳୟ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି ଭାବେ ହରିହର ସାହୁ ସଭାପତି, ଦିଲ୍ଲୀପ କୁମାର ମହାନ୍ତି ଉପସଭାପତି, ରବୀନ୍ଦ୍ର କୁମାର ସେଠୀ ସାଧାରଣ ସମ୍ପାଦକ, ମନୋଜ କୁମାର ବେହେରା ଯୁଗ୍ମ ସମ୍ପାଦକ, ତୁଷାର ସାମନ୍ତ ସଂଗଠନ ସମ୍ପାଦକ, ଭାଗିରଥି ସାହୁ ସାଂସ୍କୃତିକ ସମ୍ପାଦକ, ଗଜେନ୍ଦ୍ର କୁମାର ମିଶ୍ର କୋଷାଧକ୍ଷ, ମନୋରଞ୍ଜନ ମଙ୍ଗରାଜ, ଭାସ୍କର ମିଶ୍ର, ସଞ୍ଜୟ ପାଇକରାୟ, ଜିତେନ୍ଦ୍ର ପରିଡା, ଶ୍ୟାମସୁନ୍ଦର ପଣ୍ଡା, ମନଶ୍ୱେତା ମିଶ୍ର, ଚକ୍ରଧର ହୋତା, ଅଶୋକ ମହାରଣା କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟ ତଥା ଦେଶରେ ଅତ୍ୟନ୍ତ ପରିଚିତ ଏହି ଅନୁଷ୍ଠାନ ଆଗାମୀ ସମୟରେ ପାରମ୍ପରିକ ଭାବେ ନାଟ୍ୟ ପ୍ରତିଯୋଗିତା ଆୟୋଜନ କରିବା ସହିତ ଅନ୍ୟାନ୍ୟ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବ ବୋଲି ସମ୍ପାଦକ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୪୫ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୨୪/୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୨ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୩ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

# ନଗଦ ଟଙ୍କା ଏବଂ ସୁନା ଅଳଙ୍କାର ଭର୍ତ୍ତି ଭ୍ୟାନିଟି ବ୍ୟାଗ ଖସାଇପକାଇଲେ ମହିଳା

ବେତନଟୀ, ୨୪/୬ (ନି.ପ୍ର): ଭାଇ ବାହାଘରରେ ଯୋଗଦେବା ସହିତ ସାଙ୍ଗରେ ଉପହାର ଦେବାକୁ ବେତନଟୀ ବଜାରରୁ ମୁକ୍ତାପୁର ଯାଉଥିବା ବେଳେ ରାସ୍ତାରେ ନଗଦ ଟଙ୍କା ଏବଂ ସୁନାଅଳଙ୍କାର ଭର୍ତ୍ତି ଭ୍ୟାନିଟି ବ୍ୟାଗ ଖସିପଡ଼ିଛି । ଘଟଣା ରୁ ପ୍ରକାଶ ବୈଶିଙ୍ଗା ଥାନା ଅଧୀନ ମଛପଦା ଗ୍ରାମର ନୟନା ବସନ୍ତିଆ ଭାଇ ବାହାଘରରେ ଯୋଗଦେବାକୁ ସୋମବାର ରାତି ୮ଟା ସମୟରେ ବେତନଟୀ ବଜାରରୁ ଉପହାର କିଣାକିଣି କରି ବାହାନଡା ଗାଁ ଦେଇ ମୁକ୍ତାପୁର ଯାଉଥିଲେ । ନୟନା ନିଜ ଭ୍ୟାନିଟି ବ୍ୟାଗରେ ନଗଦ ୬୪ ହଜାର ଟଙ୍କା ସମେତ ସୁନାଚେନ୍, ଏକହଳ କାନଫୁଲ, ଦୁଇଟି ସୁନାମୁଦି, ନାକଫୁଲ ଏବଂ ରୂପା ପାଉଁଜି ଅଳଙ୍କାର ନେଇ ଯାଉଥିଲେ । ତେବେ ବାଇକ ପଛରେ ବସିଥିବା ନୟନା ଅନ୍ୟମନସ୍କ ଏବଂ ଅସାବଧାନତା କାରଣରୁ ରାସ୍ତାରେ କେଉଁଠି ବ୍ୟାଗକୁ ପକାଇ ଦେଇଥିଲେ। ମୁକ୍ତାପୁରରେ ପହଞ୍ଚି ନଗଦ ଟଙ୍କା ଏବଂ ସୁନାରୂପା ଅଳଙ୍କାର ଥିବା ବ୍ୟାଗଟି ପାଇ ନଥିଲେ। । ବ୍ୟସ୍ତ ବିବ୍ରତ ହୋଇ ଅନ୍ଧାର ରାତିରେ ପୁଣି ରାସ୍ତାରେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ଟଙ୍କା ଓ ଅଳଙ୍କାର ଥିବା ଭ୍ୟାନିଟି ବ୍ୟାଗର କୌଣସି ସନ୍ଧାନ ପାଇପାରିନଥିଲେ ।

# ଆଇନସେବା ପ୍ରାଧିକରଣ ତରଫରୁ ପୋକ୍ସୋ ଆଇନ ସଂପର୍କରେ ସଚେତନତା

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ପୋକ୍ସୋ ଆଇନ ଜେଜେ ସିପିସି ଆଇନ ଓ ପୀଡ଼ିତା କ୍ଷତିପୂରଣ ରାଶି ଏହାର ଅଧିନିୟମ ୨୦୧୮ ଅନ୍ତର୍ଗତ ନିୟମାବନ୍ଧୀ ଉପରେ ଏକ ସଚେତନତା ଶିବିର ବିଜୟନଗର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ଯୋଗ ଦେଇ ହାଇସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ଜେଜେ ଆଇନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ବୁଝାଇଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ଉକ୍ତ ଅପରାଧ ଓ ଅପରାଧୀମାନଙ୍କ ପାଖରୁ କିପରି ନିଜକୁ ସୁରକ୍ଷିତ ରଖିବ ସେ ଦିଗରେ ଉପଦେଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ପ୍ରଧାନ ଶିକ୍ଷକ ବନମାଳୀ ଦାସ, ଆଇନଜିବୀ ରମଣୀ ରଞ୍ଜନନ ରାଉତରାୟ, ପ୍ରାଧିକରଣ କର୍ମଚାରୀ ଶ୍ରୀକାନ୍ତ ସ୍ୱାଇଁ, ବରଦା ପ୍ରସନ୍ନ ମହାପାତ୍ର, ଦେବବ୍ରତ ପଲାଇଙ୍କ ସମେତ ହାଇସ୍କୁଲର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ ।

# ଆମ ସଂକଳ୍ପ ନିଶା ନୁହେଁ ଜୀବନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୨୪/୬ (ନି.ପ୍ର): ବାସୁଦେବପୁର ବ୍ଲକ ପରିସରରେ ଅବକାରୀ ବିଭାଗ ଭଦ୍ରକ ପକ୍ଷରୁ ଆମ ସଂକଳ୍ପ ନିଶା ନୁହେଁ ଜୀବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ନିଶା ଦ୍ରବ୍ୟ ତଥା ଅପ ମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନକୁ ଏହି ଅବସରରେ ଗୁରୁତ୍ୱ ଦିଆ ଯାଇଛି। ଏହି କାର୍ଯ୍ୟକ୍ରମରେଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବି ଡି ଓ ତନ୍ମିତା କର,ତହସିଲଦାର ପ୍ରିୟବ୍ରତ ଦାସ,ବାସୁଦେବପୁର ଥାନା




ଅଧିକାରୀ ଲୋପାମୁଦ୍ରା ନାୟକ, ଅବକାରୀ ବିଭାଗ ଅଧିକାରୀ ମଧୁସୂଦନ ସାହୁ, ସବ ଇନ୍ସପେକ୍ଟର ନଟବର ମଲ୍ଲିକ। ସମସ୍ତେ ନିଶା ନିବାରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଓ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମଇ ୩୧ ରୁ ଜୁନ୍ ୨୬ ରାଜ୍ୟ ବ୍ୟାପୀ ବ୍ୟାପକ ସଚେତନତା ଅଭିଯାନ ଜାରୀ ରହିଛି। ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କର କମଳରେ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଅମିୟ ପାଣିଗ୍ରାହୀ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଷ୍ଟାଫ୍ ସନ୍ଦିପ୍ତା ଦାଶ ଯୋଗ ଦେଇଥିଲେ।

# ପାଳନ ହେବ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୪/୬ (ନି.ପ୍ର): ରାଜ୍ୟ ସରକାର ପାଳନ କରିବେ ସମ୍ବିଧାନ ହତ୍ୟା ଦିବସ । ଭୁବନେଶ୍ୱର ରେଳ ଅଡିଟୋରିୟମ ପାଳନ ହେବ ରାଜ୍ୟ ସ୍ତରୀୟ ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମ । ରାଜନୀତି ବିଜ୍ଞାନର ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂଚନା ଦେଇଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ଗିରଫ ହୋଇଥିବା ଗଣତନ୍ତ୍ର ସେନାନୀ ମାନଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରିବେ ମୁଖ୍ୟମନ୍ତ୍ରୀ । ସେ ସମୟରେ ଗିରଫ ହୋଇଥିବା ୫୬ ଜଣଙ୍କୁ ସରକାର ପେନସନ ଦେଉଛନ୍ତି । ଆହୁରି ୫୨ ଜଣଙ୍କୁ ନାମ ମଧ୍ୟ ସାମିଲ କରାଯାଇଛି । ଏହାସହ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଉଚ୍ଚ ଶିକ୍ଷା ବିଭାଗର ଅନେକ ଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧୯୭୫ ଜୁନ ୨୫ ମସିହାରେ ସମ୍ବିଧାନ ହତ୍ୟା ହୋଇଥିଲା । ଜରୁରୀକାଳୀନ ପରିସ୍ଥିତି ଲାଗୁ ହେଇଥିଲା । ତାହାର ୫୦ ବର୍ଷ ପୂର୍ତ୍ତି ପାଳନ ହେବ । ସମ୍ବିଧାନର ସାର୍ବଭୌମତ୍ୱ ପାଇଁ ଯାହା କରିବା କଥା କରାଯିବ । ପୂର୍ବରୁ ଯାହା ଭୁଲ ହୋଇଛି ତାକୁ ସୁଧାରିବାର ଅବସର ଆସିଛି । ତାକୁ ଯେଉଁମାନେ ବିରୋଧ କରୁଛନ୍ତି, ଏହା ସମ୍ବିଧାନ ପ୍ରତି ସମ୍ମାନ ନୁହେଁ ବୋଲି କହିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଧ୍ରୁବ ପଣ୍ଡିତେଙ୍କ ପରଲୋକରେ ଶୋକସଭା

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): କେନ୍ଦ୍ରାପଡା ଅଭୟା ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ, ତୁଳସୀକ୍ଷେତ୍ର ପଣ୍ଡିତ ସଭାର ସଭାପତି ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପଣ୍ଡିତ ଧ୍ରୁବ ପଣ୍ଡାଙ୍କ ପରଲୋକରେ ଏକ ଶୋକସଭା ହୃଶିକେଷ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ବହୁ ବିଶିଷ୍ଟ ପଣ୍ଡିତ ସ୍ୱର୍ଗତ ପଣ୍ଡିତେକ ଶିଷ୍ୟଗଣ ଯୋଗଦେଇ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସଭାର ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ୱର୍ଗତ ପଣ୍ଡିତ ଜଣେ ଅସାଧାରଣ ଧୀର ସମ୍ପର୍ଣ୍ଣ ଛାତ୍ର ବତ୍ସଳ ସମାୟୁବର୍ତିତ ମିଷ୍ଟଭାସୀ ସେହ୍ନି ଧର୍ମପ୍ରାୟଣ ବ୍ୟକ୍ତି ଥିଲେ । ତାଙ୍କ ସଂସ୍କୃତ ସାହିତ୍ୟ ବିଶୟରେ ଅଗାଧ୍ୟ ପାଣ୍ଡିତତାକୁ ସମସ୍ତେ ସ୍ମରଣ କରିଥିଲେ । ଏହି ଶୋକସଭାରେ ତୁଳସୀ କ୍ଷେତ୍ର ପଣ୍ଡିତ ସଭାର ସଭ୍ୟ ସଭ୍ୟା ପଣ୍ଡିତ ସତ୍ୟ ନାରାୟଣ ପତି, ମାଧବା ନନ୍ଦ ପତି, ନୃସିଂହ ତ୍ରିପାଠୀ, ଶୁବାସ ପାଣି, ଅବଧୁତ ରାଉତ, କ୍ଷିରୋଦ ପଣ୍ଡା, ପ୍ରଶ୍ନଜିତ ପଣ୍ଡା, ହରେକୃଷ୍ଣ ପତି, ତପନ ଦାସ, ଅକ୍ଷୟ ପତି, ଶ୍ରୀ ପାଦ ଭକ୍ତି ବେଦାନ୍ତ ସନ୍ୟାସୀ ମହାରାଜ ଯୋଗଦେଇ ପଣ୍ଡିତଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତି ସ୍ମରଣ କରିଥିଲେ।





**01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 26.06.25 | 1830 | 27.06.25 | 0215 |
| 08533 | ଦଶପଲ୍ଲା-ପୁରୀ | 27.06.25 | 0015 | 27.06.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 27.06.25 | 0245 | 27.06.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 27.06.25 | 0230 | 27.06.25 | 0815 |
| 08415 | ତାଳଚେର-ପୁରୀ | 27.06.25 | 0345 | 27.06.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 27.06.25 | 0930 | 27.06.25 | 1135 |
| 08307 | କଟକ-ପୁରୀ | 27.06.25 | 0700 | 27.06.25 | 1150 |
| 08521 | ଦଶପଲ୍ଲା-ପୁରୀ | 27.06.25 | 0945 | 27.06.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 27.06.25 | 0615 | 27.06.25 | 1320 |
| 08425 | ଢେଙ୍କାନାଳ-ପୁରୀ | 27.06.25 | 0900 | 27.06.25 | 1345 |
| 08275 | କଟକ-ପୁରୀ | 27.06.25 | 1015 | 27.06.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 27.06.25 | 0730 | 27.06.25 | 1430 |

**02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 1635 | 27.06.25 | 1815 |
| 08276 | ପୁରୀ-କଟକ | 27.06.25 | 1650 | 27.06.25 | 2030 |
| 08306 | ପୁରୀ-କଟକ | 27.06.25 | 1845 | 28.06.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 27.06.25 | 1925 | 28.06.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 27.06.25 | 1940 | 28.06.25 | 0045 |
| 08522 | ପୁରୀ-ଦଶପଲ୍ଲା | 27.06.25 | 2005 | 28.06.25 | 0030 |
| 08416 | ପୁରୀ-ତାଳଚେର | 27.06.25 | 2100 | 28.06.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 27.06.25 | 2115 | 28.06.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 2130 | 27.06.25 | 2255 |
| 08424 | ପୁରୀ-ଢେଙ୍କାନାଳ | 27.06.25 | 2215 | 28.06.25 | 0140 |
| 08534 | ପୁରୀ-ଦଶପଲ୍ଲା | 28.06.25 | 0020 | 28.06.25 | 0415 |
| 08428 | ପୁରୀ-ଗୁଣପୁର | 28.06.25 | 0245 | 28.06.25 | 1230 |

**03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 04.07.25 | 1830 | 05.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 05.07.25 | 0015 | 05.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 05.07.25 | 0245 | 05.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 05.07.25 | 0230 | 05.07.25 | 0815 |
| 08415 | ତାଳଚେର-ପୁରୀ | 05.07.25 | 0345 | 05.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 05.07.25 | 0930 | 05.07.25 | 1135 |
| 08307 | କଟକ-ପୁରୀ | 05.07.25 | 0700 | 05.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 05.07.25 | 0945 | 05.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 05.07.25 | 0615 | 05.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 05.07.25 | 0900 | 05.07.25 | 1345 |
| 08275 | କଟକ-ପୁରୀ | 05.07.25 | 1015 | 05.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 05.07.25 | 0730 | 05.07.25 | 1430 |

**04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 1635 | 05.07.25 | 1815 |
| 08276 | ପୁରୀ-କଟକ | 05.07.25 | 1650 | 05.07.25 | 2030 |
| 08306 | ପୁରୀ-କଟକ | 05.07.25 | 1845 | 06.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 05.07.25 | 1925 | 06.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 05.07.25 | 1940 | 06.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 05.07.25 | 2005 | 06.07.25 | 0030 |
| 08416 | ପୁରୀ-ତାଳଚେର | 05.07.25 | 2100 | 06.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 05.07.25 | 2115 | 06.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 2130 | 05.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 05.07.25 | 2215 | 06.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 06.07.25 | 0020 | 06.07.25 | 0415 |
| 08428 | ପୁରୀ-ଗୁଣପୁର | 06.07.25 | 0245 | 06.07.25 | 1230 |

**05. ସୁନା ବେଶ ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 05.07.25 | 1830 | 06.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 06.07.25 | 0015 | 06.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 06.07.25 | 0245 | 06.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 06.07.25 | 0230 | 06.07.25 | 0815 |
| 08415 | ତାଳଚେର-ପୁରୀ | 06.07.25 | 0345 | 06.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 06.07.25 | 0930 | 06.07.25 | 1135 |
| 08307 | କଟକ-ପୁରୀ | 06.07.25 | 0700 | 06.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 06.07.25 | 0945 | 06.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 06.07.25 | 0615 | 06.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 06.07.25 | 0900 | 06.07.25 | 1345 |
| 08275 | କଟକ-ପୁରୀ | 06.07.25 | 1015 | 06.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 06.07.25 | 0730 | 06.07.25 | 1430 |

**06. ସୁନା ବେଶ ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 1635 | 06.07.25 | 1815 |
| 08276 | ପୁରୀ-କଟକ | 06.07.25 | 1650 | 06.07.25 | 2030 |
| 08306 | ପୁରୀ-କଟକ | 06.07.25 | 1845 | 07.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 06.07.25 | 1925 | 07.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 06.07.25 | 1940 | 07.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 06.07.25 | 2005 | 07.07.25 | 0030 |
| 08416 | ପୁରୀ-ତାଳଚେର | 06.07.25 | 2100 | 07.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 06.07.25 | 2115 | 07.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 2130 | 06.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 06.07.25 | 2215 | 07.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 07.07.25 | 0020 | 07.07.25 | 0415 |
| 08428 | ପୁରୀ-ଗୁଣପୁର | 07.07.25 | 0245 | 07.07.25 | 1230 |

**07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08407 | ଅନୁଗୁଳ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0145 |
| 08411 | ପାରାଦ୍ୱୀପ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0245 |
| 08403 | ଭଦ୍ରକ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2000 | ପରବର୍ତ୍ତୀ ଦିନ | 0310 |
| 08427 | କେନ୍ଦୁଝରଗଡ଼-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2030 | ପରବର୍ତ୍ତୀ ଦିନ | 0345 |
| 08429 | ପଳାସା-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2130 | ପରବର୍ତ୍ତୀ ଦିନ | 0630 |
| 08431 | ଦଶପଲ୍ଲା-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0200 | ସେହି ଦିନ | 0605 |
| 08405 | ଭଦ୍ରକ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0210 | ସେହି ଦିନ | 0855 |
| 08409 | ଅନୁଗୁଳ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0345 | ସେହି ଦିନ | 0935 |
| 08263 | ଖୋର୍ଦ୍ଧାରୋଡ୍-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0600 | ସେହି ଦିନ | 0740 |

**08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08432 | ପୁରୀ-ଦଶପଲ୍ଲା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0700 | ସେହି ଦିନ | 1045 |
| 08404 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1415 | ସେହି ଦିନ | 2200 |
| 08430 | ପୁରୀ-ପଳାସା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1430 | ସେହି ଦିନ | 2115 |
| 08408 | ପୁରୀ-ଅନୁଗୁଳ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1505 | ସେହି ଦିନ | 2000 |
| 08412 | ପୁରୀ-ପାରାଦୀପ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1530 | ସେହି ଦିନ | 2145 |
| 08426 | ପୁରୀ-କେନ୍ଦୁଝରଗଡ଼ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1600 | ସେହି ଦିନ | 2345 |
| 08406 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1745 | ପରବର୍ତ୍ତୀ ଦିନ | 0030 |
| 08410 | ପୁରୀ-ଅନୁଗୁଳ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0005 | ସେହି ଦିନ | 0510 |
| 08264 | ପୁରୀ-ଖୋର୍ଦ୍ଧାରୋଡ୍ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0330 | ସେହି ଦିନ | 0500 |

**09. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08385 | ରାଉରକେଲା-ପୁରୀ | 25.06.25 ଏବଂ 04.07.25 | 1020 | ସେହି ଦିନ | 2315 |
| 08037 | ସାନ୍ତ୍ରାଗାଛି-ପୁରୀ | 25.06.25 ଏବଂ 03.07.25 | 1640 | ପରବର୍ତ୍ତୀ ଦିନ | 0500 |
| 08379 | ବାଦାମପାହାଡ଼-ପୁରୀ | 25.06.25 ଏବଂ 04.07.25 | 0600 | ସେହି ଦିନ | 2115 |
| 08376 | ବୀରମିତ୍ରପୁର-ପୁରୀ | 25.06.25 ଏବଂ 04.07.25 | 1800 | ପରବର୍ତ୍ତୀ ଦିନ | 0945 |
| 08389 | ବଡ଼ବିଲ-ପୁରୀ | 25.06.25 ଏବଂ 04.07.25 | 1700 | ପରବର୍ତ୍ତୀ ଦିନ | 0415 |
| 08441 | କୁନାଗଡ଼ ରୋଡ୍-ପୁରୀ | 26.06.25 ଏବଂ 04.07.25 | 0920 | ସେହି ଦିନ | 2215 |
| 08461 | ବୌଦ୍ଧ-ପୁରୀ | 26.06.25 ଏବଂ 04.07.25 | 1215 | ପରବର୍ତ୍ତୀ ଦିନ | 0030 |
| 08445 | ଜଗଦଲପୁର-ପୁରୀ | 26.06.25 ଏବଂ 04.07.25 | 0900 | ପରବର୍ତ୍ତୀ ଦିନ | 0115 |
| 08453 | ସମ୍ବଲପୁର-ପୁରୀ | 26.06.25 ଏବଂ 04.07.25 | 2350 | ପରବର୍ତ୍ତୀ ଦିନ | 0955 |
| 08381 | ବାଙ୍ଗିରପୋଷି-ପୁରୀ | 26.06.25 ଏବଂ 04.07.25 | 0835 | ସେହି ଦିନ | 1830 |
| 08387 | ବାଲେଶ୍ୱର-ପୁରୀ | 26.06.25 ଏବଂ 04.07.25 | 1825 | ପରବର୍ତ୍ତୀ ଦିନ | 0130 |
| 08313 | ବିଶାଖାପାଟଣା-ପୁରୀ | 27.06.25 ଏବଂ 05.07.25 | 0045 | ସେହି ଦିନ | 1200 |
| *08593 | ରାୟଗଡ଼ା-ଖୋର୍ଦ୍ଧା ରୋଡ୍ | 26.06.25 ଏବଂ 04.07.25 | 1100 | ସେହି ଦିନ | 2355 |
| *08893 | ଗୋଣ୍ଡିୟା-ଖୋର୍ଦ୍ଧା ରୋଡ୍ | 26, 28 ଏବଂ 30.06.25 02 ଏବଂ 05.07.25 | 1330 | ପରବର୍ତ୍ତୀ ଦିନ | 0845 |

* ଟ୍ରେନ୍ ସଂଖ୍ୟା 08893 ଏବଂ 08593 ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚଳାଚଳ କରିବ

**10. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08380 | ପୁରୀ-ବାଦାମପାହାଡ଼ | 27.06.25 ଏବଂ 06.07.25 | 2340 | ପରବର୍ତ୍ତୀ ଦିନ | 1500 |
| 08377 | ପୁରୀ-ବୀରମିତ୍ରପୁର | 27.06.25 ଏବଂ 06.07.25 | 2225 | ପରବର୍ତ୍ତୀ ଦିନ | 1230 |
| 08390 | ପୁରୀ-ବଡ଼ବିଲ | 27.06.25 ଏବଂ 06.07.25 | 2140 | ପରବର୍ତ୍ତୀ ଦିନ | 1000 |
| 08442 | ପୁରୀ-କୁନାଗଡ଼ ରୋଡ୍ | 27.06.25 ଏବଂ 05.07.25 | 2325 | ପରବର୍ତ୍ତୀ ଦିନ | 1245 |
| 08386 | ପୁରୀ-ରାଉରକେଲା | 28.06.25 ଏବଂ 06.07.25 | 0300 | ସେହି ଦିନ | 1550 |
| 08038 | ପୁରୀ-ସାନ୍ତ୍ରାଗାଛି | 28.06.25 ଏବଂ 06.07.25 | 0015 | ସେହି ଦିନ | 1330 |
| 08462 | ପୁରୀ-ବୌଦ୍ଧ | 28.06.25 ଏବଂ 06.07.25 | 0230 | ସେହି ଦିନ | 1430 |
| 08446 | ପୁରୀ-ଜଗଦଲପୁର | 28.06.25 ଏବଂ 06.07.25 | 0045 | ସେହି ଦିନ | 1645 |
| 08454 | ପୁରୀ-ସମ୍ବଲପୁର | 28.06.25 ଏବଂ 06.07.25 | 0100 | ସେହି ଦିନ | 0930 |
| 08382 | ପୁରୀ-ବାଙ୍ଗିରପୋଷି | 28.06.25 ଏବଂ 06.07.25 | 1815 | ପରବର୍ତ୍ତୀ ଦିନ | 0600 |
| 08388 | ପୁରୀ-ବାଲେଶ୍ୱର | 28.06.25 ଏବଂ 06.07.25 | 0200 | ସେହି ଦିନ | 0800 |
| 08314 | ପୁରୀ-ବିଶାଖାପାଟଣା | 28.06.25 ଏବଂ 06.07.25 | 0215 | ସେହି ଦିନ | 1300 |
| *08594 | ଖୋର୍ଦ୍ଧା ରୋଡ୍-ରାୟଗଡ଼ା | 28.06.25 ଏବଂ 06.07.25 | 0100 | ସେହି ଦିନ | 1500 |
| *08894 | ଖୋର୍ଦ୍ଧା ରୋଡ୍-ଗୋଣ୍ଡିୟା | 28 ଏବଂ 29.06.25 01, 03 ଏବଂ 07.07.25 | 1100 | ପରବର୍ତ୍ତୀ ଦିନ | 0415 |

* ଟ୍ରେନ୍ ସଂଖ୍ୟା 08894 ଏବଂ 08594 ଖୋର୍ଦ୍ଧା ରୋଡ୍ ଠାରୁ ଛାଡ଼ିବ

ରଥଯାତ୍ରା ସତନ୍ତ୍ର ଟ୍ରେନ ଗୁଡ଼ିକ ସତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ ।
ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅନୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ ।

ECOR YATRA APP | UTS ON MOBILE
or DOWNLOAD from Play Store

UTS ON MOBILE
ଅଣସଂରକ୍ଷିତ କାଗଜବିହୀନ ଟିକେଟ୍ ପାଇଁ

ରଥଯାତ୍ରା ମୋବାଇଲ୍ ଆପ୍
ସମସ୍ତ ସୂଚନା ପାଇଁ ECoR Rath Yatra ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ




ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in

ଡାଏଲ୍ କରନ୍ତୁ 139
ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର

D-4/25-26
www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଶ୍ୱକୁ ସାମୟିକ...

ବିଶ୍ୱକୁ ସାମୟିକ...
ଅନେକ ପ୍ରମୁଖ ସହର ହାଇ ଆଲର୍ଟରେ ରହିଛି । ଇରାନର ସମ୍ଭାବ୍ୟ ପ୍ରତିଶୋଧମୂଳକ କାର୍ଯ୍ୟକଳାପ ଏବଂ ସାଇବର ଆକ୍ରମଣର ଭୟ ମଧ୍ୟ ଆମେରିକାକୁ ଘାରିଛି । ହାଇ-ଆଲର୍ଟରେ ଥିବା ସହରଗୁଡ଼ିକ ମଧ୍ୟରେ ନିଉୟର୍କ ସିଟି, ୱାଶିଂଟନ ଡିସି, ଲସ ଏଞ୍ଜେଲସ, ସାମ୍ପାଗୋ, ମିଆମି, ହ୍ୟୁଷ୍ଟନ, ଡାଲାସ, ଆର୍ଲିଙ୍ଗଟନ, ବୋକା ରାଟନ, ସାନ୍ଟା କ୍ଲାରା ଏବଂ ସାନ ଡିଏଗୋ ଅନ୍ୟତମ । ନିଉୟର୍କରେ ମେୟର ଏରିକ ଆଡାମସ କହିଛନ୍ତି ଯେ ଯହୁଦୀ ଏବଂ ପାରସୀ ସମ୍ପ୍ରଦାୟ ସହ ଜଡ଼ିତ ସ୍ଥାନଗୁଡ଼ିକରେ ଅତିରିକ୍ତ ପୁଲିସ ମୁତୟନ କରାଯାଇଛି । ଯୁଦ୍ଧ ତ ଥମିଛି ହେଲେ କେତେ ଦିନ ତାହା ସମୟ କହିବ ,ଖାମେନିଙ୍କ ରାଗ ନେତ୍ୟାନ୍ୟାହୁଙ୍କ ଜିଦ୍ ଯୁଦ୍ଧକୁ ଆଗକୁ ବଢାଇବ ନାହିଁ ତ ? ଯେଉଁ ପରମାଣୁ ପରୀକ୍ଷଣ କେନ୍ଦ୍ର ଯୁଦ୍ଧର କେନ୍ଦ୍ର ବିନ୍ଦୁ ସାଜିଥିଲା ଆମେରିକା ତାକୁ ନଷ୍ଟ କରିଦେଇଛି ହେଲେ ରିପୋର୍ଟ ଅନୁଯାୟୀ ଇରାନ ପରମାଣୁକୁ ସୁରକ୍ଷିତ ସ୍ଥାନରେ ରଖିଛି ।

### ପାଣ୍ଡିଆନ୍ ସିଷ୍ଟମ୍ ଉପରେ...

ଅନୁସନ୍ଧାନ, ଡିଜାଇନ, ଏଷ୍ଟିମେଟ ଏବଂ ଡିପିଆର ପ୍ରସ୍ତୁତ ପାଇଁ ବି ଆଉଟସୋର୍ସିଂ ସଂସ୍ଥାକୁ ଦିଆଯାଉଛି। ଯାହା ଏକ ଅସୁସ୍ଥ ପରମ୍ପରା ତିଆରି କରୁଛି। ଏହା ସହ ଏଭଳି ନିଷ୍ପତ୍ତି ସରକାରୀ ଇଞ୍ଜିନିୟରମାନଙ୍କ କାର୍ଯ୍ୟ ଦକ୍ଷତା ଏବଂ ଅଭିଜ୍ଞତା ଉପରେ ପ୍ରଶ୍ନବାଚୀ ଛିଡା କରିଛି। ତେଣୁ ବିଗତ ୧୦ ବର୍ଷରେ କେଉଁ କେଉଁ ବିଭାଗ କେତେ ବେସରକାରୀ ସଂସ୍ଥାକୁ କେତେ ଟଙ୍କାର କାମ ଦେଇଛନ୍ତି ତାର ରିପୋର୍ଟ ମାଗିଛନ୍ତି ମୁଖ୍ୟମନ୍ତ୍ରୀ। ମେ ମାସରେ ସରକାରୀ କଳରେ ଏହି ଭୁଲ୍ ଧରି ମୁଖ୍ୟ ସଚିବଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଗତ ୧୦ ବର୍ଷର ତଥ୍ୟ ମାଗିବା ସହ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି, କେଉଁ ଉପାୟ ଅବଲମ୍ବନ କଲେ ସରକାରଙ୍କ ନିଜସ୍ୱ ଇଞ୍ଜିନିୟରିଂ ବିଭାଗ ଏସବୁ କାର୍ଯ୍ୟ ପାଇଁ ସକ୍ଷମ ହୋଇପାରିବ। ଏବଂ ଆଉ କଣ ଆଧୁନିକ ଯନ୍ତ୍ରପାତି ଇଞ୍ଜିନିୟରିଂ ବିଭାଗକୁ ଆବଶ୍ୟକ। ସେ ନେଇ ଗଭୀର ସମୀକ୍ଷା କରି ରିପୋର୍ଟ ଦେବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବିଭିନ୍ନ ବିଭାଗକୁ ଏନେଇ ତଥ୍ୟ ବି ମଗାଯାଇଛି। ପୂର୍ବ ମନ୍ତ୍ରୀ କହିଛନ୍ତି ଆମ ସରକାର ଆସିବା ପରେ ଇଞ୍ଜିନିୟରିଂ ବିଭାଗକୁ ସକ୍ଷମ କରିବାକୁ ତାଲିମ କାର୍ଯ୍ୟକ୍ରମ ସହ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପୂର୍ବରୁ ବିଭିନ୍ନ ଆଉଟସୋର୍ସିଂ ସଂସ୍ଥା ଏହାକୁ ଦଖଲ କରି ରଖିଥିଲେ। ବିଶେଷ କରି ଜଳସଂପଦ, ପୂର୍ତ୍ତ, ପଞ୍ଚାୟତିରାଜ ଏବଂ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ନଗର ଉନୟନ୍ନ ବିଭାଗରେ ବର୍ଷ ବର୍ଷ ଧରି ଆଉଟସୋର୍ସିଂ ସଂସ୍ଥା ମାନେ ନିଜ ଦଖଲରେ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଧରପଗଡ ପରେ ଏହି ବ୍ୟବସ୍ଥାରେ କେମିତି ସୁଧାର ଆସି ପାରୁଛି ତା ଉପରେ ନଜର।

### ହ୍ୱାଟ୍ସଆପରେ ସମସ୍ୟା...

ହସ୍ପିଟାଲ ଠାରୁ ଆରମ୍ଭ କରି ଥାନା, ତହସିଲ, ବ୍ଲକ ଭଳି ସରକାରୀ ଅଫିସରେ କିଭଳି ସେବା ଯୋଗାଇ ଦିଆଯାଉଛି । କେଉଁଠି ସମସ୍ୟା ରହୁଛି ? ତାହାର ସିଧାସଳଖ ଫିଡବ୍ୟାକ୍ 'ଆମ ଶାସନ' ଜରିଆରେ ନେବେ ସରକାର । ମୋହନ ସରକାରକୁ ବର୍ଷେ ବିତିଲାଣି । ଆଗକୁ ଶାସନ ବ୍ୟବସ୍ଥାକୁ ଆହୁରି କ୍ରିୟାଶୀଳ କରିବାକୁ ଅନେକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି ସଚିବ ସ୍ତରୀୟ ବୈଠକରେ । ସୂଚନା ଅନୁସାରେ, ବିଭାଗର ଖର୍ଚ୍ଚ ବୃଦ୍ଧି ,ନିଯୁକ୍ତି ପାଇଁ ପଦକ୍ଷେପ, ଭିଜନ୍ ଡକ୍ୟୁମେଣ୍ଟକୁ କାର୍ଯ୍ୟକାରୀ, ଜନଶୁଣାଣିକୁ ଗୁରୁତ୍ୱ ଦେବା ଉପରେ ଫୋକସ୍ କରିଛନ୍ତି ମୁଖ୍ୟ ଶାସନ ସଚିବ। ସାଧାରଣ ଲୋକଙ୍କ ସହ ଆହୁରି ନିକଟତର ହେବା ସହ ଦୁର୍ନୀତିମୁକ୍ତ ଶାସନ ପାଇଁ ୱାର୍କ ପାସବୁକ୍ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି ସରକାର । ଗ୍ରାଉଣ୍ଡରେ କେତେ ଯୋଜନା କାର୍ଯ୍ୟକାରୀ ହେଉଛି, କଣ ବାକି ରହୁଛି, କେଉଁ ଯୋଜନା ପାଇଁ କେତେ ଅଟକଳ ରହିଛି ତାହାର ହିସାବ କିତାବ ରହିବ ୱାର୍କ ପାସବୁକରେ । ୩୧ ଅକ୍ଟୋବର ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ରହିଛନ୍ତି ସରକାର ।

### କିଏ ନେଇଗଲା...

ରାଜବୈଦ୍ୟ ଦେଇଥିବା ମହୌଷଧି ? ଏ ପ୍ରଶ୍ନ କେବଳ ମହାପ୍ରଭୁଙ୍କ ସେବକ ନୁହଁନ୍ତି ଅଗଣିତ ଭକ୍ତଙ୍କୁ ବି ଆଚମ୍ବିତ କରିଛି । ଖୋଦ୍ ବଡ଼ଠାକୁର ବଳଭଦ୍ରଙ୍କ ମୁଖ୍ୟ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର ମୋଦକ ଚୋରିର ସାଂଘାତିକ ଅଭିଯୋଗ ଆଣି ଶ୍ରୀମନ୍ଦିର ପ୍ରଶାସନକୁ ଲେଖିଛନ୍ତି ଚିଠି- ଯେଉଁଥିରେ ସେ ଦର୍ଶାଇଛନ୍ତି ରାଜବୈଦ୍ୟ ୩୧୩ଟି ଅମୁଣିଆ ମୋଦକ ବଡ଼ ଠାକୁରଙ୍କ ପାଇଁ ପ୍ରସ୍ତୁତ କରିଥିଲେ । ତାହା ଶ୍ରୀମନ୍ଦିର କମାଣ୍ଡରଙ୍କ ସୁରକ୍ଷାରେ ଗାରଦ ଘରେ ରଖାଯାଇଥିଲା । ହେଲେ ଦିଅଁଙ୍କୁ ଲାଗି ପୂର୍ବରୁ ୭୦ଟି ମୋଦକ କମ୍ ଥିଲା । ୨୧ ତାରିଖ ରାତିରେ ମହାପ୍ରଭୁଙ୍କ ସର୍ବାଙ୍ଗ ପରେ ଦଶମୂଳ ମୋଦକ ଲାଗିର ବିଧି ଥିବାବେଳେ ଏତେ ସଂଖ୍ୟାରେ ମୋଦକ ଚୋରି ହେଲା କେମିତି ? ବାକି ମାରା ମୋଦକ ଶ୍ରୀଜିଉଙ୍କୁ ଲାଗି ହେଲା କିପରି ବୋଲି ପ୍ରଶ୍ନ କରିଛନ୍ତି । ଏଣେ ଶ୍ରୀମନ୍ଦିର ଗାରଦରୁ ମୋଦକ ଚୋରି ତନାଘନା ଭିତରେ ଆସିଛି ଦୀଘା ଲିଙ୍କ୍ ସନ୍ଦେହ । ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫୁଲ୍ଲ ରଥ ସିଧାସଳଖ ଅଭିଯୋଗ କରିଛନ୍ତି- ଯେହେତୁ ଅମୁଣିଆ ମୋଦକ ଚୋରି ହୋଇଛି, ତେଣୁ ଏହା ଦୀଘା ଜଗନ୍ନାଥ ମନ୍ଦିରକୁ ଯାଇଥାଇପାରେ । ତେଣେ ମୋଦକ ଚୋରି ଅଭିଯୋଗ ସତ ବୋଲି କହିଛନ୍ତି ଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ । ସିସିଟିଭି ଦେଖି ରାଜ୍ୟ ସରକାର ଏହାର ତଦନ୍ତ କରନ୍ତୁ । ତେବେ ଦୀଘା ପଠାଯାଇଥିବା କଥା ସେ ଗ୍ରହଣ କରିନାହାନ୍ତି । ଏଣେ ମୋଦକ ଚୋରିକୁ ନେଇ ଭକ୍ତ ଓ ସେବକ ବି ଆଚମ୍ବିତ । ଏପଟେ ମୋଦକ ଚୋରି ଆରୋପ ଘଟଣାରେ ଟ୍ୱିଷ୍ଟ ଆଣିଛି ଆଇନ ମନ୍ତ୍ରୀଙ୍କ ବୟାନ । ସେ କହିଛନ୍ତି ମୋଦକ ଚୋରି ହୋଇନି । ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଏପରି ବୟାନ ଦିଆଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବି କହିଛନ୍ତି- ପ୍ରାରମ୍ଭିକ ସୂଚନା ଅନୁସାରେ ବାଡ଼ଗ୍ରାହୀଙ୍କ ଅଭିଯୋଗ ସତ୍ୟ ଆଧାରିତ ନୁହେଁ । କିନ୍ତୁ ବଳଭଦ୍ରଙ୍କ ବାଡ଼ଗାହୀଙ୍କ ଅଭିଯୋଗ ନେଇ ତଦନ୍ତ ଆରମ୍ଭ ହୋଇଛି । ଯାଞ୍ଚରେ କେହି ଦୋଷୀ ସାବ୍ୟସ୍ତ ହେଲେ ଆକ୍ସନ ହେବ ।

### ଗୋପାଳପୁର ଗଣଦୁଷ୍କର୍ମ ...

ସୂଚନାଯୋଗ୍ୟ, ରଜରେ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିବାବେଳେ ଯୁବତୀ ଜଣକ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା । ଏହି ମାମଲାର ତଦନ୍ତ ଭାର ନେଇଛି କ୍ରାଇମବ୍ରାଞ୍ଚ୍ । ଗୋପାଳପୁର ଗଣଦୁଷ୍କର୍ମର ୧୦ ସଇତାନଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ । ୩ ଜଣ ଗଣଦୁଷ୍କର୍ମ କରିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ ନାଁରେ ପୂର୍ବରୁ ମଧ୍ୟ ୨ଟି ମାମଲା ରହିଛି। ଅନ୍ୟ ଦୁଇ ଦୁଷ୍କର୍ମକାରୀ ହେଲେ ବାବୁରାମ ଦଳାଇ ଏବଂ କୁନାଲ ପ୍ରଧାନ। ୪ ନାବାଳକଙ୍କୁ ୧୭ ବର୍ଷ ହୋଇଥିବାରୁ ସେମାନଙ୍କୁ ସାବାଳକ ଭାବେ ବିଚାର କରି କଠୋର ଦଣ୍ଡ ଦେବାକୁ କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି କହିଥିଲେ ବ୍ରହ୍ମପୁର ଏସପି।

### ଭିଜିଲାନ୍ସ ଜାଲରେ ଆଉ...

ଶୁଶିଳା ଶବର ଆକାଉଣ୍ଟରେ ପ୍ରଥମେ ୨୦ ହଜାର ଟଙ୍କା, ପରେ ବଳକା ୮୦ ହଜାର ଟଙ୍କା ନଗଦ ନେଉଥିଲେ। ଠିକ୍ ଏହି ସମୟରେ ରାୟଗଡା ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ତାଙ୍କୁ ଧରିଥିଲେ। ଭିଜିଲାନ୍ସ କାର୍ଯ୍ୟାଳୟରେ ଉଭୟଙ୍କୁ ଧରି ଜେରା କରୁଛନ୍ତି ଭିଜିଲାନ୍ସ ଅଧିକାରୀ।

### ୨୮ ଜୁନ୍ ପର୍ଯ୍ୟନ୍ତ ରାଜ୍ୟରେ ...

ଜଗତସିଂହପୁର, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ଗଞ୍ଜାମରେ ବଜ୍ରପାତ ସହିତ ବର୍ଷା ହେବା ସହ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଜୁନ୍ ୨୬ରେ ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ସହିତ ଘଡ଼ଘଡ଼ି ସହ ଝଡ଼ବର୍ଷା, ୩୦-୪୦ କିଲୋମିଟର ବେଗରେ ପବନ ବହିବା ଏବଂ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଧିକ। ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେଓଗଡ଼, ଅନୁଗୁଳ ଏବଂ ଢେଙ୍କାନାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହିତ ବଜ୍ରପାତ, ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବା ଏବଂ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହିତ ବିଜୁଳି ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ଏବଂ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିପାରେ। ଜୁନ୍ ୨୭ରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଢେଙ୍କାନାଳ, ଅନୁଗୁଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଏବଂ ଦେଓଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

### ରଥଯାତ୍ରା: ଶ୍ରୀକ୍ଷେତ୍ର ...

କଣ୍ଟ୍ରୋଲ ବ୍ୟବସ୍ଥା କରାଯାଇଛି। ନୂଆ କରି ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସୁଥିବା ବେଳେ ଶ୍ରୀମନ୍ଦିର ନିକଟ ରଥଖଳାରେ ତିନିରଥର ନିର୍ମାଣ କାମକୁ ମହରଣା ସେମାୟତମାନେ ତୀବ୍ର କରିଦେଇଛନ୍ତି। ଦୁଇ ଦିନ ପରେ ଘୋଷଯାତ୍ରା ଥିବାରୁ ରଥ ନିର୍ମାଣ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀଜିଉଙ୍କ ବିଶାଳ ରଥଗୁଡ଼ିକର ନିର୍ମାଣ ପାଇଁ କାରିଗରମାନେ ଦିନରାତି କରିଦେଇଛନ୍ତି। ଡିଜିପି କହିଛନ୍ତି, ଶ୍ରୀକ୍ଷେତ୍ର ମୋଟ୍ ୨୭୫ଟି ସିସିଟିଭି ନଜରରେ ରହିବ। ଭୁବନେଶ୍ୱର ଉପକଣ୍ଠ ଉଉରା ଠାରୁ ପୁରୀ ଏବଂ ପୁରୀ ଠାରୁରୁ କୋଣାର୍କ ପର୍ଯ୍ୟନ୍ତ ସିସିଟିଭି ଖଞ୍ଜା ଯାଉଛି। ଲାଇଭ୍ ଫିଡ୍ ଦେଖି ସବୁ କିଛି କଣ୍ଟ୍ରୋଲ ରୁମ୍‌ରୁ କଣ୍ଟ୍ରୋଲ ହେବ। ଟ୍ରାଫିକ୍ ପାଇଁ ସ୍ୱତନ୍ତ୍ର ପ୍ଲାନ୍ ଓ ଆଣ୍ଟି ଡ୍ରୋନ୍ ବି କାମ କରିବ। ପ୍ରାୟ ୨ ଶହ ପ୍ଲାଟୁନ ଫୋର୍ସ ସୁରକ୍ଷା ଦାୟିତ୍ୱରେ ରହିବେ।

ବୁଧବାର, ଜୁନ୍ ୨୫, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଚନ୍ଦ୍ରଶେଖରପୁରରେ ଖୋଲିଲା ପାବ ଆଣ୍ଡ ସିନ୍ଧ ବ୍ୟାଙ୍କ

ଭୁବନେଶ୍ୱର,୨୪।୬(ନି.ପ୍ର) ଚନ୍ଦ୍ରଶେଖରପୁର କେୟାର ହସ୍ପିଟାଲ ରାସ୍ତାର ପ୍ରଚୀ ଏନ୍‌କ୍ଲେଭ ଠାରେ ପାବ ଆଣ୍ଡ ସିନ୍ଧ ବ୍ୟାଙ୍କର ନୂତନ ଶାଖା ଖୋଲିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ, ବିଜ୍ଞାନ ଓ କାରିଗରୀ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ, ଏଫଜିଏମ ବିନୋଦ କୁମାର ପାଣ୍ଡେ, ଜେଡ୍ ଏମ ଭି କେ ଖଣ୍ଡେଲୱାଲ, ଚିଫ୍ ମ୍ୟାନେଜର ରାଜେଶ କୁମାର ସିଂହ, ବ୍ରାଞ୍ଚ ମ୍ୟାନେଜର ଦେବାଶିଷ ହେର୍ଣ୍ଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏସଏଚଜି ଗ୍ରୁପ ମାନଙ୍କୁ ୪ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଏହି ଶାଖାରେ ଗ୍ରାହକ ମାନଙ୍କ ପାଇଁ ଏଟିଏମ ବ୍ୟବସ୍ଥା ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଶାଖା ପରିଚାଳକ ଦେବାଶିଷ ହେର୍ଣ୍ଣା କହିଥିଲେ।




# ଜିଲ୍ଲା ବିଜେପିର ମିଶ୍ରଣ ପର୍ବ : ଭଞ୍ଜସେନା ଓ ବିଜେଡିରୁ ବହୁ ଯୁବକର୍ମୀ ବିଜେପିରେ ଯୋଗଦେଲେ



ବାରିପଦା ତା ୨୪/୬(ନି.ପ୍ର) : ଆଜି ତକତପୁର ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ମୟୁରଭଂଜ ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି. ଏହି ମିଶ୍ରଣ ପର୍ବରେ ଭଞ୍ଜସେନା ଏବଂ ବିଜେଡିର ହଜାର ହଜାର ଯୁବ କର୍ମୀ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହେବା ସହ ବିଜେପିର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିବାର ଜଣାଯାଇଛି. ଏହି ମିଶ୍ରଣ ପର୍ବରେ ଭଞ୍ଜସେନାର ମାନସ କୁମାର ବେହେରା, ଲୋକନାଥ ପାତ୍ର, ମିହିର ମହାନ୍ତି, ଆଦିତ୍ୟ ରଣା ପ୍ରମୁଖଙ୍କ ନେତୃତ୍ୱରେ ଶହସ୍ରାଧିକ ଯୁବକର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ବିଜେଡିର ପ୍ରକାଶ ପାତ୍ର, ଆଶିଷ ଦାସ, ପ୍ରମୋଦ ମହାନ୍ତି, ବିରୋଜ ଦାସ, ବ୍ରଜ କିଶୋର ପଣ୍ଡା, ଶେଷନାଥ ଉପାଧ୍ୟାୟ, ଅତନୁ ପରମାଣିକ, ବରୁଣ ପରମାଣିକ, ସୁଦର୍ଶନ କର୍ମକାର ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି. ଏହି ଅବସର ରେ ତକତପୁର ସ୍ଥିତ ଅପେରା ପଡ଼ିଆ ନିକଟରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମୟୁରଭଂଜ ପୂର୍ବ ସାଂଗଠନିକ ଜିଲ୍ଲା ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରୀପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ପ୍ରମୁଖ ଉପସ୍ଥିତ ରହି ନୂଆକରି ଦଳରେ ଯୋଗଦେଇଥିବା କର୍ମୀ ନେତାଙ୍କୁ ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ ।

# ରବୀନ୍ଦ୍ରଙ୍କୁ ଗଛ ମଣିଷ ଭାବେ ରୁପସା ଥାନା ପକ୍ଷରୁ ସମ୍ବର୍ଦ୍ଧନା




ବସ୍ତା,୨୪.୬(ନିପ୍ର) ରୂପସା ଥାନା ଅନ୍ତର୍ଗତ ତଳବରହମପୁର ଗ୍ରାମ ର ବାସିନ୍ଦା ରବୀନ୍ଦ୍ର ବେହେରା (ବାଇନ) ଯିଏକି ନିଜ ଅଞ୍ଚଳରେ ଜଣେ ଗଛ ମଣିଷ ନାମରେ ପରିଚିତ। ତାଙ୍କ ବୟସର ଅପରାହ୍ନରେ କେବେ ହାର ମାନେନି ନିଜର ଗଛ ଲଗାଇବା ସହିତ ତାର ଯତ୍ନ ନେବା ଓ ଗଛ ଲଗାଇବା ସହ ତାର ଯତ୍ନ ନେବା ପାଇଁ ସାଇକେଲରେ ବୁଲି ବୁଲି ପ୍ରଚାର ମଧ କରିଥାନ୍ତି। ଏହି ମହାନ କାର୍ଯ୍ୟ ପାଇଁ ବହୁ ଅନୁଷ୍ଠାନରୁ ମଧ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ରୂପସା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଗଛ ଲଗାଇବା ସହ ଥାନା ପରିସର ରେ ମଧ ବହୁ ଗଛ ଲଗାଇଛନ୍ତି। ସେହି ଭଳି ଜଣେ ମହତ୍ତ୍ୱପୂର୍ଣ୍ଣ ମଣିଷ ରବୀନ୍ଦ୍ରଙ୍କୁ ରୂପସା ଥାନାର ଭାରପ୍ରାପ୍ତ ଥାନା ଅଧିକାରିଣି ମୌସୁମୀ ମହାନ୍ତି ଓ ଏ ଏସ ଆଇ ଧୃତ୍ରରାଷ୍ଟ୍ର ମଲ୍ଲିକ, ଏ ଏସ ଆଇ ବିକାଶ ସେଠୀଙ୍କ ଥାନାର ଅନ୍ୟ କର୍ମଚାରୀ ତାଙ୍କୁ ମାନପତ୍ର, ଫୁଲ ଚାରା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ଗୋରୁଗାଡି ଜବତ: ୩ ବେପାରୀ ଗିରଫ




ନୀଳଗିରି,୨୫/୬ (ନି.ପ୍ର): ମଙ୍ଗଳବାର ସକାଳେ ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହିତ ଏଥିରେ ସଂପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବରହମପୁର ପୋଲିସ। ସୂଚନା ଅନୁଯାୟୀ ଓଡ଼ି ୧୧କ୍ୟୁ ୮୫୮୩ନଂ ଗାଡ଼ିରେ ୫ଟି ଗାଇ ଏବଂ ଗୋଟିଏ ବାଛୁରୀ ବୋଝେଇ କରି ଉଦଳା ଅଭିମୁଖେ ଯାଉଥିବା ବେଳେ ବରହମପୁର ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଆରବନ୍ଧ ରାସ୍ତାରେ ଗାଡ଼ିଟିକୁ ଅଟକ ରଖି ଥାନାକୁ ଆଣିଥିଲେ। ଏହି ଘଟଣାରେ ମୟୂରଭଞ୍ଜ ଜିଲ୍ଲା ଉଦଳାଥାନା ମଣ୍ଡଳ ଗ୍ରାମର ସଂଗ୍ରାମ ଟୁଡୁଙ୍କ ପୁଅ ନନ୍ଦକିଶୋର ଟୁଡୁ(୪୧), ବରହମପୁର ଥାନା ଶାଳଡହର ଅଞ୍ଚଳର ଜିତୁ ମାଝୀ (୪୦) ଏବଂ ପିରୁ ମୁର୍ମୁ(୪୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ବରହମପୁର ଥାନାରେ ୮୩/୨୫ରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ




ଉଦଳା,୨୪/୦୬(ନି.ପ୍ର): ମହାନ ଦେଶଭକ୍ତ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜିଙ୍କ ବଳିଦାନ ଦିବସ ଚଳିତ ଜୁନ ୨୩ ତାରିଖ ସୋମବାର ଦିନ ଉଦଳା ସହର ମଧ୍ୟରେ ଥିବା ଭାରତୀୟ ଜନତାପାର୍ଟି କାର୍ଯ୍ୟାଳୟ ପରିସରରେ ପାଳିତ ହୋଇ ଯାଇଛି । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳାପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଅଲଗା ସମ୍ବିଧାନ, ଅଲଗାଭୋଜ ବାହାନାରେ ଜାମୁ କାଶ୍ମିର କିପରି ଭାରତରୁ ଅଲଗା ହେବାକୁ ବସୁଥିଲା, ସେ ସମୟରେ ଶ୍ୟାମାପ୍ରସାଦ ଏହାକୁ ବିରୋଧ କରିବା ସହ ସମଗ୍ର ଦେଶରେ କିପରି ବିପ୍ଳବର ବହ୍ନି ଜଳାଇଦେଇଥିଲେ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ପୂର୍ବତନ ଉପନଗରପାଳ ପ୍ରଭାତ ପରିଡ଼ା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଆଜି ଜାମୁ କାଶ୍ମିରରୁ ୩୭୦ଧାରା ଉଠିଯିବା ପରେ ଶ୍ୟାମାପ୍ରସାଦ ମୁଖାର୍ଜିଙ୍କର ସ୍ୱପ୍ନର ଭାରତ ସାକାର ରୂପ ନେଇଛି ବୋଲି ବ୍ୟକ୍ତ କରିଥିଲେ । ପ୍ରାତ୍ୟସୁମନ ମହାନ୍ତି ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ରଂଜନ ପାତ୍ର, ହିମାଂଶୁ ପଟ୍ଟନାୟକ, ଗୌତମ ଦାସ ଆୟୋଜନରେ ସହଯୋଗ କରିଥିଲେ । ଦେବିଶଙ୍କର କର କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଇରାନ ଉପରେ ଆମେରିକାର ଆକ୍ରମଣ ବିରୁଦ୍ଧରେ ସିପିଆଇ(ଏମ) ପକ୍ଷରୁ ଭଦ୍ରକରେ ବିକ୍ଷୋଭ




ଭଦ୍ରକ, ୨୪/୬ (ନି.ପ୍ର): ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ବିଭିନ୍ନ ଦେଶ ଯଥା ଉତ୍ତର କୋରିଆ, ଲେବାନନ୍, ଭିଏତନାମ, ସିରିଆ, ପାଲେଷ୍ଟାଇନ, ଇରାକ, ଇରାନ, ଆଫଗାନିସ୍ଥାନ, ଭେନଜୁଏଲା, କ୍ୟୁବା, ଆର୍ଜେଣ୍ଟିନା, ବଲିଭିଆ, ପେରୁ, ଚିଲି, ଉରୁଗୁଏ ଆଦି ୩୭ଟି ଦେଶ ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ନିର୍ବାଚିତ ସରକାର ମାନେ ଆକ୍ରମଣ କରି ସାରା ବିଶ୍ୱରେ ଯୁଦ୍ଧ ଅପରାଧୀ ଭାବେ ଆମେରିକାକୁ ପରିଚିତ କରାଇଛନ୍ତି। ନିକଟରେ ଇରାନ ଉପରେ ଆମେରିକା ଆକ୍ରମଣ କରି ଇରାନର ସାମରିକ ଘାଟିକୁ ନଷ୍ଟକରି ଏକ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ବିଶ୍ୱର ବିଭିନ୍ନ ଦେଶକୁ ଆହ୍ୱାନ କରିଛନ୍ତି । ରାଷ୍ଟ୍ରସଂଘର ପରାମର୍ଶ କୁ ଯୁକ୍ତରାଷ୍ଟ୍ର ଆମେରିକା ବେଖାତିର କରିଛି । ଭାରତ ବର୍ଷ ଏକ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ନେତୃତ୍ୱ ଭାବେ ଭାରତ ସରକାର ଏହି ଯୁଦ୍ଧ କୁ ବିରୋଧ କରିବା, ଇରାନ ଉପରେ ଆମେରିକା ଆକ୍ରମଣ ବନ୍ଦ କରିବା ଓ ରାଷ୍ଟ୍ରସଂଘର ଶକ୍ତି ବୃଦ୍ଧି ଦାବି କରି ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଭଦ୍ରକ ବନ୍ତ ଛକ ଠାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିବାଦ ସଭାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ବିଷ୍ଣୁ ଦାଶ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ଶଶିଭୂଷଣ ପଣ୍ଡା, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗିରିଧାରୀ ନାଥ, କାଳନ୍ଦୀ ପାତ୍ର, ମଳୟ ଭୋଇ, ଜୟନୁଲ ଆବେଦିନ, ସେକ୍ ସନାଉଲ୍ଲା, ସେକ୍ ସତ୍ତାର, ବୀମା କର୍ମଚାରୀ ନେତା ନବକିଶୋର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଆନ୍ତର୍ଜାତିକ ଯୁଦ୍ଧ ଅପରାଧୀ ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ ଭାରତ ସରକାର ଖୋଲାଖୋଲି ବାହାରିବାକୁ ନିବେଦନ କରିଥିଲେ ।

# ରଥଯାତ୍ରା ପାଇଁ ନୀଳଗିରି ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ତଦାରଖ



ନୀଳଗିରି,୨୪/୬(ନି.ପ୍ର) : ଦ୍ୱିତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚଳିତ ବର୍ଷ ରଥଯାତ୍ରା ଆସନ୍ତା ୨୭ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏନେଇ ନୀଳଗିରି ପ୍ରଶାସନ ଓ ପୋଲିସପକ୍ଷରୁ ମିଳିତ ତଦାରଖ କରାଯାଇଥିଲା। ରଥଦାଣ୍ଡର ଉଭୟପାର୍ଶ୍ୱରେ ଥିବା ଦୋକାନ ଗୁଡ଼ିକୁ ଯାଇ ସ୍ଥିତି ପରଖିଥିଲେ। ବିଶେଷକରି ରଥଟଣା ସମୟରେ ବାଧା ନଉପୁଜିବା ପାଇଁ ରାସ୍ତାପାର୍ଶ୍ୱ ପର୍ଯ୍ୟନ୍ତ ମାଡିଆସିଥିବା ଦୋକାନୀ ମାନଙ୍କୁ ଦୋକାନ ରାସ୍ତାଠାରୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ଏତଦଭିନ୍ନ ରଥଟଣା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେରଖି ଯେଭଳି ଶ୍ରଦ୍ଧାଳୁ ଓ ଭକ୍ତମାନେ ରଥଦାଣ୍ଡରେ ସହଜରେ ଚଳପ୍ରଚଳ କରିପାରିବେ ସେଥିପାଇଁ ଦୋକାନୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଉଠା ଦୋକାନୀ ଏବଂ ସ୍ଥାୟୀ ଦୋକାନରେ ବିକ୍ରି କରାଯାଉଥିବା ଖାଦ୍ୟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବାସିଖାଦ୍ୟ ବିକ୍ରି ନକରିବାକୁ ବାରଣ କରିଥିଲେ। ମଦଦୋକାନ ବନ୍ଦ କରିବାସହ ଦୋକାନର ପାର୍ଶ୍ୱବର୍ତ୍ତି ସ୍ଥାନରେ ଅଳିଆଆବର୍ଜନା ନପକାଇ ଡଷ୍ଟବିନରେ ପକାଇବାକୁ ଆଦେଶ ଦେଇଥିଲ। ଏହି ମିଳିତ ତଦାରତ ଟିମରେ ନୀଳଗିରି ତହସିଲଦାର ସୋନମ ଦାସ, ଏନଏସି ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ପୂର୍ତ୍ତବିଭାଗ ଅଧିକାରୀ ଶ୍ରୀନିବାସ ଜେନା, ଏସଡ଼ିପିଓ ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ବନ୍ୟା ଉଜାଡି ଦେଲା ନଳିତା ଚାଷ: ଚାଷୀ ମୁଣ୍ଡରେ ଚଡକ



ଲଙ୍ଗଳେଶ୍ୱର, ୨୪/୬ (ନି.ପ୍ର): ସୁବର୍ଣ୍ଣ ରେଖା ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକର ହେକ୍ଟର ହେକ୍ଟର ନଳିତା ଓ ପରିବା ଚାଷ ଉଜୁଡି ଯାଇଛି। ଏବେ ବି ବିଲରେ ବନ୍ୟା ପାଣି ଜମି ରହିଛି।ଚାଷ କ୍ଷତି ଯୋଗୁଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ସରକାର କ୍ଷୟ କ୍ଷତିର ଆକଳନ କରି କ୍ଷତି ପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁଁ ନଳିତା ଚାଷ ଖୁବ ଭଲ ହୋଇଥିଲା। ସରକାରୀ ବିହନ ବିକ୍ରୟ କେନ୍ଦ୍ରରୁ ଉଭୟେ ମିଠା ଓ ପିତା ନଳିତା ମଞ୍ଜି କ୍ରୟ କରି ଚାଷୀ ଚାଷ କରିଥିଲେ। କେତେକ ଚାଷୀ ଚାଷ ପାଇଁ ଜାତୀୟ କରଣ ବ୍ୟାଙ୍କ ଓ ସେବା ସମବାୟ ସମିତିରୁ ଏଥିପାଇଁ ଋଣ ଆଣିଥିଲେ। ଏବେ ଚାଷ ଉଜୁଡି ଯିବାରୁ ଋଣ ସୁଝି ପାରିବେ ନାହିଁ ବୋଲି ଅନନ୍ତ କୁମାର ଜେନା, ଲୋକନାଥ ଦଳାଇ, ମହେଶ୍ୱର ଗଙ୍ଗାଇ, ଭୀଷ୍ମ ଚରଣ ଦାସ, ମୁକୁନ୍ଦ ମୁରାରୀ ସେଣ, ଶରତ ଚନ୍ଦ୍ର ପ୍ରଧାନ, ସୁବୋଧ କୁମାର ପାତ୍ର, ପର୍ଶୁରାମ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ନଳିତା ଏକ ଅର୍ଥକାରୀ ଫସଲ ହୋଇ ଥିବାରୁ ପ୍ରାୟେ ଅଶି ଦଶକରୁ ସୁବର୍ଣ୍ଣ ରେଖା ନଦୀ ଅବବାହିକା କୁମ୍ଭୀର, ନିଖିରା, ଶ୍ରୀରାମ ପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା, ଜାମ କୁଣ୍ଡା ଆଦି ପଞ୍ଚାୟତରେ ପ୍ରଚୁର ପରିମାଣରେ ଚାଷୀ ଚାଷ କରିଥାନ୍ତି। ତିନି ଦିନ ଧରି ବନ୍ୟା ପାଣିରେ ନଳିତା ଗଛ ଗୁଡିକ ବୁଡି ରହିବା ଯୋଗୁଁ ଏବେ ଗଛ ଗୁଡିକ ପଚିବା ଆରମ୍ଭ କରିଛି। ସେହିପରି ବନ୍ୟା ଯୋଗୁଁ ଚାଷୀଙ୍କ ପରିବା ଚାଷ ଉଜୁଡି ଯାଇଛି କହିଲେ ଚଳେ। ବାଇଗଣ, ପୋଇ, ଭେଣ୍ଡି, କଲରା, କଖାରୁ, ଜହ୍ନି, କାକୁଡି ଆଦି ଚାଷ ଜମି ରେ ବନ୍ୟା ପାଣି ପଶିବା ଫଳରେ ଗଛ ଗୁଡିକ ପଚି ଶୁଖିବାକୁ ଲାଗିଛି।ଫଳ ଧରିବା ସମୟରେ ଚାଷ ନଷ୍ଟ ହୋଇ ଯାଇ ଥିବାରୁ ଚାଷୀ ଅଧିକ କ୍ଷତିର ସମ୍ମୁଖୀନ ହୋଇଥିବା କୁହାଯାଇଛି।

# ଭଦ୍ରକରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ସଭା ଅନୁଷ୍ଠିତ




ଭଦ୍ରକ,୨୫/୬ (ନି.ପ୍ର): ଆଜି ଦିବା ୧୨ଟା୩୦ ରେ ଭଦ୍ରକ ଜିଲ୍ଲା ପରିଷଦ ସଭା ଗୃହରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଅଛି। ଏହି ବୈଠକର ଅଧକ୍ଷତା କରିଥିଲେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସରୋଜ କୁମାର ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ ଓ ଉପଶ୍ରମ କମିଶନର ଶ୍ରୀ ବିନୋଦ କୁମାର ଟୁଡୁ, ଶ୍ରମ ଅଧିକାରିଣୀ ପ୍ରେମ ମଞ୍ଜରୀ ନାୟକ, ପୂର୍ବତନ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ସୁଧାଂଶୁ ଶେଖର ବଳ,ଡିସିପିଓ ଅବିନାଶ ମହାନ୍ତି, ସିଡବ୍ଲ୍ୟୁସି ଚେୟାରମ୍ୟାନ୍ ଡ. ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି ଓ ଜିଲ୍ଲାର ପ୍ରମୁଖ ଅଧିକାରୀ ମାନେ ଯୋଗ ଦେଇ ଥିଲେ। ଶିଶୁ କାହାକୁ କୁହାଯାଏ ? ୧୪ ବର୍ଷରୁ କମ ବର୍ଷର ପିଲାଙ୍କୁ ଶିଶୁ କୁହାଯାଏ। ୧୪ ରୁ ୧୮ ବର୍ଷର ପିଲାଙ୍କୁ କିଶୋର କୁହାଯାଏ । ତେଣୁ ଏହି ୧୮ ବର୍ଷରୁ କମ ବୟସ୍କ ପିଲାଙ୍କୁ ଯଦି ଅର୍ଥ ପାଇଁ କେଉଁଠି କାର୍ଯ୍ୟ କରାଯାଉଥିବ ତେବେ ତାଙ୍କୁ ଶିଶୁ ଶ୍ରମିକ ବୋଲି ବିବେଚନା କରାଯିବ। ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ କୁ ଦଣ୍ଡ ପ୍ରଦାନ ର ପ୍ରାବିଧାନ ରହିଛି। ଭଦ୍ରକରେ ବିଡି ଶିଶୁ ଶ୍ରମିକ ବିରୋଧୀ ପ୍ରଥମ ଆନ୍ଦୋଳନ ସଫିଆ ବେଗମ୍ ଙ୍କ ଦ୍ୱାରା କରା ଯାଇଥିଲା। ସେ ବିଭିନ୍ନ ସମୟରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ଭୂମିକା ନେଇଥାନ୍ତି। ପୂର୍ବତନ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କହିଲେ ଯେ ଶିଶୁ ଶ୍ରମିକ ସମାଜରେ ବୃଦ୍ଧି ପାଇଲେ କିପରି ନିଶା କାରବାର ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ବିଦ୍ୟାଳୟ ସ୍ତରରେ ଶିଶୁ ଶ୍ରମିକ ଚିହ୍ନଟ କରାଯାଇ ଶିଶୁ ଶ୍ରମିକର ନିରାକରଣ ହୋଇ ପାରିଲେ ଶିଶୁ ଶ୍ରମିକର ହାର କ୍ରମଶ ହ୍ରାସ ପାଇବ। ଶେଷରେ ଉପ ଶ୍ରମ କମଶନର ଧନ୍ୟବାଦ ଦେଇଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida